بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 48

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

29 ନଭେମ୍ବର 2018 29 ନବୁଓ୍ୱତ୍ 1397 ହି.ଶ 20 ରବିଉଲ୍ ଅଓ୍ୱଲ୍ 1440 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

یٰۤاَیُّہَا الَّذِیۡنَ اٰمَنُوۡۤا
اِذَا تَدَایَنۡتُمۡ بِدَیۡنٍ
اِلٰۤی اَجَلٍ مُّسَمًّی
فَاکۡتُبُوۡہُ ؕ

(سورۃ البقرۃ:283)

**ଅନୁବାଦ -**

ହେ ବିଶ୍ୱାସକାରୀମାନେ ! ଯେବେ ତୁମେମାନେ ଜଣେ ଅନ୍ୟଠାରୁ କୌଣସି ନିର୍ଦ୍ଦିଷ୍ଟ ସମୟ ପାଇଁ କରଜ ନିଅ ତେବେ ତାହାକୁ ଲେଖିରଖ ।

(ବକ୍ରାଃ : ୨୮୩)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ·ବ·କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ·ବ·ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ·ବ·ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ଯେଉଁ ବସ୍ତୁ ପାପରୁ ମୁକ୍ତିଦିଏ, ଖୁଦାଙ୍କ ନିକଟରେ ପହଂଚାଏ ଏବଂ ସତ୍ୟତା ଓ ଦୃଢ଼ତାରେ ଫରିସ୍ତାମାନଙ୍କ ଠାରୁ ମଧ ଆଗକୁ ବଢ଼ାଇ ନିଏ, ତାହା ହେଉଛି ବିଶ୍ୱାସ । ପ୍ରତ୍ୟେକ ଧର୍ମ ଯିଏ ବିଶ୍ୱାସର ସାମଗ୍ରୀ/ଉପକରଣ ଉପସ୍ଥାପନ କରୁନାହିଁ, ସେ ହେଉଛି ମିଥ୍ୟାବାଦୀ । ପ୍ରତ୍ୟେକ ଧର୍ମ ଯାହା ମଧ୍ୟରେ ପୁରୁଣା କାହାଣୀ ବ୍ୟତୀତ ଆଉ କିଛି ମିଳେନାହିଁ ସେ ହେଉଛି ଅସତ୍ୟ ।

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ହେ ଇଶ୍ୱର ପିପାସୁ ଭକ୍ତ ଗଣ ! କାନ ଖୋଲି ଶୁଣ ଯେ ୟକିନ୍ (ବିଶ୍ୱାସ) ସଦୃଶ କୌଣସି ଜିନିଷ ନାହିଁ । ବିଶ୍ୱାସ ହିଁ ପାପରୁ ମୁକ୍ତି ଦିଏ । ବିଶ୍ୱାସ ହିଁ ପୁଣ୍ୟ କାର୍ଯ୍ୟ କରିବା ପାଇଁ ଶକ୍ତି ଦିଏ, ବିଶ୍ୱାସ ହିଁ ଖୁଦାଙ୍କ ସତ୍ୟପ୍ରେମୀ ବନାଏ । କଣ ତୁମେମାନେ ବିନା ବିଶ୍ୱାସରେ ପାପକୁ ପରିତ୍ୟାଗ କରିପାରିବ, କଣ ତୁମେ ଦିପ୍ତିମୟ ବିଶ୍ୱାସ ବିନା ନିଜ ଅହଂଭାବରୁ ରହିତ ହୋଇପାରିବ, କଣ ତୁମେ ବିନା ବିଶ୍ୱାସରେ କୌଣସି ଆତ୍ମସନ୍ତୋଷ ଲଭିପାରିବ, କଣ ତୁମେ ବିନା ବିଶ୍ୱାସରେ କୌଣସି ସତ୍ ପରିବର୍ତନ ସୃଷ୍ଟି କରିପାରିବ, କଣ ତୁମେ ବିନା ବିଶ୍ୱାସରେ କୌଣସି ସତ୍ ଆନନ୍ଦ ହାସଲ କରିପାରିବ, କଣ ଆକାଶ ତଳେ ଏପରି କିଛି କଫାରାଃ (ପାପଘ୍ନ) ଏବଂ ଏପରି କୌଣସି ଫିଦିୟା (ମୁକ୍ତି ପ୍ରତିଦାନ) ଅଛି ଯାହା ତୁମକୁ ପାପରୁ ଅଲଗା କରିପାରିବ, କଣ ମରିୟମ୍‌ଙ୍କ ପୁତ୍ର ଇସା (ଆ:ସ) ଏପରି ଅଟନ୍ତି କି ତାଙ୍କର କୃତ୍ରିମ ରକ୍ତ ଦ୍ୱାରା ପାପରୁ ମୁକ୍ତି ମିଳିପାରିବ । ହେ ଇସାଇମାନେ ! ଏପରି ମିଥ୍ୟା କୁହନାହିଁ, ଯଦ୍ୱାରା ପୃଥିବୀ ଖଣ୍ଡ ଖଣ୍ଡ ହୋଇଯିବ । ୟସୁ (ମସିହ୍) ନିଜେ ହିଁ ମୁକ୍ତି ପାଇବା ପାଇଁ ମୋହତାଜ୍ (ଆଶ୍ରିତ) ଥିଲା । ଏବଂ ସେ ବିଶ୍ୱାସ କରିଲା ଓ ମୁକ୍ତି ପାଇଲା । ଉକ୍ତ ଇସାଇମାନଙ୍କ ଉପରେ ଦୁଃଖ ଲାଗୁଛି ଯେଉଁମାନେ ଏକଥା କହି ଲୋକମାନଙ୍କୁ ଧୋକା ଦେଉଛନ୍ତି କି ଆମେ ମସିହ୍‌ଙ୍କ ଖୁନ୍ (ରକ୍ତ) ଦ୍ୱାରା ପାପରୁ ମୁକ୍ତି ପାଇଲୁ । ଯେବେ କି ସେମାନେ ଆପାଦମସ୍ତକ ପାପରେ ବୁଡି ରହିଛନ୍ତି । ସେମାନେ ଜାଣିନାହାଁନ୍ତି କି ତାଙ୍କର ଖୁଦା କିଏ । ବରଂ ତାଙ୍କର ଜୀବନ ଅସାବଧାନତା, ତାଙ୍କ ମୁଣ୍ଡ ସୁରାପାନରେ ମସ୍ତ ହୋଇ ରହିଛି । କିନ୍ତୁ ସେହି ପବିତ୍ର ମସ୍ତି ଯାହା ଆକାଶରୁ ଅବତୀର୍ଣ୍ଣ ହୁଏ, ସେ ବିଷୟରେ ତାଙ୍କୁ ଖବର ନାହିଁ, ଏବଂ ଯେଉଁ ଜୀବନ ଖୁଦାଙ୍କ ସହିତ (ମନ ଲଗାଇବାରେ) ମିଳିଥାଏ ଏବଂ ଯାହା ପବିତ୍ର ଜୀବନର ଫଳ ହୋଇଥାଏ, ସେମାନେ ସେଥିରୁ ବଂଚିତ । ସୁତରାଂ ତୁମେ ମନେରଖ କି ବିନା ବିଶ୍ୱାସରେ ତୁମେ ଅନ୍ଧକାରମୟ ଜୀବନରୁ ବାହାରି ପାରିବ ନାହିଁ ଏବଂ ନା ତୁମକୁ ରୁହୁଲ୍ କୁଦୁସ୍ (ପବିତ୍ର ଆତ୍ମା) ମିଳି ପାରିବ । ମଙ୍ଗଳମୟ ହେଉଛନ୍ତି ସେମାନେ ଯିଏ ଶଙ୍କା ଓ ସଂଶୟରୁ ମୁକ୍ତି ପାଇଗଲେ କାରଣ ସେମାନେ ହିଁ ପାପରୁ ନିଜାତ (ମୁକ୍ତି) ପାଇବେ । ତୁମକୁ ଅଭିନନ୍ଦନ ଯେ, ବିଶ୍ୱାସର ସମ୍ପତି ତୁମକୁ ଦିଆଯାଇଛି କି ତା'ପରେ ତୁମ ପାପ କ୍ଷୟ ହେବ । ପାପ ଏବଂ ବିଶ୍ୱାସ ଦୁଇଟିଯାକ ଏକାଠି ହୋଇପାରିବେ ନାହିଁ । କଣ ତୁମେ ଏପରି ଗର୍ତ ଭିତରେ ହାତ ପୁରାଇ ପାରିବ ଯେଉଁଥିରେ ତୁମେ ଗୋଟିଏ ବିଷଧର ସର୍ପକୁ ଥିବାର ଦେଖୁଅଛ । କଣ ତୁମେ ଏପରି ସ୍ଥାନରେ ଛିଡା ହୋଇ ରହିପାରିବ, ଯେଉଁ ସ୍ଥାନରେ ଏକ ଜ୍ୱାଳାମୁଖି ପର୍ବତରୁ ପଥର ବର୍ଷା ହେଉଥିବ ବା ବିଜୁଳି ମାରୁଥିବ ବା ଏକ ହିଂସ୍ର ସିଂହର ଆକ୍ରମଣ କରିବାର ସ୍ଥାନ ଥିବ ବା ଏପରି ଏକ ସ୍ଥାନ ଥିବ ଯେଉଁଠି ଏକ ବିଧ୍ୱଂସକାରୀ ତାଉନ୍ (ପ୍ଲେଗ୍ ରୋଗ) ମନୁଷ୍ୟ ଜାତିକୁ ନିଃଶେଷ କରୁଥିବ । ପୁଣି ତୁମକୁ ଯଦି ଖୁଦାଙ୍କ ଉପରେ ଏପରି ବିଶ୍ୱାସ ରହିଛି ଯେପରି ସାପ ବା ବିଜୁଳି ବା ସିଂହ ବା ତାଉନ୍ ଉପରେ ଅଛି ତେବେ ସମ୍ଭବ ନୁହେଁ କି ତା ମୁକାବିଲାରେ ତୁମେ ନାଫରମାନ (ଅବଜ୍ଞାକାରୀ) ହୋଇ ଦଣ୍ଡ ପାଇବାର ମାର୍ଗକୁ ଗ୍ରହଣ କରିପାରିବ ବା ତା ସହିତ ସତ୍ୟ ଓ ଭକ୍ତିଭାବର ସମ୍ପର୍କକୁ ଭାଙ୍ଗିଦେବ ।

ହେ ସେହି ଲୋକମାନେ, ଯେଉଁମାନେ ପୁଣ୍ୟ ଓ ସଦାଚାରୀ ନିମନ୍ତେ ଡକା ଯାଇଅଛ । ତୁମେ ନିଶ୍ଚିତ ରୂପେ ଜାଣ କି ଖୁଦାଙ୍କ ଆକର୍ଷଣ ସେତେବେଳେ ତୁମଠାରେ ସୃଷ୍ଟି ହେବ ଏବଂ ତୁମକୁ ପାପର ଘୃଣ୍ୟଦାଗରୁ ପବିତ୍ର କରାଯିବ ଯେତେବେଳେ ତୁମର ହୃଦୟ ବିଶ୍ୱାସରେ ଭରିଯିବ । ବୋଧହୁଏ ତୁମେ କହିବ କି ଆମକୁ ବିଶ୍ୱାସ ହାସଲ ହୋଇଅଛି ବୋଲି । ତେଣୁ ତୁମେ ମନେରଖ ଯେ ଏହା ତୁମକୁ ଧୋକା ଲାଗିଛି । ତୁମକୁ କଦାପି ବିଶ୍ୱାସ ହାସଲ ହୋଇନାହିଁ, କାରଣ ତାର ଉପକରଣ ଗୁଡିକ (ତମୁକୁ) ହାସଲ ହୋଇନାହିଁ । ଏହାର କାରଣ ହେଉଛି ତୁମେ ପାପରୁ ନିବୃତ ହେଉନାହଁ । ତୁମେ ଏପରି ପଦକ୍ଷେପ ଆଗକୁ ଉଠାଇ ନାହଁ ଯେପରି ଉଠାଇବା କଥା । ତୁମେ ଏଭଳି ଡରୁନାହଁ ଯେଉଁଭଳି ଡରିବା ଉଚିତ୍ । ନିଜେ ଚିନ୍ତାକର କି ଯାହାକୁ ଏ ବଶ୍ୱାସ ଅଛି କି ଅମୁକ ଗାତ ଭିତରେ ସାପଟିଏ ଅଛି ବୋଲି ସେ ଉକ୍ତ ଗାତରେ କେବେ ହାତ ପୁରାଏ ! ଏବଂ ଯାହାକୁ ଏ ବିଶ୍ୱାସ ଅଛି କି ତା ଖାଦ୍ୟରେ ବିଷ ଦିଆଯାଇଛି ବୋଲି, ସେ ଉକ୍ତ ଖାଦ୍ୟକୁ କେବେ ଖାଇଥାଏ । ଏବଂ ଯିଏ ନିଶ୍ଚିତ ରୂପେ ଏହା ଦେଖୁଥାଏ କି ଅମୁକ ବଣ ଭିତରେ ଏକ ହଜାର ହିଂସ୍ର ସିଂହ ଅଛନ୍ତି ବୋଲି ତାର ପାଦ କଣ ଅସତର୍କତା ଓ ଅସାବଧାନତାର ସହିତ ଉକ୍ତ ବଣ ଭିତରକୁ ପଡିପାରିବ । ସୁତରାଂ ତୁମର ହାତ, ତୁମର ଗୋଡ ଓ ତୁମର କାନ ଏବଂ ତୁମର ଆଖି କାହିଁକି ପାପ କରିବା ପାଇଁ ସାହସ କରିପାରିବେ ଯଦି ତୁମକୁ ଖୁଦା ଓ ହିସାବ ନିକାଶ (ପୁରସ୍କାର ଓ ଦଣ୍ଡ ମିଳିବା ଦିନ) ଉପରେ ବିଶ୍ୱାସ ଥିବ । ପାପ ବିଶ୍ୱାସ ଉପରେ ବିଜୟ ପାଇପାରିବ ନାହିଁ ଏବଂ ଅଥଚ ଯେବେ ତୁମେ ଏକ ଭସ୍ମକାରୀ ଓ ନିଃଶେଷ କରୁଥିବା ଅଗ୍ନିକୁ ଦେଖୁଥିବାବେଳେ ସେହି ଅଗ୍ନିରେ କଣ ନିଜକୁ ପକାଇପାରିବ । ବିଶ୍ୱାସର ପ୍ରାଚୀର ଆକାଶ ପର୍ଯ୍ୟନ୍ତ ଲମ୍ବିଛି, ସୈତାନ୍ ତା ଉପରକୁ ଚଢ଼ିପାରିବ ନାହିଁ । ପ୍ରତ୍ୟେକ ଯେ ପବିତ୍ର ହୋଇଛନ୍ତି, ସେ ବିଶ୍ୱାସ ଦ୍ୱାରା ହିଁ ପବିତ୍ର ହୋଇଛନ୍ତି । ବିଶ୍ୱାସ ହେଉଛି ଦୁଃଖ ସହିବା ପାଇଁ ଶକ୍ତି, ଏପରିକି ତାହା ଜଣେ ସମ୍ରାଟକୁ ରାଜଗାଦିରୁ ଓହ୍ଲାଇଦେଇ ଗୋଟିଏ ଫକିରର ଜାମା ପିନ୍ଧାଇଦିଏ । ବିଶ୍ୱାସ ସବୁ ଦୁଃଖକୁ ସହଜ କରିଦିଏ । ବିଶ୍ୱାସ ଖୁଦାଙ୍କ ଦର୍ଶନ କରାଏ । ସମସ୍ତ କଫାରାଃ (ପାପଘ୍ନ) ମିଥ୍ୟା ଅଟେ ଓ ପ୍ରତ୍ୟେକ ଫିଦିୟା (ମୁକ୍ତି ପ୍ରତିଦାନ) ବାତିଲ୍ ଅଟେ । ପ୍ରତ୍ୟେକ ପବିତ୍ରତା ବିଶ୍ୱାସର ମାର୍ଗରୁ ଆସିଥାଏ । ଯେଉଁ ଜିନିଷ ପାପରୁ ମୁକ୍ତିଦିଏ, ଖୁଦାଙ୍କ ନିକଟରେ ପହଂଚାଏ ଏବଂ ସତ୍ୟତା ଓ ଦୃଢ଼ତାରେ ଫରିସ୍ତାମାନଙ୍କ ଠାରୁ ମଧ ଆଗକୁ ବଢ଼ାଇ ନିଏ, ତାହା ହେଉଛି ବିଶ୍ୱାସ । ପ୍ରତ୍ୟେକ ଧର୍ମ ଯିଏ ବିଶ୍ୱାସର ସାମଗ୍ରୀ/ଉପକରଣ ଉପସ୍ଥାପନ କରୁନାହିଁ, ସେ ହେଉଛି ମିଥ୍ୟାବାଦୀ । ପ୍ରତ୍ୟେକ ଧର୍ମ ଯାହା ମଧରେ ପୁରୁଣା କାହାଣୀ ବ୍ୟତୀତ ଆଉ କିଛି ମିଳେନାହିଁ ସେ ହେଉଛି ମିଥ୍ୟା । ଖୁଦା ଯେପରି ପୂର୍ବରୁ ଥିଲେ ବର୍ତମାନ ମଧ ସେପରି ଅଛନ୍ତି ଏବଂ ତାଙ୍କର ଶକ୍ତି ଯେପରି ପୂର୍ବରୁ ଥିଲା ତାହା ବର୍ତମାନ ମଧ ବିଦ୍ୟମାନ । ସେ ପୂର୍ବରୁ ଯେଉଁଭଳି ନିଦର୍ଶନ ଦେଖାଇବାର ଶକ୍ତି ରଖିଥିଲେ ତାହା ବର୍ତମାନ ମଧ ରଖିଛନ୍ତି । ତେବେ ପୁଣି ତୁମେ କାହିଁକି କାହାଣୀ ଉପରେ ସନ୍ତୁଷ୍ଟ ହୋଇଯାଉଛ । ଏପରି ଧର୍ମ ନିଃଶେଷ ହୋଇଯାଇଛି, ଯାହା ଉପରେ ଖୁଦା ଅବତୀର୍ଣ୍ଣ ହୋଇନାହାଁନ୍ତି ଏବଂ ଯିଏ ବିଶ୍ୱାସ ମାଧ୍ୟମରେ ଖୁଦାଙ୍କ ହସ୍ତଦ୍ୱାରା ପବିତ୍ର ହୋଇନାହିଁ । ଯେଉଁଭଳି ମନୁଷ୍ୟ ଭୌତିକ ଆସ୍ୱାଦନାକୁ ଦେଖି ତା ଆଡକୁ ଟାଣି ହୋଇଯାଉଛି ସେହିଭଳି ଯେତେବେଳେ ମନୁଷ୍ୟ ଆଧାତ୍ମିକ ଆସ୍ୱାଦନାକୁ ବିଶ୍ୱାସ ମାଧ୍ୟମରେ ହାସଲ କରେ, ସେ ଖୁଦାଙ୍କ ପ୍ରତି ଟାଣି ହୋଇଯାଏ ଏବଂ ତା' (ଖୁଦା)ର ସୌନ୍ଦର୍ଯ୍ୟ ତାକୁ ଏପରି ମସ୍ତ୍ କରିଦିଏ କି ଅନ୍ୟ ସମସ୍ତ ବସ୍ତୁ ତାକୁ ସମ୍ପୂର୍ଣ୍ଣ ରୂପେ ଅଲୋଡା ଦେଖାଯାଏ ଏବଂ ମନୁଷ୍ୟ ସେତେବେଳେ ପାପରୁ ମୁକ୍ତି ପାଇଥାଏ ଯେତେବେଳେ ସେ ଖୁଦା ଓ ତାର ଶକ୍ତି ଏବଂ ଜଜାସଜା (ପୁରସ୍କାର ଓ ଦଣ୍ଡ ବିଧାନ) ଉପରେ ନିଶ୍ଚିତ ରୂପେ ଏତେଲା ପାଇଥାଏ । ପ୍ରତ୍ୟେକ ପ୍ରକାରର ଧୃଷ୍ଟତାର ମୂଳଦୁଆ ହେଉଛି ଅଜ୍ଞାନତା । ଯେଉଁ ବ୍ୟକ୍ତି ଖୁଦାଙ୍କ ସୁନିଶ୍ଚିତ ତତ୍ୱଜ୍ଞାନରୁ କିଛି ଭାଗପାଇଥାଏ ସେ (କଦାପି) ଦୁଃସାହସ କରିପାରିବ ନାହିଁ । ଯଦି ଘରର ମାଲିକ ଏକଥା ଜାଣିଥାଏ କି ଗୋଟିଏ ଭୀଷଣ ବନ୍ୟା ତା ଘର ଆଡକୁ ମାଡ଼ି ଆସୁଛି ବୋଲି ବା ତା ଘରର ଚତୁଃପାର୍ଶ୍ୱରେ ଅଳ୍ପ ଟିକିଏ ସ୍ଥାନ ଛାଡିଦେଇ ନିଆଁ ଲାଗିଯାଇଛି ସେତେବେଳେ ସେ ଉକ୍ତ ଘରେ ରହିପାରିବ ନାହିଁ । ତେବେ ପୁଣି ତୁମେ ଖୁଦାଙ୍କ ଜଜା ସଜା (ପୁରସ୍କାର ଓ ଦଣ୍ଡ ବିଧାନ) ବିଷୟରେ ବିଶ୍ୱାସ ଆଣିବାର ଦାବୀ କରି କିପରି ନିଜକୁ ଏକ ଭୟଙ୍କର ପରିସ୍ଥିତିରେ ରଖିଅଛ । ତେଣୁ ତୁମେ ଆଖି ଖୋଲ ଓ ଖୁଦାଙ୍କ ସେହି କାନୁନ୍‌କୁ ଦେଖ ଯାହା ସମଗ୍ର ସଂସାରରେ ମିଳିଥାଏ । ମୂଷା (ସଦୃଶ) ହୁଅନାହିଁ ଯିଏ ତଳକୁ ତଳକୁ ଯାଏ ବରଂ ସୁଉଚ୍ଚରେ ଉଡୁଥିବା କପୋତ (ସଦୃଶ) ହୁଅ ଯିଏ ଆକାଶର ବିସ୍ତୃତ ଭୂମିକୁ ନିଜପାଇଁ ପସନ୍ଦ କରିଥାଏ । ତୁମେ ତୌବା କରିବାର ବୟତ କରି ପୁଣି ପାପ ଉପରେ କାଏମ୍ ରୁହନାହିଁ ଏବଂ ସାପ ସଦୃଶ ହୁଅନାହିଁ ଯିଏ କାତି ଛଡାଇଦେବା ପରେ ବି ସାପ ହିଁ ରହିଥାଏ । ମୃତ୍ୟୁକୁ ମନେରଖ କି ସେ ତୁମ ନିକଟକୁ ଯାଆ ଆସ କରୁଛି କିନ୍ତୁ ତୁମେ ତା ବିଷୟରେ ଅଜ୍ଞ ।

(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୬୬-୬୮)

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

**ଖିଲାଫତ୍‌ର ନେମତକୁ ଇସ୍‌ଲାମ୍‌ର ପ୍ରଥମ ଯୁଗରେ ସେତେବେଳେ ଛଡାଇ ନିଆଯାଇଥିଲା ଯେତେବେଳେ ଦୁନିଆଦାରି (ସଂସାରପ୍ରିତୀ) ମାତ୍ରାଧିକ ହୋଇଯାଇଥିଲା । ଏବେ ଇନ୍‌ଶାଅଲ୍ଲାଃ ଏହି ଫଏଜ୍ (ବୈଭବ)କୁ ଖୁଦାତାଲା ଜାରି ରଖିବେ କିନ୍ତୁ ଏଥିରୁ ସେହି ଲୋକମାନେ ବଂଚିତ ରହିବେ ଯେଉଁମାନେ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବାର ପ୍ରତିଶୃତିକୁ ପୂରଣ କରିବେ ନାହିଁ । ଉକ୍ତ ସର୍ତାବଳୀ ଗୁଡିକ ଉପରେ ପରିଚାଳିତ ହେବେନାହିଁ ଯାହା ସବୁ ଖିଲାଫତ୍‌ର ଇନ୍‌ଆନ୍ (ପୁରସ୍କାର) ସହିତ ଅଲ୍ଲାଃତାଲା ଧାର୍ଯ୍ୟ ରଖିଛନ୍ତି । ସୁତରାଂ ଏହି ନେମତ୍‌ର ସମ୍ମାନ କର ଓ ନିଜ ପରିବାରର ସଦସ୍ୟମାନଙ୍କୁ ଖିଲାଫତ୍‌ର ଗୁରୁତ୍ୱ ଏବଂ ବର୍‌କତ୍ ବିଷୟରେ ଜଣାଅ । ଅଲ୍ଲାଃତାଲା କରନ୍ତୁ କି**

**ଆମେ ଅଲ୍ଲାଃତାଲାଙ୍କ ଇଛା ମୁତାବକ ଖିଲାଫତ୍‌ର ଇନ୍‌ଆମ୍ କୁ ସମ୍ଭାଳି ରଖିବା ବାଲା ହେବା ।**

## ଅକ୍ଟୋବର ୧୨,୧୩,୧୪ - ୨୦୧୮ ମସିହାରେ କାଦିଆନ୍‌ରେ ଅନୁଷ୍ଠିତ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତର ସାଲାନା ଇଜ୍‌ତିମା ଅବସରରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ହୃଦୟସ୍ପର୍ଶୀ ବିଶେଷ ବାର୍ତା

ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତର ପ୍ରିୟ ସଦସ୍ୟଗଣ ।

*ଅସ୍‌ସଲାମୋ ଆଲୈକୁମ୍ ୱ ରହମତୁଲ୍ଲାହି ୱ ବରକାତୁହୁ*

ଅଲ୍‌ହମ୍‌ଦୋଲିଲ୍ଲାଃ ଆପଣମାନଙ୍କୁ ଏବର୍ଷ ମଧ୍ୟ ନିଜର ସାଲାନା ଇଜିତିମା ଅନୁଷ୍ଠିତ କରିବା ପାଇଁ ସୌଭାଗ୍ୟ ମିଳୁଅଛି । ଅଲ୍ଲାଃତାଲା ଏହାକୁ ପ୍ରତ୍ୟେକ କ୍ଷେତ୍ରରୁ ବାବର୍‌କତ୍ କରନ୍ତୁ ଓ ଏଥିରେ ଯୋଗ ଦେଇଥିବା ସମସ୍ତ ସଦସ୍ୟମାନଙ୍କୁ ଏଥିରୁ ଭର୍‌ପୁର୍ ଲାଭ ଉଠାଇବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ । ଆମିନ୍ !

ଅଲ୍ଲାଃତାଲାଙ୍କର ଏହା ହେଉଛି ଏକ ମହାନ୍ ଅନୁଗ୍ରହ କି ଆପଣମାନଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁ ମାନିବା ପାଇଁ ସେ ଶକ୍ତି ପ୍ରଦାନ କରିଛନ୍ତି । ଆପଣ ଆ:ସ ଜମାତ୍‌କୁ ନିଜର ଏ ସଂସାରରୁ ବିଦାୟ ନେବାର ଦୁଃଖପୂର୍ଣ୍ଣ ଖବର ଦେବା ସହିତ ଏ ସୁସମାଚାର ମଧ୍ୟ ଦେଇଥିଲେ କି -

''ଆଦ୍ୟକାଳରୁ ସୁନ୍ନତୁଲ୍ଲାଃ (ଅଲ୍ଲାଃଙ୍କ ନିୟମ) ଏହା ଚାଲିଆସିଛି କି ଖୁଦାତାଲା ଦୁଇଗୋଟି କୁଦ୍‌ରତ୍ (ଶକ୍ତି) ଦେଖାଇଥାଏ । ଯଦ୍ୱାରା ବିରୋଧିମାନଙ୍କର ଦୁଇଟି ମିଥ୍ୟା ଖୁସିକୁ ସେ ନିଃଶେଷ କରିଦେଇଥାଏ । ତେଣୁ ଏବେ ମଧ୍ୟ ଏହା ସମ୍ଭବ ନୁହେଁ କି ଖୁଦାତାଲା ନିଜର ପୁରାତନ ସୁନ୍ନତ୍‌କୁ ପରିତ୍ୟାଗ କରିଦେବେ । ସେଇଥିପାଇଁ ଯେଉଁକଥା ମୁଁ ତୁମକୁ କହିଲି ସେଥିରେ ଦୁଃଖିତ ହୁଅନାହିଁ ଓ ତୁମର ମନ ବ୍ୟତିବ୍ୟସ୍ତ ନହୋଇଯାଉ କାରଣ ତୁମପାଇଁ ଦ୍ୱିତୀୟ କୁଦ୍‌ରତ୍‌କୁ ଦେଖିବା ମଧ୍ୟ ଜରୁରୀ ଅଟେ ଓ ଏହା ଆସିବା ତୁମପାଇଁ ହେଉଛି ଉତମ, କାରଣ ତାହା ସ୍ଥାୟୀ, ଯାହାର ସିଲ୍‌ସିଲା କୟାମତ୍ ପର୍ଯ୍ୟନ୍ତ ବିଚ୍ଛିନ୍ନ ହେବନାହିଁ'' ।

(ରିସାଲା ଅଲ୍‌ୱସିୟତ୍, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୩୦୫)

ସୁତରାଂ ଆପଣମାନଙ୍କୁ ମୁବାରକ୍ (ଶୁଭେଚ୍ଛା) ହେଉଛି ଆପଣମାନେ ଖିଲାଫତେ ଅହେମଦୀୟା ସହିତ ସଂଶ୍ଳିଷ୍ଟ ଅଛନ୍ତି ଯିଏ କୟାମତ୍ ପର୍ଯ୍ୟନ୍ତ ନିଜର ଦର୍ପ ଓ ବୈଭବର ସହିତ କାଏମ୍ ରହିବ । ଏହା ଏପରି ବାବର୍‌କତ୍ ନିଜାମ୍ ଅଟେ ତା ବିନା ଧର୍ମୀୟ ଉନ୍ନତି ହୋଇପାରିବ ନାହିଁ । ଜମାତ୍‌ର ଏକତା ମଧ୍ୟ ଏହା ବିନା ତିଷ୍ଠି ରହିପାରିବ ନାହିଁ । ଏହା ହେଉଛି ଖିଲାଫତ୍‌ର ବର୍‌କତ୍ କି ଯଦ୍ୱାରା ସାରା ପୃଥିବୀରେ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ପହଂଚିପାରୁଛି । ଏମ୍.ଟି.ଏ ମାଧ୍ୟମରେ ଜମାତ୍‌ର ଖଲିଫା ୱକ୍ତଙ୍କ ସହିତ ପ୍ରତିକ୍ଷଣ ସମ୍ପର୍କ ଦୃଢ଼ ହେଉଅଛି ଓ ପ୍ରତ୍ୟେକ ପାର୍ଶ୍ୱରୁ ଅଲ୍ଲାଃତାଲାଙ୍କର ସାହାଯ୍ୟ ସହଯୋଗର ଦୃଶ୍ୟ ଆମେ ପ୍ରତ୍ୟହ ଦେଖୁଅଛୁ । ଖିଲାଫତ୍‌ର ନେମତକୁ ଇସ୍‌ଲାମ୍‌ର ପ୍ରଥମ ଯୁଗରେ ସେତେବେଳେ ଛଡାଇ ନିଆଯାଇଥିଲା ଯେତେବେଳେ ଦୁନିଆଦାରି (ସଂସାରପ୍ରିତୀ) ମାତ୍ରାଧିକ ହୋଇଯାଇଥିଲା । ଏବେ ଇନ୍‌ଶାଅଲ୍ଲାଃ ଏହି ଫଏଜ୍ (ବୈଭବ)କୁ ଖୁଦାତାଲା ଜାରି ରଖିବେ କିନ୍ତୁ ଏଥିରୁ ସେହି ଲୋକମାନେ ବଂଚିତ ରହିବେ ଯେଉଁମାନେ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବାର ପ୍ରତିଶୃତିକୁ ପୂରଣ କରିବେ ନାହିଁ । ଉକ୍ତ ସର୍ତାବଳୀ ଗୁଡିକ ଉପରେ ପରିଚାଳିତ ହେବେନାହିଁ ଯାହା ସବୁ ଖିଲାଫତ୍‌ର ଇନ୍‌ଆନ୍ (ପୁରସ୍କାର) ସହିତ ଅଲ୍ଲାଃତାଲା ଧାର୍ଯ୍ୟ ରଖିଛନ୍ତି । ସୁତରାଂ ଏହି ନେମତ୍‌ର ସମ୍ମାନ କର ଓ ନିଜ ପରିବାରର ସଦସ୍ୟମାନଙ୍କୁ ଖିଲାଫତ୍‌ର ଗୁରୁତ୍ୱ ଏବଂ ବର୍‌କତ୍ ବିଷୟରେ ଜଣାଅ । ଅଲ୍ଲାଃତାଲା କରନ୍ତୁ କି ଆମେ ଅଲ୍ଲାଃତାଲାଙ୍କ ଇଛା ମୁତାବକ ଖିଲାଫତ୍‌ର ଇନ୍‌ଆମ୍ କୁ ସମ୍ଭାଳି ରଖିବା ବାଲା ହେବା ।

ଏହା ମଧ୍ୟ ମନେରଖନ୍ତୁ କି ଖିଲାଫତ୍‌ର ପ୍ରତିଶୃତି ସେହି ଲୋକମାନଙ୍କ ସହିତ ରହିଛି ଯେଉଁମାନେ ଅଲ୍ଲାଃତାଲାଙ୍କର ହକ୍‌କୁ ପ୍ରଦାନ କରୁଥିବେ ଓ ସର୍ବପ୍ରଥମ ହକ୍ ହେଉଛି ଏହା କି *ୟାବୁଦୁନନୀ* ଅର୍ଥାତ୍ ସେମାନେ ମୋ ଉପାସନା କରିବେ । ତେଣୁ ଯଦି ଏହି ନେମତ୍‌ରୁ ଲାଭ ଉଠାଇବାକୁ ଚାହୁଁଛ ତେବେ ନିଜର ପାଂଚବେଳା ନମାଜକୁ ହିଫାଜତ୍ କରନ୍ତୁ । ପବିତ୍ର କୋରାନ୍ ଏହାକୁ ଏପରି ଏକ ଧାର୍ଯ୍ୟ ଓ ବାଧ୍ୟତାମୂଳକ ଉପାସନା ରୂପେ ଅଭିହିତ କରିଛି ଯାହା ସଠିକ୍ ସମୟରେ ପାଠି କରିବା ଜରୁରୀ ଅଟେ । ଆହାଦିସ୍‌ରେ ମଧ୍ୟ ନମାଜ ପଢ଼ିବା ପାଇଁ ବହୁତ ତାଗିଦ୍ କରାଯାଇଛି । ଏକଦା ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ଉଦାହରଣ ଦେଇ ନମାଜର ଗୁରୁତ୍ୱ ବର୍ଣ୍ଣନା କରିଛନ୍ତି । ଆପଣ ସ:ଆ:ସ କହୁଛନ୍ତି କି ତୁମମାନଙ୍କ ମଧ୍ୟରୁ ଯଦି କାହା ଘର ନିକଟ ଦେଇ କୌଣସି ନଦୀ ବହୁଥିବ ଏବଂ ସେ ସେଥିରେ ପାଂଚଥର ଗାଧଉଥିବ ତେବେ କୁହନ୍ତୁ କଣ ତା ଦେହରେ କୌଣସି ମଇଳା ରହିପାରିବ ? ସାହାବାମାନେ କହିଲେ ହେ ରସୁଲୁଲ୍ଲାଃ ! ନିଶ୍ଚିତ ! କୌଣସି ମଇଳା ରହିବ ନାହିଁ । ଏହାଶୁଣି ଆପଣ ସ:ଆ:ସ ପୁଣି ସେହି ଉଦାହରଣଟିକୁ ପାଂଚବେଳା ନମାଜ ସହିତ ଦେଲେ ଅର୍ଥାତ୍ ଅଲ୍ଲାଃତାଲା ତା ମାଧ୍ୟମରେ ପାପକୁ କ୍ଷମା କରିଥାଏ ଓ ଦୋଷ ଦୁର୍ବଳକୁ ଦୂର କରିଥାଏ । (ସହି ବୁଖାରୀ, ପୁସ୍ତକ- ମୱାକିତୁସ୍ ସଲାତ୍)

ମସ୍‌ଜିଦ୍‌କୁ ଆବାଦ କରିବା ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍ । ଇସ୍‌ଲାମ୍ ପୁରୁଷମାନଙ୍କୁ ବାଜମାତ୍ ନମାଜ ପଢ଼ିବା ପାଇଁ ଶିକ୍ଷା ଦେଇଛି । ଏହାଦ୍ୱାରା ଏକତା ସୃଷ୍ଟି ହୋଇଥାଏ । ଗୋଟିଏ ହଦିସ୍‌ରେ ଏକୁଟିଆ ନମାଜ ପଢ଼ିବା ଅପେକ୍ଷା ବାଜମାତ୍ ନମାଜ ପଢ଼ିବାରେ ୨୭ଗୁଣ ଅଧିକା ପୁଣ୍ୟ ମିଳିବ ବୋଲି ବର୍ଣ୍ଣନା କରାଯାଇଛି । ଜଣେ ମୋମିନ୍ ନମାଜକୁ ଏପରି ଅଭ୍ୟାସ କରିବା ଉଚିତ୍ କି ଫଳତଃ ପୁଣି କେବେ ନମାଜ ପଢ଼ିବାରେ ତାର କୌଣସି ଆଳସ୍ୟତା ନରହିବ । ଯେତେବେଳେ ମଣିଷ ଧୈର୍ଯ୍ୟ ଓ ଦୃଢ଼ତାର ସହିତ ନମାଜ ପାଠ କରିଥାଏ ସେତେବେଳେ ତାକୁ ଏକ ଆନନ୍ଦ ମଧ୍ୟ ମିଳିଥାଏ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

''ନମାଜ୍‌କୁ ନିୟମିତ ପାଠକର ଏବଂ ତୌବା ଓ ଇସ୍‌ତେଗ୍‌ଫାର୍ କରିବାରେ ଲାଗିରୁହ । ମାନବଜାତିର ଅଧିକାରକୁ ସୁରକ୍ଷା ଦିଅ ଏବଂ କାହାକୁ ଦୁଃଖ ଦିଅନାହିଁ । ସଦାଚାରୀ ଓ ପବିତ୍ରତାରେ ଉନ୍ନତି କର । ଏହାଦ୍ୱାରା ଅଲ୍ଲାଃତାଲା ପ୍ରତ୍ୟେକ ପ୍ରକାର କରୁଣା ପ୍ରଦାନ କରିବେ । ମହିଳାମାନଙ୍କୁ ମଧ୍ୟ ନିଜ ଘରେ ନିୟମିତ ନମାଜ ପାଠ କରିବା ପାଇଁ ଉପଦେଶ ଦିଅ'' ।

(ମଲ୍‌ଫୁଜାତ୍, ଖଣ୍ଡ-୩, ପୃଷ୍ଠା-୪୩୪)

ସୁତରାଂ ନିଜେ ମଧ୍ୟ ନମାଜକୁ ନିୟମିତ ପାଠ କରିବା ସହିତ ନିଜ ଜ୍ଞାତି କୁଟୁମ୍ବଙ୍କୁ ମଧ୍ୟ ଏଥିପ୍ରତି ପ୍ରୋତ୍ସାହିତ କର । ପୁଣି ଅନ୍‌ସାରୁଲ୍ଲାଃର ଆଉଗୋଟିଏ ଗୁରୁତ୍ୱପୂର୍ଣ ଦାୟିତ୍ୱ ହେଉଛି ତର୍‌ବିୟତେ ଔଲାଦ୍ (ସନ୍ତାନ ମାନଙ୍କର ତର୍‌ବିୟତ୍ କରିବା) । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ପ୍ରିୟ ଅନୁଯାୟୀମାନଙ୍କୁ ସନ୍ତାନମାନଙ୍କୁ ଖାଦିମେ ଦୀନ୍ ବନାଇବା ପାଇଁ, ସେମାନଙ୍କ ତର୍‌ବିୟତ୍ କରିବାର ଚିନ୍ତା, ସେମାନଙ୍କ ଆସ୍ଥା ଓ ବିଶ୍ୱାସର ସୁଧାର ଏବଂ ସେମାନଙ୍କ ଚାରିତ୍ରିକ ସୁଧାର କରିବା ପାଇଁ ଉପଦେଶ ଦେଇଛନ୍ତି । ଆପଣ ଆ:ସ ଚାହୁଁଥିଲେ କି ସନ୍ତାନ ଜନ୍ମ ହେବା ପୂର୍ବରୁ ପୁରୁଷ ଓ ମହିଳା ଦୁଇଜଣଯାକ ପୁଣ୍ୟ ମାର୍ଗରେ ପରିଚାଳିତ ହୁଅନ୍ତୁ ।

ଗୋଟିଏ ରିୱାୟତ୍‌ରେ ଆସୁଛି କି ଜଣେ ଅହେମଦୀ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଚିଠି ଲେଖିଲେ ଯେ ତାଙ୍କ ଜେରେ ତବ୍‌ଲିଗ୍ ବନ୍ଧୁଙ୍କର ତିନିଜଣ ସ୍ତ୍ରୀ ଅଛନ୍ତି କିନ୍ତୁ କୌଣସି ସନ୍ତାନ ନାହାଁନ୍ତି । ସେ ଏହି ସର୍ତରେ ବୟତ କରିବା ପାଇଁ ରାଜି ଅଛନ୍ତି କି ଯଦି ହଜୁର୍‌ଙ୍କ ଦୁଆ ବଳରେ ତାଙ୍କର ପ୍ରଥମ ସ୍ତ୍ରୀଙ୍କ ଠାରୁ ପୁତ୍ର ଜନ୍ମ ହେବ ତେବେ ସେ ବୟତ କରିନେବେ । ତାଙ୍କୁ ଉତରରେ ଏ ଚିଠି ମିଳିଲା କି ହଜୁର୍ ଦୁଆ କରିଛନ୍ତି ଏବଂ କହିଛନ୍ତି କି ଆପଣଙ୍କ ଘରେ ପୁତ୍ର ଜନ୍ମ ହେବ । କିନ୍ତୁ ଏ ସର୍ତ ରଖିଛନ୍ତି କି ଆପଣ ଜକରିଆଙ୍କ ପରି ତୌବା କରନ୍ତୁ । ସୁତରାଂ ସେହି ବ୍ୟକ୍ତିଜଣକ ବେଦିନି (ବିଧର୍ମପଥ)ର ଜୀବନକୁ ସମ୍ପୂର୍ଣ୍ଣ ରୂପେ ଛାଡିଦେଲେ । ମଦ୍ୟପାନ, ଲାଂଚକୁ ପରିତ୍ୟାଗ କଲେ ଏବଂ ନମାଜ୍‌କୁ ନିୟମିତ ପାଠ କଲେ । ଫଳତଃ ଅଲ୍ଲାଃତାଲା ତାଙ୍କୁ ହଜୁର୍‌ଙ୍କ ଦୁଆବଳରୁ ପୁତ୍ର ପ୍ରଦାନ କଲେ । ପୁଣି ସନ୍ତାନ୍ ଜନ୍ମ ହେବା ସହିତ ତାଙ୍କୁ ଏବଂ ସେହି ଇଲାକାର ଅନେକ ଲୋକଙ୍କୁ ବୟତ କରିବା ପାଇଁ ମଧ୍ୟ ସୌଭାଗ୍ୟ ମିଳିଲା ।

(ଖୁଲାସା ରିୱାୟତ୍ ନଂ-୨୪୧, ସିରତୁଲ୍ ମେହ୍‌ଦୀ, ପ୍ରଥମ ଖଣ୍ଡ)

ସୁତରାଂ ମାଆ ବାପାଙ୍କୁ ପୁଣ୍ୟର ଉତମ ଦୃଷ୍ଟାନ୍ତ ଦେଖାଇବା ଉଚିତ୍ । ଅଲ୍ଲାଃତାଲା ପୁଣ୍ୟର ଫଳ ନିଶ୍ଚିତ ପ୍ରଦାନ କରିଥାନ୍ତି । ତାଙ୍କର ଏହା ମଧ୍ୟ ଏକ ସୁନ୍ନତ କି ସେ ସତ୍ୟବାଦୀ ଓ ସଦାଚାରୀ ମାନଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କ ପୁଣ୍ୟର ଫଳ ପ୍ରଦାନ କରିଥାନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି -

''ଏପରି କାମ କରନ୍ତୁ ଯାହା ସନ୍ତାନମାନଙ୍କ ପାଇଁ ଉତମ ଦୃଷ୍ଟାନ୍ତ ହେଉଥିବ, ଶିକ୍ଷା ହେଉଥିବ ଓ ସେମାନଙ୍କ ପାଇଁ ଏହା ଜରୁରୀ ଅଟେ କି ସର୍ବପ୍ରଥମେ ନିଜେ ନିଜର ଇସ୍‌ଲାହ୍ କରନ୍ତୁ । ଯଦି ତୁମେ ଉଚ୍ଚସ୍ତରର ମୁତ୍‌ତକି ଏବଂ ପରେଜ୍‌ଗାର୍ (ଧର୍ମପରାୟଣ ଓ ନିଷ୍ଠାବାନ) ହୋଇଯିବ ଏବଂ ଖୁଦାତାଲାଙ୍କୁ ରାଜି କରାଇନେବ ତ ନିଶ୍ଚିତ କରାଯାଇପାରିବ କି ଅଲ୍ଲାଃତାଲା ତୁମ ସନ୍ତାନମାନଙ୍କ ସହିତ ମଧ୍ୟ ଉତମ ବ୍ୟବହାର କରିବେ । ପବିତ୍ର କୋରାନ୍‌ରେ ଖେଜର୍ ଏବଂ ମୁସା ଆ:ସଙ୍କର କିସା ଦରଜ ଅଛି କି ସେହି ଦୁଇଜଣଯାକ ମିଶି ଗୋଟିଏ କାନ୍ଥ ତିଆରି କରିଦେଲେ ଯାହା ଅନାଥ ପିଲାମାନଙ୍କର ଥିଲା । ସେଠାରେ ଅଲ୍ଲାଃତାଲା କହୁଛନ୍ତି- *ୱ କାନା ଅବୁହୁମା ସ୍ୱାଲେହନ୍* ଅର୍ଥାତ୍ ସେମାନଙ୍କର ବାପାମାନେ ସ୍ୱାଲେହ୍ (ପୁଣ୍ୟବନ୍ତ) ଥିଲେ । ଏକଥା କୁହାଯାଇନାହିଁ କି ଓ କିପରି ଥିଲେ । ସୁତରାଂ ସେହି ଉଦ୍ଦେଶ୍ୟକୁ ହାସଲ କର । ସନ୍ତାନମାନଙ୍କ ପାଇଁ ସର୍ବଦା ଏପରି ପୁଣ୍ୟ କରିବାକୁ ଇଛା ରଖ'' ।

(ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୪୪୪-୪୪୫)

ଅଲ୍ଲାଃତାଲା ଆପଣମାନଙ୍କୁ ଉକ୍ତ ସମସ୍ତ ପୁଣ୍ୟ ଉପଦେଶ ଉପରେ ପରିଚାଳିତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ ଓ ନିଜର କରୁଣା ପ୍ରଦାନ କରନ୍ତୁ । ଆମିନ୍ !

ୱସ୍‌ସଲାମ୍ ଖାକ୍‌ସାର୍
*ମିର୍ଜା ମସ୍‌ରୁର୍ ଅମେହଦ୍*
*ଖଲିଫତୁଲ୍ ମସିହିଲ୍ ଖାମିସ୍*

# ଖୁତ୍‌ବା ଜୁମା

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜଣକୁ ପ୍ରକୃତ ଅହେମଦୀ ହେବାପାଇଁ କିଛି ସର୍ତାବଳୀ ରଖିଛନ୍ତି, କିଛି ଦାୟିତ୍ୱ ନ୍ୟସ୍ତ କରିଛନ୍ତି, କିଛି କର୍ତବ୍ୟ ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି କି ଯଦି ଏ ସବୁଗୁଡିକ ଉପରେ ଅମଳ କରିବ, ଏ ଗୁଡିକ ପ୍ରଦାନ କରିବ ତେବେ ଯାଇ ପ୍ରକୃତରେ ତୁମେମାନେ ମୋ ଜମାତ୍‌ରେ ଗଣା ହେବ ।

ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି କି ନିଜର ଆମାଲ୍ (କର୍ମ)ରେ ଗର୍ବ ଓ ଦେଖାଣିଆ ଭାବର ସହିତ କାର୍ଯ୍ୟ ନେବା ଏବଂ ଲୁକ୍କାୟିତ ରହିଥିବା ଇଛା ଓ ଅଭିଳାଷାରେ ଲିପ୍ତ ରହିବା ହେଉଛି ମଧ୍ୟ ଶିର୍କ୍ । ଯଦି କୌଣସି ବ୍ୟକ୍ତି ଦିନୀ ହୁକୁମ୍‌କୁ ପଛରେ ପକାଇ ସାଂସାରିକ ଅଭିଳାଷାକୁ ପୂରଣ କରେ ସେତେବେଳେ ସେ ଶିର୍କ୍ କରିଥାଏ ।

ଖିଲାଫତ୍‌ର ତ ଅସଲ କାର୍ଯ୍ୟ ହେଉଛି ଶିର୍କ୍‌କୁ ନିଃଶେଷ କରିବା ଏବଂ ଏକେଶ୍ୱରବାଦର ପ୍ରତିଷ୍ଠା କରିବା ଓ ସେହି ମିଶନ୍‌କୁ ସମ୍ପୂର୍ଣ୍ଣ କରିବା ଯାହାପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆବିର୍ଭାବ ହୋଇଛନ୍ତି । ଖିଲାଫତ୍‌ର ସମ୍ମାନ ପ୍ରତିଷ୍ଠା କରିବା ହେଉଛି ଖଲିଫାଏ ଓ୍ୱକ୍ତଙ୍କ କାର୍ଯ୍ୟ ଏବଂ ଏହା ହେଉଛି ତାଙ୍କର ଦାୟିତ୍ୱ ଓ ସେ ଏହା କରିବେ ଏବଂ ଏଇଥିପାଇଁ କରିବେ କି ଅଲ୍ଲାଃତାଲାଙ୍କ ପ୍ରତିଶୃତି ମୁତାବକ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ପେଶ୍‌ଗୋଇ ମୁତାବକ ଖିଲାଫତ୍ ଜରିଆରେ ତୌହିଦ୍ (ଏକେଶ୍ୱରବାଦ) ର ବାର୍ତା ସଂସାରରେ ପ୍ରଚାର ଓ ପ୍ରସାର ହେବ ଏବଂ ଏ ପୃଥିବୀରୁ ଶିର୍କ୍ ଶେଷ ହୋଇଯିବ ।

ଯଦି ତୌହିଦ୍‌ର ଦାବି ଅଛି, ଯଦି ଖୁଦାତାଲାଙ୍କ ଉପାସନା କରିବାର ଦାବୀ ଅଛି, ଯଦି ପ୍ରକୃତ ମୁସଲ୍‌ମାନ୍ ହେବାର ଦାବୀ ଅଛି ତେବେ ପୁଣି ମିଥ୍ୟାକୁ ନିଜ ଭିତରୁ ଆମକୁ ବାହାର କରି ଫିଙ୍ଗିଦେବାକୁ ହେବ ଏବଂ ମିଥ୍ୟାବାଦୀକୁ ମଧ୍ୟ ବାହାର କରିବାକୁ ପଡ଼ିବ । କିଛିଲୋକେ ମାମୁଲ୍ ମାମୁଲି କଥାରେ ଭୁଲ୍ ବୟାନ୍ ଦେଇଦେଉଛନ୍ତି । ଏହା ଜଣେ ମୋମିନ୍‌ର କାର୍ଯ୍ୟ ନୁହେଁ । ଆମର କାର୍ଯ୍ୟ ଆମ ଶିକ୍ଷା ମୁତାବକ ଯଦି ହେବ ତେବେ ଆମ ତବ୍‌ଲିଗ୍ ମଧ୍ୟ ଫଳପ୍ରଦ ହେବ ଓ ଲୋକମାନଙ୍କ ଉପରେ ଆମର ଭଲ ପ୍ରଭାବ ପଡ଼ିବ ।

**ପବିତ୍ର କୋରାନ୍‌ର ଆୟତ, ନବୀ ସ:ଆ:ସଙ୍କ ହଦିସ୍ ଏବଂ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଉପଦେଶାବଳୀ ଆଲୋକରେ ବୟତ୍‌ର ବାସ୍ତବିକତା, ଖଲିଫାଏଓ୍ୱକ୍ତଙ୍କ ସମ୍ମାନ ଏବଂ ଖିଲାଫତ୍ ଅହେମଦୀୟା ସହିତ ଦୃଢ଼ ସମ୍ପର୍କର ଗୁରୁତ୍ୱ**

**ଏକଶ୍ୱରବାଦର ପ୍ରତିଷ୍ଠା, ଇଶ୍ୱରଙ୍କ ଉପାସନା ବିଶେଷ ରୂପେ ବାଜମାତ୍ ନମାଜ୍‌କୁ ଉଚିତ୍ ସମୟରେ ପାଠ କରିବା, ଇସ୍‌ତେଗ୍‌ଫାର୍ ଏବଂ ହୁକୁକୁଲ୍ ଇବାଦ୍‌କୁ ପ୍ରଦାନ କରିବା, ଆଦର୍ଶ ସ୍ତରର ମାଲି କୁର୍ବାନୀ କରିବା ଏବଂ ଇତାଅତ୍ ଦ୍ୱାରା ମାରୁଫ୍‌ର ପ୍ରକୃତ ଅର୍ଥ ସମ୍ବନ୍ଧରେ ଜ୍ଞାନବର୍ଦ୍ଧକ ବର୍ଣ୍ଣନା । ଶିର୍କ୍, ମିଥ୍ୟା, ଜନାଃ, ପ୍ରତ୍ୟେକ ପ୍ରକାରର ଅତ୍ୟାଚାର ଏବଂ ଗର୍ବ ଓ ଅହଂକାରୁ ବଂଚିବା ପାଇଁ ଉପଦେଶ ।**

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
(ପ୍ରଦତ୍ତ: ୨ ନଭେମ୍ବର୍ ୨୦୧୮ ଅନୁଯାୟୀ ୨ ନବୁଓ୍ୱତ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ପ୍ରତ୍ୟେକ ପୁରୁଷ ବା ମହିଳା ଯିଏ ନିଜକୁ ଅହେମଦୀ ବୋଲାଉଛି ତାର କେବଳ ଏତିକି ଘୋଷଣା କରିଦେବାରେ ପ୍ରକୃତ ଅହେମଦୀ କରାଇ ଦିଏନାହିଁ ଅର୍ଥାତ୍ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନୁଛି ଏବଂ ଆପଣ ଆ:ସଙ୍କ ଦାବୀକୁ ମାନୁଛି । ବରଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜଣକୁ ପ୍ରକୃତ ଅହେମଦୀ ହେବାପାଇଁ କିଛି ସର୍ତାବଳୀ ରଖିଛନ୍ତି, କିଛି ଦାୟିତ୍ୱ ନ୍ୟସ୍ତ କରିଛନ୍ତି, କିଛି କର୍ତବ୍ୟ ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି କି ଯଦି ଏ ସବୁଗୁଡିକ ଉପରେ ଅମଳ କରିବ, ଏ ଗୁଡିକ ପ୍ରଦାନ କରିବ ତେବେ ଯାଇ ପ୍ରକୃତରେ ତୁମେମାନେ ମୋ ଜମାତ୍‌ରେ ଗଣା ହେବ । ତେଣୁ ଜଣକୁ ଅହେମଦୀ ହେବାପାଇଁ ହେଲେ କେବଳ ବିଶ୍ୱାସ ଓ ଆସ୍ଥାରେ ପରିବର୍ତନ କରିଦେବା ଯଥେଷ୍ଟ ନୁହେଁ ବା କେବଳ ଏକଥାକୁ ମାନିଯିବା କି ମୋର ମା'ବାପା ଅହେମଦୀ ଥିଲେ ତେଣୁ ମୁଁ ମଧ୍ୟ ହେଉଛି ଅହେମଦୀ ବା ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦାବୀକୁ ସତ୍ୟବୋଲି ମାନୁଛି ତେଣୁ ମୁଁ ଅହେମଦୀ । ଏ ସବୁକଥା ବିଶ୍ୱାସ ଦୃଷ୍ଟିକୋଣରୁ ତ ଜଣେ ବ୍ୟକ୍ତିକୁ ଅହେମଦୀ ରୂପେ ଅଭିହିତ କରିଥାଏ କିନ୍ତୁ କାର୍ଯ୍ୟରେ ଅହେମଦୀ ହେବାପାଇଁ ହେଲେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ସେହିସବୁ କଥାଗୁଡିକୁ କାର୍ଯ୍ୟରେ ପରିଣତ କରିବା ଜରୁରୀ ଅଟେ, ଯାହାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜଣେ ଅହେମଦୀକୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଓ ଆଶା ରଖିଛନ୍ତି । ଆପଣ ଆ:ସ ବହୁତ ସ୍ୱଷ୍ଟ ରୂପେ କହିଛନ୍ତି କି ଯଦି ତୁମେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରି ଉପରୋକ୍ତ କଥାଗୁଡିକ ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରୁନାହଁ ତେବେ ପୁଣି ତୁମର ଦାବୀ କେବଳ ମୁହଁ ବୋଲା ଦାବୀ ଅଟେ ଅର୍ଥାତ୍ ଖାଲି କଥାରେ କହିବା । ଆପଣ ଆ:ସ କହୁଛନ୍ତି-

''ବୟତ୍‌ର ଅର୍ଥ ହେଉଛି ଖୁଦାତାଲାଙ୍କୁ (ନିଜର) ଜୀବନ ସମର୍ପଣ କରିବା । ଏହାର ଅର୍ଥ ହେଉଛି କି ଆମେ ନିଜର ଜୀବନ ଆଜି ଖୁଦାତାଲାଙ୍କ ହାତରେ ବିକ୍ରି କରିଦେଲୁ'' । (ମଲ୍‌ଫୁଜାତ୍, ଖଣ୍ଡ-୭, ପୃଷ୍ଠା-୨୯, ଏଡ଼ିଶନ୍-୧୯୮୫, ମୁଦ୍ରଣ- ଇଂଲିସ୍ ସ୍ଥାନ)

ସୁତରାଂ ଏହା କୌଣସି ମାମୁଲି କାର୍ଯ୍ୟ ନୁହେଁ । ଯେତେବେଳେ ଆମେ ନିଜର କୌଣସି ବସ୍ତୁକୁ କାହାକୁ ବିକ୍ରି କରିଦେଉଛେ ସେତେବେଳେ ପୁଣି ତା ଉପରେ ଆମର କୌଣସି ଅଧିକାର ରହୁନାହିଁ ବରଂ ଯାହା ନିକଟରେ ବିକ୍ରି କରିଦେଇଛେ ସେ ତାର ମାଲିକ ହୋଇଯାଉଛି ଏବଂ ପୁଣି ସେ ତାକୁ ତାର ଇଛା ମୁତାବକ ବ୍ୟବହାର କରିଥାଏ । ତେଣୁ ଏହି ଅବସ୍ଥା ଆମେ ଆମ ଉପରେ ଲାଗୁ କରିବା ଉଚିତ୍ ଏବଂ ଏହା ଏପରି ଚିନ୍ତାଧାରା ଯାହା ଆମେ ନିଜ ଜୀବନ ସମ୍ବନ୍ଧରେ ରଖିବା ଉଚିତ୍ । ଏହି ଚିନ୍ତାଧାରା ଏବଂ ଏହି ଅବସ୍ଥାକୁ ହାସଲ କରିବା ପାଇଁ ଆପଣ ଆ:ସ କହୁଛନ୍ତି କି:-

''ବୟତ କରିଥିବା (ବ୍ୟକ୍ତି)ଙ୍କୁ ପ୍ରଥମତଃ ବିନମ୍ରତା ଗ୍ରହଣ କରିବାକୁ ପଡ଼ିଥାଏ ଏବଂ ନିଜର ଅହଂଭାବରୁ ଅଲଗା ହେବାକୁ ପଡିଥାଏ'' । ବର୍ତମାନ ଏବେ ଏହା ହେଉଛି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଶଦ୍ଦ ଅର୍ଥାତ୍ ଅହଂଭାବଠାରୁ ଅଲଗା ହେବାକୁ ପଡ଼ିଥାଏ । କିଛି ଲୋକଙ୍କ ନିକଟରେ ଅହଂଭାବର ଅବସ୍ଥା ଏପରି ଥାଏ କି ଜଣେ ଓ୍ୱହ୍‌ଦାଦାର୍ ଆଉଜଣେ ଓ୍ୱହ୍‌ଦାଦାର୍‌ଙ୍କ ଠାରୁ ନାରାଜ ହୋଇ ମୋର ଉପସ୍ଥିତି ଥିବା ସତ୍ତ୍ୱେ ମଧ୍ୟ ମସ୍‌ଜିଦ୍‌ରେ ନମାଜ ପଢ଼ିବା ପାଇଁ ହାଜିର୍ ହେଲେନାହିଁ । ଏଇଥିପାଇଁ କି ଉକ୍ତ ଓ୍ୱହ୍‌ଦାଦାର୍‌ଙ୍କ ସହିତ ତାଙ୍କର ସମ୍ପର୍କ ଠିକ୍ ନଥିଲା । ଅହଂଭାବର ଅବସ୍ଥା ଏତେ ମାତ୍ରାରେ ବଢ଼ିଯାଇଛି ଯେ ଖିଲାଫତ୍ ସହିତ ବୟତ୍ କରିବାର ଦାବୀ ତ ହୋଇଛି କିନ୍ତୁ ତାର କୌଣସି ମାନ୍ୟ ନାହିଁ । ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ଯଦି ତୁମେ ବୟତ୍ କରିଛ ତେବେ ନିଜର ଅହଂଭାବ ଠାରୁ ଅଲଗା ହେବାକୁ ପଡ଼ିବ । ସେ କହୁଛନ୍ତି କି ''ସେତେବେଳେଯାଇ ଉନ୍ନତି କରିବାର ଯୋଗ୍ୟ ହୋଇଥାଏ କିନ୍ତୁ ଯିଏ ବୟତ କରିବା ସହିତ ଅହଂଭାବ ରଖିଥାଏ ତାକୁ କଦାପି ବୈଭବ ହାସଲ ହୁଏନାହିଁ'' । (ମଲ୍‌ଫୁଜାତ୍, ଖଣ୍ଡ-୬, ପୃଷ୍ଠା-୧୭୩, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ମୁହଁରେ ତ ଦାବୀ ଅଛି । ଯେତେବେଳେ ମିଳୁଛନ୍ତି ବଡ ସମ୍ମାନର ସହି ମିଳିବେ କିନ୍ତୁ ଆପୋଷରେ ଥିବା ମନ ମାଳିନ୍ୟତା ଯୋଗୁ ଏକଥାର ମଧ୍ୟ କୌଣସି ପରବାୟ ନାହିଁ କି ଖଲିଫାଏ ଓ୍ୱକ୍ତ ସେଠାରେ ଉପସ୍ଥିତ ଅଛନ୍ତି ଓ ତାଙ୍କ ପଛରେ ଯାଇ ନମାଜ ପଢ଼ିବା ନା କି କୌଣସି ଓ୍ୱହ୍‌ଦାଦାର୍‌ଙ୍କ ପାଇଁ ମସ୍‌ଜିଦ୍ ଯିବା ଏବଂ ନିଜେ ମଧ୍ୟ ଜଣେ ଓ୍ୱହ୍‌ଦାଦାର୍ । ତେବେ ଏପରି ଅବସ୍ଥା ଯଦି ରହିବ ତେବେ ପୁଣି ଏହିଭଳି ଅହେମଦୀ ହେବାର କଣ ଲାଭ । ତେଣୁ ଜୀବନକୁ ବିକ୍ରି କରିବା ହେଉଛି ଏହା କି ନିଜ ଭିତରେ ବିନମ୍ରତା ଓ ନମ୍ରଭାବ ସୃଷ୍ଟି ହେଉ । ଅହଂଭାବକୁ ମାରିବାକୁ ପଡ଼ିଥାଏ ଓ ଅହଂଭାବରୁ ଅଲଗା ହେବାକୁ ପଡ଼ିଥାଏ । ସେତେବେଳେ ମଣିଷର ନିଜର କିଛି ନଥାଏ ଓ ପ୍ରତ୍ୟେକ ଜିନିଷ ଖୁଦାତାଲାଙ୍କ ନିର୍ଦ୍ଦେଶ ମୁତାବକ ହୋଇଥାଏ । ଯେତେବେଳେ ଏପରି ଅବସ୍ଥା ସୃଷ୍ଟି ହୋଇଯିବ ସେତେବେଳେ ଖୁଦାତାଲା ଏପରି ଜୀବନକୁ ନଷ୍ଟ କରିବେ ନାହିଁ । ଯେତେବେଳେ ଅଲ୍ଲାଃତାଲାଙ୍କୁ ଜୀବନ ଦେଇଦେଲ ସେତେବେଳେ ଅଲ୍ଲାଃତାଲା ଏପରି ଜୀବନକୁ ସମ୍ମାନ ଦେଇଥାଏ ଓ ପ୍ରତି କ୍ଷେତ୍ରରୁ ତାର ସୁରକ୍ଷା କରିଥାଏ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି-

''ଯଦି ବୟତ କରିବା ବେଳେ ପ୍ରତିଶୃତି ଗୋଟିଏ ଓ ପୁଣି କାର୍ଯ୍ୟ ଆଉ ଗୋଟିଏ ପ୍ରକାରର ତେବେ ଦେଖ ଏଥିରେ କେତେବଡ ଫରକ ରହିଲା'' । ତୁମ କଥାରେ କେତେ ମାତ୍ରାରେ ଓଲଟାପଣ ରହିଛି । ''ଯଦି ତୁମେ ଇଶ୍ୱରଙ୍କ ଠାରୁ ଫରକ ରଖିବ ତେବେ ସେ ତୁମଠାରୁ ମଧ୍ୟ ଫରକ ରଖିବେ'' । (ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୭୦-୭୧, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ଆପଣ ଆ:ସ ପୁଣି କହୁଛନ୍ତି- ''ତେଣୁ ତୁମେମାନେ ନିଜର ଇମାନ୍ ଏବଂ ଆମାଲ୍ (କର୍ମ)ର ହିସାବ ନିଅ କି କଣ ଏପରି ପରିବର୍ତନ ଓ ସ୍ୱଛତା ହାସଲ କରିସାରିଛ ଯେ ତୁମର ହୃଦୟ ଖୁଦାତାଲାଙ୍କର ଅର୍ଶ୍ (ଆସ୍ଥାନ) ହୋଇଯାଉ ଓ ତୁମେ ତା ସୁରକ୍ଷାର ଛତ୍ରଛାୟା ତଳେ ଆସିଯାଅ'' । (ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୭୦, ହାଶିୟା ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଆପଣ ଆ:ସ କହୁଛନ୍ତି କି ''ମୁଁ ବାରମ୍ବାର ନିଜ ଜମାତ୍‌କୁ କହିସାରିଛି କି ତୁମେ କେବଳ ଏହି ବୟତ ଉପରେ ହିଁ ଭରଷା କରନାହିଁ । ଏହାର ବାସ୍ତବିକତା ପର୍ଯ୍ୟନ୍ତ ଯେବେଯାଏ ତୁମେ ନପହଂଚିବ ସେପର୍ଯ୍ୟନ୍ତ ମୋକ୍ଷ ନାହିଁ'' । (ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୨୩୨-୨୩୩, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଆପଣ ଆ:ସ କହୁଛନ୍ତି କି ''ମୁଁ ତୁମକୁ ବାରମ୍ବାର ଏହି ଉପଦେଶ ଦେଉଅଛି କି ତୁମେମାନେ ଏପରି ପବିତ୍ର ଓ ସ୍ୱଚ୍ଛ ହୋଇଯାଅ ଯେପରି ସାହାବା ର:ଅ ମାନେ ନିଜ ଭିତରେ ପରିବର୍ତନ ଆଣିଥିଲେ'' । (ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୭୦, ହାଶିୟା, ଏଡ଼ିଶନ୍-୧୯୮୫,

ମୁଦ୍ରଣ-ଇଂଲିସ୍ ସ୍ଥାନ)

ସୁତରାଂ ସାହାବା ର:ଅଙ୍କୁ ଦେଖନ୍ତୁ, କିପରି ପବିତ୍ର ପରିବର୍ତନ ଥିଲା। ସେମାନେ ବର୍ଷବର୍ଷ ଧରି ଲାଗି ରହିଥିବା ବରଂ ପିଢ଼ୀ ପରେ ପିଢ଼ୀ ଲାଗି ରହିଥିବା ଶତୃତାକୁ କେବଳ ଖୁଦାତାଲାଙ୍କ ଖାତିର୍ ପ୍ରେମ, ସ୍ନେହ ଓ ଭାଇଚାରାରେ ପରିବର୍ତନ କରିଦେଲେ। କିନ୍ତୁ ଏଠାରେ କିଛି ମିନିଟ୍‌ର ମନ ମାଳିନ୍ୟତା ଦ୍ୱାରା ମସ୍‌ଜିଦ୍‌କୁ ଆସିବା ଛାଡି ଦେଉଛନ୍ତି। ସାହାବାମାନେ ଯେତେବେଳେ ନିଜର ଜୀବନକୁ ବିକ୍ରି କରିଦେଲେ ସେତେବେଳେ ସେମାନେ ସମ୍ପୂର୍ଣ୍ଣ ରୂପେ ଜାହିଲ୍ (ମୁର୍ଖ ଓ ପାଷାଣ୍ଡ) ଥିଲେ (କିନ୍ତୁ ଜୀବନକୁ ବିକ୍ରି କରିଦେବା ଫଳରେ) ସେମାନେ ଶିକ୍ଷିତ ହେଲେ ପୁଣି ଶିକ୍ଷିତରୁ ଇଶ୍ୱର ପୁରୁଷ ହୋଇଗଲେ। ସେମାନେ ମନପ୍ରାଣ ଦେଇ ଏକଥାକୁ ମାନିଲେ ଯେ ଆଜିଠାରୁ ଆମର ନିଜର କିଛି ନାହିଁ, ସବୁକିଛି ହେଉଛି ଇଶ୍ୱରଙ୍କର। ସେମାନେ ଯେତେବେଳେ ଶିର୍କ୍‌ରୁ ତୌବା କଲେ ସେତେବେଳେ ଯେଉଁ ସବୁ ମଖ୍‌ଫି (ଲୁକ୍କାୟିତ) ଶିର୍କ୍ ଥିଲା, ସେ ସବୁରୁ ମଧ ବଂଚିବା ପାଇଁ ଚେଷ୍ଟା କଲେ। ମଖ୍‌ଫି ଶିର୍କ୍ ବିଷୟରେ ସ୍ପଷ୍ଟୀକରଣ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି -

''ଶିର୍କ୍‌ର ଅର୍ଥ କେବଳ ଏହା ନୁହେଁ କି ପଥର ଇତ୍ୟାଦିକୁ ପୂଜା କରାଯାଉ ବରଂ ଏହା ହେଉଛି ଗୋଟିଏ ଶିର୍କ୍ କି ଆସବାବର ଉପାସନା କରାଯାଉ ଓ ସାଂସାରିକ ମାବୁଦାତ୍ (ଇଶ୍ୱରଙ୍କ ସ୍ଥାନ ନେଇଥିବା ବସ୍ତୁ) ଉପରେ ଜୋର୍ ଦିଆଯାଉ''। (ମଲ୍‌ଫୁଜାତ୍, ଖଣ୍ଡ-୬, ପୃଷ୍ଠା-୧୮-୧୯, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ସଂସାରିକ ମାବୁଦାତ୍ (ଇଶ୍ୱରଙ୍କ ସ୍ଥାନ ନେଇଥିବା ବସ୍ତୁ) କଣ ?(ଅର୍ଥାତ୍) ସାଂସାରିକ ଲାଭ ଯାହା ଖାତିର୍ ମନୁଷ୍ୟ ଦୀନ୍‌ର ହୁକୁମ୍ ଏବଂ ଇଶ୍ୱରଙ୍କ ନିର୍ଦ୍ଦେଶାବଳୀକୁ ପଛରେ ପିଙ୍ଗି ଦେଇଥାଏ। ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି କି ନିଜର ଆମାଲ୍ (କର୍ମ)ରେ ଗର୍ବ ଓ ଦେଖାଣିଆ ଭାବର ସହିତ କାର୍ଯ୍ୟ ନେବା ଏବଂ ଲୁକ୍କାୟିତ ରହିଥିବା ଇଚ୍ଛା ଓ ଅଭିଳାଷାରେ ଲିପ୍ତ ରହିବା ହେଉଛି ମଧ ଶିର୍କ୍। (ମୁସ୍‌ତଦରକ୍, ଲିଲ୍ ହାକିମ୍, ଖଣ୍ଡ-୪, ପୃଷ୍ଠା-୩୬୬, କିତାବୁର୍ ରକାକ, ହଦିସ୍-୭୯୪୦.... ବେରୁତ୍-୨୦୦୨)

ଯଦି କୌଣସି ବ୍ୟକ୍ତି ଦିନୀ ହୁକୁମ୍‌କୁ ପଛରେ ପକାଇ ସାଂସାରିକ ଅଭିଳାଷାକୁ ପୂରଣ କରେ ସେତେବେଳେ ସେ ଶିର୍କ୍ କରିଥାଏ। ସାହାବାମାନଙ୍କ ଠାରେ ଅଲ୍ଲାଃତାଲାଙ୍କର ଏତେମାତ୍ରାରେ ଭୟ ଥିଲା କି ଜଣେ ସାହାବୀଙ୍କର କଥା ଆସୁଛି କି ଏକଦା ସେ ବସି କାନ୍ଦୁଥିଲେ। କେହିଜଣେ ତାଙ୍କୁ କାନ୍ଦିବାର କାରଣ ପଚାରିଲେ। ସେ ଏହାର ଉତରରେ କହିଲେ କି ଆଁ ହଜ୍‌ରତ୍ ସ:ଆ:ସଙ୍କର ଏକଥା ମୋର ମନେ ପଡ଼ିଗଲା ଯେ ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ କି ମୁଁ ନିଜ ଉମ୍ମତ୍ ସମ୍ବନ୍ଧରେ ଶିର୍କ୍ ଏବଂ ମଖ୍‌ଫି ଖ୍ୱାହିଶାତ୍ (ନିଜ ମନ ଭିତରେ ଲୁଚି ରହିଥିବା ଆଶା ଓ ଅଭିଳାଷା) ବିଷୟରେ ଡରୁଅଛି। (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୫, ପୃଷ୍ଠା-୮୩୫, ମସନଦ୍ ଶଦାଦ୍ ବିନ୍ ଅଓସ୍ ହଦିସ୍-୧୭୨୫୦...ବେରୁତ୍-୧୯୯୮)

ଅଲ୍ଲାଃତାଲାଙ୍କ ଭୟ କରିବା ଏବଂ ଶିର୍କ୍‌ରୁ ବଂଚି ରହିବାର ଏପରି ଅବସ୍ଥା ସାହାବା ମାନଙ୍କର ଥିଲା ବରଂ ଅନ୍ୟମାନଙ୍କ ସମ୍ବନ୍ଧରେ ମଧ ଏପରି ଚିନ୍ତାଧାରା ଓ ଭାବନା ଥିଲା କି ଏ ଉମ୍ମତ୍‌ରେ ଏପରି ଲୋକେ ମଧ ଜନ୍ମ ହେବେ ଯେଉଁମାନେ ମଖ୍‌ଫି ଶିର୍କ୍ କରିବେ। ଏପରି ଭାବନା ଆସିବା ଦ୍ୱାରା ସେ ଚିନ୍ତାରେ ପଡ଼ିଗଲେ ଏବଂ ଶରୀର କମ୍ପି ଉଠିଲା ଫଳତଃ କାନ୍ଦିବାକୁ ଆରମ୍ଭ କରିଦେଲେ। ଏହା ହେଉଛି ଏପରି ଅବସ୍ଥା ଯଦ୍ୱାରା ମନୁଷ୍ୟ ବାସ୍ତବିକ୍ ରୂପେ ଏକଶ୍ୱରବାଦ ଏବଂ ଏକ ଇଶ୍ୱରଙ୍କୁ ଉପାସନା କରିବାବାଲା ହୋଇଥାଏ ବା ହୋଇପାରେ। ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି:-

''ତୌହିଦ୍ (ଏକେଶ୍ୱରବାଦ) କେବଳ ଏକଥାର ନାମ ନୁହେଁ କି ମୁହଁରୁ *ଲା ଇଲାହା ଇଲଲ୍ଲାହୋ* କହୁଥିବା ଏବଂ ମନ ଭିତରେ ହଜାର ହଜାର ପ୍ରତିମା ଏକାଠି କରୁଥିବା ବରଂ ଯେଉଁବ୍ୟକ୍ତି ନିଜର କାର୍ଯ୍ୟ, ଯୋଜନା, ଧୋକା ଏବଂ ନିଜ ନିର୍ମିତ ଉପାୟକୁ ଇଶ୍ୱରଙ୍କ ପରି ସ୍ଥାନ ଦେଇଥାଏ ବା କୌଣସି ମନୁଷ୍ୟ ଉପରେ ଭରଷା କରିଥାଏ ଯାହା ଇଶ୍ୱରଙ୍କ ଉପରେ ରଖିବା ଉଚିତ୍ ବା ନିଜକୁ ଏପରି ସ୍ଥାନ ଦେଇଥାଏ ଯାହା ଇଶ୍ୱରଙ୍କୁ ଦେବା ଉଚିତ୍, ଏହି ସବୁ ପରିସ୍ଥିତିରେ ସେହି ବ୍ୟକ୍ତି ଜଣକ ଇଶ୍ୱରଙ୍କ ନିକଟରେ ବୁତ୍‌ପରସ୍ତ (ପ୍ରତିମା ପୂଜକ) ଅଭିହିତ ହୋଇଥାଏ''। କହୁଛନ୍ତି - ''.....ପ୍ରତ୍ୟେକ ବସ୍ତୁ ବା କଥା ବା କାର୍ଯ୍ୟ, ଯେଉଁଗୁଡ଼ିକୁ ଏପରି ସ୍ଥାନ ଦିଆଯାଏ ଯାହା ହେଉଛି ଇଶ୍ୱରଙ୍କର ଅଧିକାର୍, ତାହା ସବୁ ହେଉଛି ଖୁଦାତାଲାଙ୍କ ଦୃଷ୍ଟିରେ ବୁତ୍ (ଇଶ୍ୱର ପ୍ରତିମା)।..... ମନେରଖ କି ପ୍ରକୃତ ଏକେଶ୍ୱରବାଦ ଯାହାକୁ ସ୍ୱୀକାର କରିବା ପାଇଁ ଇଶ୍ୱର ଆମଠାରୁ ଚାହୁଁଛନ୍ତି ଓ ଯାହାକୁ ସ୍ୱୀକାର କରିବା ଦ୍ୱାରା ନଜାତ୍ (ମୋକ୍ଷ) ମିଳିଥାଏ ତାହା ହେଉଛି ଖୁଦାତାଲାଙ୍କ ଅସ୍ତିତ୍ୱ ସହିତ ପ୍ରତ୍ୟେକ ପ୍ରକାର ସମାନତା ସେ ପ୍ରତିମା ହେଉ, ମନୁଷ୍ୟ ହେଉ, ସୂର୍ଯ୍ୟ ହେଉ, ଚନ୍ଦ୍ର ହେଉ, ନିଜର ମନ ହେଉ, ନିଜର ଯୋଜନା ହେଉ ବା ନିଜ ପାଂଚିତ ଉପାୟ ହେଉ, ଏ ସବୁଥିରୁ ପବିତ୍ର ମଣିବା ଏବଂ ତା ମୁକାବିଲାରେ କାହାକୁ ଶକ୍ତିଶାଳୀ ନ ମଣିବା, କାହାକୁ ଅନ୍ନଦାତା ନ ଜାଣିବା, କାହାକୁ ସମ୍ମାନ ପ୍ରଦାନକାରୀ ଓ ତିରଷ୍କାର ପ୍ରଦାନକାରୀ ବୋଲି ନ ମଣିବା''। (ସିରାଜୁଦ୍ଦିନ୍, ଇସାଇ କେ ଚାର୍ ସଓ୍ୱାଲୋଁ କା ଜଓ୍ୱାବ୍, ରୁହାନି ଖଜାଏନ୍, ଖଣ୍ଡ-୧୨, ପୃଷ୍ଠା-୩୪୯-୩୫୦)

କାହାକୁ ସମ୍ମାନ ପ୍ରଦାନକାରୀ ଏବଂ କାହାକୁ ତିରଷ୍କାର ପ୍ରଦାନକାରୀ ରୂପେ ନଭାବିବା କି ସେହି ଲୋକମାନଙ୍କ ଦ୍ୱାରା ମୋର ସମ୍ମାନ ଓ ମୋର ଅପମାନ ନିହିତ ଅଛି ବରଂ କେବଳ ହିଁ କେବଳ ଖୁଦାତାଲାଙ୍କ ଉପରେ ହିଁ ଏ ସବୁ କଥାଗୁଡିକ ନିର୍ଭର ହେଉ। ସୁତରାଂ ଏହି ସବୁ ଜିନିଷ ଗୁଡିକ ଇସ୍‌ଲାମ୍‌ର ମୂଳସର୍ତ ଯାହା ଅହେମଦୀ, ଅହେମଦୀୟତ୍ ଏବଂ ପ୍ରକୃତ ଇସ୍‌ଲାମ୍‌ର ମୂଳସର୍ତ ଅଟେ।

କେହି ଜଣେ ମୋତେ କହିଲେ କି ଲୋକମାନେ ଖିଲାଫତ୍ ବା ଖଲିଫାଙ୍କୁ ଏତେ ମାତ୍ରାରେ ଉଚ୍ଚା ପଦମର୍ଯ୍ୟାଦା ଦେଉଛନ୍ତି କି ତାହା ଶିର୍କ୍‌ର ସୀମାକୁ ଚାଲିଯାଉଛି। ସ୍ପଷ୍ଟ ହେଉ ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାସତ୍ୱରେ ସଂସାରରୁ ଶିର୍କ୍‌କୁ ନିଃଶେଷ କରିବା ପାଇଁ ଆସିଥିଲେ ତେଣୁ ଏହା କୌଣସି ପ୍ରକାରେ ମଧ ସମ୍ଭବ ନୁହେଁ କି ଆପଣ ଆ:ସଙ୍କ ସଚ୍ଚା ଖିଲାଫତ୍ କୌଣସି ପ୍ରକାରେ ଶିର୍କ୍‌କୁ ବଢ଼ାଇବାବାଲା ହେବ ବା ପ୍ରୋତ୍ସାହନ ଦେବାବାଲା ହେବ। ଖିଲାଫତ୍‌ର ତ ମୂଳ କାର୍ଯ୍ୟ ହେଉଛି ଶିର୍କ୍‌କୁ ନିଃଶେଷ କରିବା ଏବଂ ଏକେଶ୍ୱରବାଦକୁ ପ୍ରତିଷ୍ଠା କରିବା ଓ ସେହି ମିଶନ୍‌କୁ ସମ୍ପୂର୍ଣ୍ଣ ରୂପେ ସମ୍ପାଦନ କରିବା ଯାହାପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆବିର୍ଭାବ ହୋଇଛନ୍ତି। ଯଦି କୌଣସି ବ୍ୟକ୍ତି କାହାକୁ ଖଲିଫାଙ୍କ ସହିତ ସମ୍ମାନ ପ୍ରଦାନ କରି ମିଶୁଥିବାରୁ ଏ ପ୍ରଭାବ ବା ଏ ଧାରଣା ନିଜ ମନରେ ନେଉଥାଏ ତେବେ ତାକୁ ନିଜର ରାୟ ଦେବା ବିଷୟରେ ଭାବିବା ଉଚିତ୍ କି ସେ ବଦ୍‌ଜନି (କୁଧାରଣା) ତ କରୁନାହିଁ। ଯଦି ବଦ୍‌ଜନି ଅଛି ତେବେ ବଦ୍‌ଜନି କରୁଥିବା ଲୋକମାନଙ୍କୁ ଏହି ବଦ୍‌ଜନିରୁ ବଂଚିବା ଉଚିତ୍। କିନ୍ତୁ ଯଦି କେହି ପ୍ରକୃତରେ ଏପରି ଅବସ୍ଥାରେ ପହଂଚିଯାଇଛି। ଫଳତଃ ଲୋକମାନେ ସେଥିଯୋଗୁ ଏକଥା ଭାବୁଛନ୍ତି କି ଖଲିଫାଙ୍କୁ ନଉଜୁବିଲ୍ଲାଃ ଶିର୍କ୍‌ର ସୀମା ପର୍ଯ୍ୟନ୍ତ ସ୍ଥାନ ଦିଆଯାଉଛି ବୋଲି ତେବେ ତାକୁ ଇସ୍‌ତେଗ୍‌ଫାର୍ ମଧ କରିବା ଉଚିତ୍ ଓ ସତର୍କତା ମଧ ଅବଲମ୍ବନ କରିବା ଉଚିତ୍ ନା ମୁଁ ଏପରି କଥାକୁ ପସନ୍ଦ କରିଥାଏ ଓ ନା କେବେ କରିଛି ନା ମୋ ପୂର୍ବରୁ ଖଲିଫାମାନେ କରିଛନ୍ତି ଏବଂ ନା ଇନ୍‌ଶାଅଲ୍ଲାଃ ଆସନ୍ତାକୁ ଆସୁଥିବା ଖଲିଫାମାନେ କଦାପି ଏହାକୁ ପସନ୍ଦ କରିବେ କି ତାଙ୍କ ଅସ୍ତିତ୍ୱର କିଛି ଗୁରୁତ୍ୱ ରହିଛି ବୋଲି। ହଁ ଖିଲାଫତ୍‌ର ସମ୍ମାନ ପ୍ରତିଷ୍ଠା କରିବା ଖଲିଫାଏ ଓ୍ୱକ୍ତଙ୍କର କାର୍ଯ୍ୟ ଅଟେ ଓ ଏହା ତାଙ୍କର ଦାୟିତ୍ୱ ଅଟେ ଓ ସେ ଏଇଥିପାଇଁ କରିବେ କି ଅଲ୍ଲାଃତାଲାଙ୍କ ପ୍ରତିଶୃତି ମୁତାବକ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କର ଭବିଷ୍ୟବାଣୀ ମୁତାବକ ଖିଲାଫତ୍ ଜରିଆରେ ତୌହିଦ୍ (ଏକେଶ୍ୱରବାଦ)ର ବାର୍ତା ଏ ସଂସାରରେ ପ୍ରଚାର ପ୍ରସାର କରିବ ଓ ସଂସାରରୁ ଶିର୍କ୍ ନିଃଶେଷ ହେବେ। ତେଣୁ କିଛି ସ୍ୱଳ୍ପ ବୁଦ୍ଧି ରଖୁଥିବା ଲୋକେ ଯେଉଁମାନଙ୍କର ତର୍‌ବିୟତ୍‌ରେ କମି ଥିବା ଯୋଗୁ ଏପରି ଭାବନା ବାହାରୁଛି, ସେମାନେ ଏକଥାକୁ ନିଜ ମୁଣ୍ଡରୁ ବାହାର କରିଦିଅନ୍ତୁ।

ତୌହିଦ୍‌ର ପ୍ରତିଷ୍ଠା ପାଇଁ ଚେଷ୍ଟା କରିବା ଓ ଶିର୍କ୍‌କୁ ନିଜ ଅନୁଯାଇମାନଙ୍କର ହୃଦୟରୁ ବାହାର କରି ପବିତ୍ର କରିବାର ଗୁରୁତ୍ୱପୁର୍ଣ୍ଣ କାର୍ଯ୍ୟ କରିବା ପରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ଯେଉଁ କଥା ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି ଓ ଯେଉଁ କଥା ଉପରେ ଆମର ବୟତ ନେଇଛନ୍ତି ତାହା ହେଉଛି ମିଥ୍ୟା ଏବଂ ଚାରିତ୍ରିକ ସ୍ଖଳନରୁ ବଂଚିବା। ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି କି -

*ଫଜ୍‌ତନିବୁର୍ ରିଜ୍‌ସା ମିନଲ୍ ଔସାନି ଓ୍ୱଜ୍‌ତନିବୁ କଓଲଜ୍ ଜୁର୍* (ଅଲ୍‌ହଜ୍:୩୧) ଅର୍ଥାତ୍ - ସୁତରାଂ ତୁମେମାନେ ପିତୁଳା ପୂଜାର ଅପବିତ୍ରତାରୁ ନିଜକୁ ରକ୍ଷା କର ଓ ମିଥ୍ୟା କହିବାରୁ ନିଜକୁ ନିବୃତ ରଖ। ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହାକୁ ସ୍ପଷ୍ଟ କରି କହୁଛନ୍ତି କି ''ପବିତ୍ର କୋରାନ୍ ମିଥ୍ୟା କହିବାକୁ ମଧ ଏକ ପ୍ରକାର ନଜାସତ୍ (ଅପବିତ୍ରତା) ବୋଲି ଅଭିହିତ କରିଛି''। ଅର୍ଥାତ୍ ଖରାପ ଓ ମଇଳା ବସ୍ତୁ ରୂପେ ଅଭିହିତ କରିଛି। ଆପଣ ଆ:ସ କହୁଛନ୍ତି ''.....ଦେଖନ୍ତୁ ଏଠାରେ (ଅର୍ଥାତ୍ ଏହି ଆୟତରେ) ମିଥ୍ୟ କହିବାକୁ ପିତୁଳା ପୂଜା ସହିତ ସମାନ ରଖିଛି ଏବଂ ବାସ୍ତବରେ ମିଥ୍ୟା ମଧ ଏକ ପିତୁଳା ହିଁ ଅଟେ ନଚେତ୍ କାହିଁକି ସତ୍ୟକୁ ପରିତ୍ୟାଗ କରି ଅନ୍ୟ ଆଡକୁ ଯାଉଛନ୍ତି। ଯେପରି ପିତୁଳାର ପ୍ରଚ୍ଛଦପଟରେ କୌଣସି ପ୍ରକାର ସତ୍ୟତା ନାହିଁ, ସେହିପରି ମିଥ୍ୟାର ପ୍ରଚ୍ଛଦପଟରେ କେବଳ ମନଗଢ଼ା କଥା ବ୍ୟତୀତ ଆଉକିଛି ନଥାଏ''। (ମଲ୍‌ଫୁଜାତ୍, ଖଣ୍ଡ-୩, ପୃଷ୍ଠା-୩୫୦, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ମିଥ୍ୟା କହିବା ପଛରେ କେବଳ ମନଗଢ଼ା କଥା ରହିଛି। ପ୍ରକାଶ୍ୟ ଶବ୍ଦକୁ **Sugar-coat** କରି ଉପସ୍ଥାପନ କରାଯାଏ ବା କୌଣସି ଲେଖାକୁ ଏପରି ପରବେଷଣ କରାଯାଏ, ସୁନ୍ଦର କରି ଉପସ୍ଥାପନ କରାଯାଏ କିନ୍ତୁ ବାସ୍ତବରେ ତା ଭିତରେ କିଛି ନଥାଏ। ପୁଣି ଆପଣ ଆ:ସ କହୁଛନ୍ତି କି ''ମିଥ୍ୟା କହିବା ମଧ ଗୋଟିଏ ପିତୁଳା ଅଟେ, ତାହା ଉପରେ ଭରଷା କରିବା ବାଲା ବ୍ୟକ୍ତି ଇଶ୍ୱରଙ୍କ ଉପରେ ଭରଷା କରିବା ଛାଡିଦେଇଥାଏ। ତେଣୁ ମିଥ୍ୟା କହିବା ଦ୍ୱାରା ଇଶ୍ୱର ମଧ ହାତରୁ ଚାଲିଯାଇଥାନ୍ତି''। (ଇସ୍‌ଲାମୀ ଉସୁଲ୍ କି ଫିଲାସଫି, ରୁହାନି ଖଜାଏନ୍, ଖଣ୍ଡ-୧୦, ପୃଷ୍ଠା-୩୬୧)

ସୁତରାଂ ଯଦି ତୌହିଦ୍‌ର ଦାବୀ ଅଛି, ଯଦି ଖୁଦାତାଲାଙ୍କ ଉପାସନା କରିବାର ଦାବୀ ଅଛି, ଯଦି ପ୍ରକୃତ ମୁସଲ୍‌ମାନ୍ ହେବାର ଦାବୀ ଅଛି ତେବେ ପୁଣି ମିଥ୍ୟାକୁ ନିଜ ଭିତରୁ ଆମକୁ ବାହାର କରିବାକୁ ପଡ଼ିବ ଏବଂ ମିଥ୍ୟାବାଦୀକୁ ମଧ ବାହାର କରିବାକୁ ହେବ। କିଛି ଲୋକେ ମାମୁଲି କଥାରେ ମଧ ଭୁଲ୍ ବୟାନ୍ ଦେଇଦେଉଛନ୍ତି। ଏହା ଜଣେ ମୋମିନ୍‌ର ଗୁଣ ନୁହେଁ। ଏହା ଭାବିବା ଉଚିତ୍ ନୁହେଁ କି କିଛି ଛୋଟଛୋଟ ଭୁଲ୍ ବୟାନ୍ ମିଥ୍ୟା ନୁହେଁ (କିନ୍ତୁ ବାସ୍ତବରେ) ଏହା ମଧ ମିଥ୍ୟା ଅଟେ ଏବଂ ତୌହିଦ୍‌ରୁ ଦୂରକୁ ନେଇଯାଇଥାଏ। ଆପୋଷରେ ଏପରି ଅନେକ ସମସ୍ୟା ରହିଛି, ଝଗଡା ରହିଛି, ଏପରି କଥା ଅଛି ସେଥିରେ ମନୁଷ୍ୟ ମିଛ କହି ନିଜ ସପକ୍ଷରେ କିଛି ନିଷ୍ପତି କରାଇନିଅନ୍ତି। ଆଁ ହଜ୍‌ରତ୍ ସ:ଆ:ସ କେଡେ ସୂକ୍ଷ୍ମତାର ସହିତ ମିଥ୍ୟା କହିବାରୁ ଦୂରେଇ ରହିବା ପାଇଁ ହୁସିଆର କରାଇଛନ୍ତି କି ଯଦି ମନୁଷ୍ୟ ତା ଉପରେ ଚିନ୍ତା କରିବ ତେବେ ତାର ଲୋକ ଟାଙ୍କୁରି ଉଠିବ। ଆପଣ ସ:ଆ:ସ କହୁଛନ୍ତି କି ଯଦି କୌଣସି ବ୍ୟକ୍ତି କୌଣସି ଛୋଟ ପିଲାକୁ ଏକଥା କହୁଛି ଯେ ଆସ ମୁଁ ତୁମକୁ କିଛି ଦେବି ଏବଂ ପୁଣି ସେ ତାହା ଦିଏନାହିଁ ତେବେ ଏକଥା ମଧ ମିଥ୍ୟାରେ ଗଣା ହେବ। (ସୁନନେ ଅବି ଦାଉଦ୍, କିତାବୁଲ୍ ଅଦବ୍..... ହଦିସ୍ - ୪୯୯୧)

ଅର୍ଥାତ୍ ଥଟ୍ଟାରେ ମଧ ଯଦି କୌଣସି ମିଛକଥା କୁହାଯାଏ ତାହା ମଧ ମିଥ୍ୟା ଅଟେ। ପୁଣି ଆପଣ ସ:ଆ:ସ କହୁଛନ୍ତି କି ମିଥ୍ୟା ହେଉଛି ପାପ ଏବଂ ତାହା ଦୁଷ୍କର୍ମ ଓ ପଥଭ୍ରଷ୍ଟତା ଆଡକୁ ନେଇଯାଇଥାଏ ଓ ପଥଭ୍ରଷ୍ଟତା ନର୍କ ଆଡକୁ ନେଇଯାଇଥାଏ। ପଥଭ୍ରଷ୍ଟତାର ଅର୍ଥ ହେଉଛି ଏହା କି ସତ୍ୟକଥାରୁ ବହୁତ ଦୂରେଇ ଯିବାବାଲା ହେଉଛି ଅତ୍ୟନ୍ତ ପାପି। ତେଣୁ ଆମକୁ ସଦାବେଳେ ନିଜର ଅନୁଧ୍ୟାନ କରିବା ଉଚିତ୍ ହେବ କି ଆମେ ସତ୍ୟତାର କେଉଁ ଉଚ୍ଚତମ ସ୍ତରରେ ପ୍ରତିଷ୍ଠିତ ଅଛେ ବା ଆମେ କଣ ସତ୍ୟତାର ସେହି ଉଚ୍ଚତମ ସ୍ତରରେ ଅଛେ

ଯାହା ଉପରେ ପ୍ରତିଷ୍ଠା ହେବାପାଇଁ ଆଁ ହଜ୍‌ରତ୍ ସ:ଆ:ସ ବର୍ଣ୍ଣନା କରିଛନ୍ତି ଅର୍ଥାତ୍ ଯାହା ବିଷୟରେ ଆପଣ ସ:ଆ:ସ ଏକଥା କହିଛନ୍ତି କି ତାହା ସ୍ୱର୍ଗ ଆଡକୁ ନେଇଯାଏ ବୋଲି । (ସୁନନେ ଅବିଦାଉଦ୍, କିତାବୁଲ୍ ଅଦବ୍....ହଦିସ୍-୪୯୮୯)

ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଅନୁଯାୟୀମାନଙ୍କୁ ଗୋଟିଏ କୁକର୍ମ ବିଷୟରେ ବିଶେଷ ରୂପେ ବଂଚିବା ପାଇଁ ବର୍ଣ୍ଣନା କରି ସଚେତନ କରାଇଛନ୍ତି ଓ ବିଶେଷ ରୂପେ ଏ ଉପଦେଶ ଦେଇଛନ୍ତି ବରଂ ବୟତର ସର୍ତାବଳୀ ମଧ୍ୟରୁ ମଧ୍ୟ ଏହା ହେଉଛି ଗୋଟିଏ ଅର୍ଥାତ୍ ଜନା (ବ୍ୟଭିଚାର) (ଅଜାଲା ଔହାମ୍, ରୁହାନି ଖଜାଏନ୍, ଖଣ୍ଡ-୩, ପୃଷ୍ଠା-୫୬୩)

ଏବେ ଜନା (ବ୍ୟଭିଚାର) କେବଳ ପ୍ରକାଶ୍ୟରେ ଜନା କରିବା ନୁହେଁ ଯାହା ବାସ୍ତବରେ ଅବୈଧ ଶାରିରୀକ ସମ୍ପର୍କ ଦ୍ୱାରା କରାଯାଏ ବରଂ ଆପଣ ଆ:ସ କହୁଛନ୍ତି - *ୱଲା ତକ୍‌ରବୁଜ୍ ଜିନା* ଅର୍ଥାତ୍ ''ଜନାର ନିକଟାକୁ ଯାଓନାହିଁ ଅର୍ଥାତ୍ ଏପରି ପ୍ରୟୋଜନରୁ ଦୂରେଇ ରୁହ'' । ଏପରି କୌଣସି ମଧ୍ୟ ଅବସର ଯଦି ମିଳୁଛି ସେଥିରୁ ଦୂରେଇ ରୁହ । ''ଯଦ୍ୱାରା ମନ ଭିତରେ ଏଧାରଣା ସୃଷ୍ଟି ହୋଇପାରେ'' । କାର୍ଯ୍ୟରେ ନୁହେଁ ବରଂ ଯଦି ହୃଦୟ ଭିତରେ ଏ ଭାବନା ସୃଷ୍ଟି ହୁଏ ତେବେ ଏପରି ମାର୍ଗକୁ ଗ୍ରହଣ କରନାହିଁ । କହୁଛନ୍ତି- ''ଏବଂ ସେହି ମାର୍ଗକୁ ଗ୍ରହଣ କରନାହିଁ ଯଦ୍ୱାରା ଏହି ପାପ ହେବାର ଆଶଙ୍କା ଥିବ'' । (ଇସ୍‌ଲାମୀ ଉସୁଲ୍ କି ଫିଲାସଫି, ରୁହାନି ଖଜାଏନ୍, ଖଣ୍ଡ-୧୦, ପୃଷ୍ଠା-୩୪୨)

ଏପରି କୌଣସି ଆଶଙ୍କା ଥିବ ବା କୌଣସି ବିପଦ ଥିବ ଯଦ୍ୱାରା ମନୁଷ୍ୟ ଜନା ଆଡକୁ ଯାଇପାରେ । ଆଜିକାଲି ଯୁଗରେ ଟି.ଭି, ଏବଂ ଇଂଟରନେଟ୍‌ରେ ଏପରି ଖରାପ ପ୍ରକାରର ଚଳଚିତ୍ର ଦେଖିବାକୁ ମିଳୁଛି ଯେଉଁଥିରେ ଖୋଲାଖୋଲି ଭାବେ ଜନା କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି । ତେଣୁ ଏହିଭଳି ବସ୍ତୁଙ୍କ ଠାରୁ ବଂଚିବା ହେଉଛି ପ୍ରତ୍ୟେକ ଅହେମଦୀଙ୍କ କାର୍ଯ୍ୟ । ଅନେକ ଘରେ ଏଇଥିପାଇଁ ଲଢ଼େଇ ଝଗଡା ଚାଲିଛି ଏବଂ ଅନେକ ଘର ସେଇଥିପାଇଁ ଭାଙ୍ଗିଯାଇଛି ବା ଭାଙ୍ଗିସାରିଛି କି ସ୍ୱାମୀ ଇଂଟରନେଟ୍‌ରେ ବସି ଚଳଚିତ୍ର ଦେଖୁଛି ଓ ସେଥିଯୋଗୁ ଭୁଲ୍ ଧାରଣା ସୃଷ୍ଟି ହେଉଛି । ଅନେକ ଯୁବକ ଏଇଥିପାଇଁ ବର୍‌ବାଦ୍ ହେଉଛନ୍ତି ଏବଂ କୁସଙ୍ଗରେ ପଡୁଛନ୍ତି । କାରଣ ଲଙ୍ଗଳା ଓ ଖରାପ ଚଳଚିତ୍ର ଦେଖିବା ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି । ଏହି ତଥାକଥିତ ଉନ୍ନତଶୀଳ ସମାଜ ତାକୁ ସ୍ୱାଧୀନ ମନୋଭାବ ଓ ଉନ୍ନତିର ପରିଚାୟକ ରୂପେ ବିବେଚନା କରିଛି କିନ୍ତୁ ଆମେ ଆମ ନିଜକୁ ସେହି ସବୁ କୁକର୍ମରୁ ବଂଚାଇବାକୁ ହେବ । ଏବେ ସେହି ଲୋକମାନେ ନିଜେ କହୁଛନ୍ତି କି ତାର ବହୁତ କିଛି କ୍ଷତି ଅଛି । ଏବଂ ଯଦି ଆପଣମାନେ ନିଜେ ଯାଇ ପ୍ରୋନୋଗ୍ରାଫି ଫିଲ୍ମ ଗୁଡିକର ଇନ୍‌ଫର୍‌ମେସନ୍ ନେବେ ତେବେ ସେଥିରେ ଆପଣମାନଙ୍କ ଏକଥା ମିଳିଯିବ କି ଏହା ଜନା (ବ୍ୟଭିଚାର) ଆଡକୁ ଟାଣି ନେଉଛି । Domestic Violence ଆଡକୁ ନେଇଯାଉଛି ଏବଂ ଏହାଦ୍ୱାରା ଅବୈଧ ସମ୍ବନ୍ଧ ଗଢ଼ି ଉଠୁଛି । ପିଲାମାନଙ୍କ ସହିତ ଅତ୍ୟାଚାର କରାଯାଉଛି ଓ ଏହା ସବୁ ଉକ୍ତ ଖରାପ ଚଳଚିତ୍ର ଯୋଗୁ ହିଁ ଘଟୁଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ଏପରି ଭାବନା ମଧ୍ୟ ମନ ଭିତରେ ନଆସୁ । ଯଦି ଏପରି ଭାବନା ମନ ଭିତରେ ଆସେ ତେବେ ସେଥିରୁ ମଧ୍ୟ ବଂଚନ୍ତୁ । ସୁତରାଂ ଏବେ ଏହା ପ୍ରମାଣ ହେଉଅଛି କି ସେ ସବୁକଥା ଦେଖିବା ଦ୍ୱାରା ଏହି ସବୁକିଛି ଖରାପ କାର୍ଯ୍ୟ ଘଟୁଅଛି । ତେଣୁ ଜଣେ ଅହେମଦୀକୁ ବିଶେଷ ରୂପେ ସେହିସବୁ ଜିନିଷରୁ ବଂଚିବା ଉଚିତ୍ ।

ପୁଣି ଜଣେ ବାସ୍ତବିକ ଅହେମଦୀ ହେବାପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପ୍ରତ୍ୟେକ ପ୍ରକାରର ଅତ୍ୟାଚାରରୁ ବଂଚିବା ପାଇଁ ମଧ୍ୟ ବିଶେଷ ରୂପେ ଧ୍ୟାନ ଆକର୍ଷଣ କରିଛନ୍ତି । ଆପଣ ଆ:ସ କହୁଛନ୍ତି କି ଯଦି ମୋ ସହିତ ସମ୍ବନ୍ଧିତ ହେବାକୁ ଚାହୁଁଛ ତେବେ ପୁଣି କୌଣସି ପ୍ରକାରର ଧୃଷ୍ଟତା, ଅତ୍ୟାଚାର ଏବଂ ବିଭ୍ରାଟର ଧାରଣା ମଧ୍ୟ ମନ ଭିତରେ ଆଣନାହିଁ । (ଉଦ୍ଧୃତ ମଜ୍‌ମୁଆ, ଇସ୍‌ତେହାରାତ୍, ଖଣ୍ଡ-୩, ପୃଷ୍ଠା-୪୬-୪୭)

ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପ୍ରଶ୍ନ କରାଗଲା କି ସବୁଠାରୁ ବଡ ଅତ୍ୟାଚାର କଣ ? ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ- ସବୁଠାରୁ ବଡ ଅତ୍ୟାଚାର ହେଉଛି ଏହା କି କୌଣସି ବ୍ୟକ୍ତି ନିଜ ଭାଇର ଅଧିକାରରୁ ଗୋଟିଏ ହାତ ଜମି ନେଇ ଦଖଲ କରିନିଏ ଅର୍ଥାତ୍ ସେହି ଜମି ଉପରେ କବ୍‌ଜା କରିନିଏ । ସେହି ଜମିର ଗୋଟିଏ ମଧ୍ୟ ଗୋଡି, ଗୋଟିଏ ଛୋଟ ଖଣ୍ଡ ଯାହା ଦୁଇ ଆଙ୍ଗୁଠିର ମଝିରେ ଆସିଯାଏ ଯାହାକୁ ସେ ଅତ୍ୟାଚାର କରି ନେଇଯାଇଥିବ, (ଅର୍ଥାତ୍) ଛୋଟରୁ ଛୋଟ ବସ୍ତୁକୁ ମଧ୍ୟ କବ୍‌ଜା କରିଥିବ ତେବେ ତା ତଳେ ଥିବା ଜମିର ସମସ୍ତ ତବକାତ୍ ଅର୍ଥାତ୍ ସେହି ଜମିର ତଳେ ଥିବା ଯେତେ ପରସ୍ତ ମାଟି ଅଛି, ସେ ସବୁକୁ ମାଳ ବନାଯାଇ ତା ବେକରେ ପକାଇ ଦିଆଯିବ । ଯେତେବେଳେ ତାର ହିସାବ ନିକାଶ କରାଯିବ ଗୋଟିଏ ହାର ତିଆରି କରାଯିବ ଏବଂ ସେହି ହାରଟିକୁ ଗଳାରେ ପକାଇ ଦିଆଯିବ । (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୨, ପୃଷ୍ଠା-୫୯-୬୦...ହଦିସ୍ - ୩୭୬୭)

ଏବେ ମାଟିତଳେ ଗୋଟିଏ ପଟରୁ ଅନ୍ୟପଟ ପର୍ଯ୍ୟନ୍ତ ହଜାର ହଜାର ମାଇଲ୍ ରହିଛି ଏବଂ ମଣିଷ ଏହା ଚିନ୍ତା କରୁ କି ସେଥିପାଇଁ କେତେବଡ ବୋଝ ମଣିଷ ଉପରେ ପଡିବ । ଏହା ଏତେବଡ ଦଣ୍ଡ ଅଟେ କି ଏହାର କଳ୍ପନା ମଧ୍ୟ ମଣିଷ କରିପାରିବ ନାହିଁ । ତେଣୁ କାହାର ହକ୍‌କୁ ଛଡାଇନେବା ବହୁତ ବଡ ଅତ୍ୟାଚାର ଓ ପାପ ଅଟେ । ଅନ୍ୟମାନଙ୍କୁ ଆମେ ଇସ୍‌ଲାମ୍‌ର ଉତମ ଗୁଣ ବିଷୟରେ ବତାଉଛେ କି ସୃଷ୍ଟଜଙ୍କର ଅଧିକାରକୁ ପ୍ରଦାନ କରିବାର ଉଚ୍ଚତମ ସ୍ତର ଇସ୍‌ଲାମୀୟ ଶିକ୍ଷାରେ ରହିଛି । ଇସ୍‌ଲାମ୍ ଅଧିକାରକୁ ନେବା ପରିବର୍ତେ ଅଧିକାରକୁ ଦେବା ପ୍ରତି ଧ୍ୟାନ ଆକର୍ଷଣ କରୁଛି । ଲୋକମାନଙ୍କୁ ତ ଆମେ ବଡ ବଡ କଥା କହୁଛେ (କିନ୍ତୁ) ଯଦି ଆମର କାର୍ଯ୍ୟ ଏହାର ବିପରୀତ ତେବେ ଆମେ ହେଉଛେ ପାପୀ ଓ ମିଥ୍ୟା କହୁଅଛେ । ତେଣୁ ପ୍ରତ୍ୟେକ ଅହେମଦୀକୁ ଏ ବିଷୟରେ ସୂକ୍ଷ୍ମତାର ସହିତ ଅନୁଧ୍ୟାନ କରିବା ଉଚିତ୍ । ଆମର କାର୍ଯ୍ୟ ଗୁଡିକ ଆମ ଶିକ୍ଷା ମୁତାବକ ଯଦି ହେବେ ତେବେ ଆମର ତବ୍‌ଲିଗ୍ ମଧ୍ୟ ଫଳପ୍ରଦ ହେବ । ଆମର ପ୍ରଭାବ ଲୋକମାନଙ୍କ ଉପରେ ଭଲ ପଡ଼ିବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେଉଁ ସ୍ତରକୁ ଧାର୍ଯ୍ୟ କରିଛନ୍ତି ଓ ଯେପରିକି ଏକଥା ବର୍ଣ୍ଣନା ହେଲା କି ଅତ୍ୟାଚାରର ଭାବନା ମଧ୍ୟ ମନ ଭିତରେ ଆଣିବା ନାହିଁ ତେଣୁ କାହା ଉପରେ କୌଣସି ପ୍ରକାରର ମଧ୍ୟ ଅତ୍ୟାଚାର କରାଯାନଯାଉ ।

ପୁଣି ଅଲ୍ଲାଃତାଲାଙ୍କର ଉପାସନା କରିବା ହେଉଛି ମୋମିନ୍ ହେବାପାଇଁ ଗୋଟିଏ ଗୁରୁତ୍ୱପୁର୍ଣ୍ଣ ସର୍ତ ବରଂ ଅଲ୍ଲାଃତାଲା ମନୁଷ୍ୟ ଜନ୍ମର ଉଦ୍ଦେଶ୍ୟକୁ ମଧ୍ୟ ଉପାସନା କରିବା ହିଁ ଅଭିହିତ କରିଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ''ହେ ସମସ୍ତ ଲୋକମାନେ ! ଯେଉଁମାନେ ନିଜକୁ ମୋ ଜମାତ୍‌ରେ ଗଣନା କରୁଛ, ତୁମେମାନେ ଆକାଶରେ ସେତେବେଳେ ମୋ ଜମାତ୍‌ର ଗଣାଯିବ ଯେତେବେଳେ ପ୍ରକୃତରେ ତକ୍‌ୱା (ଧର୍ମପରାୟଣତା)ର ମାର୍ଗ ଉପରେ ପାଦଥାପିବ ସୁତରାଂ ନିଜର ପାଂଚବେଳା ନମାଜକୁ ଏପରି ଭୟ ଓ ବିନମ୍ରତାର ସହିତ ପାଠ କର ଯେପରି ତୁମେ ଖୁଦାତାଲାଙ୍କୁ ଦେଖୁଅଛ'' । (କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୧୫)

ପୁଣି ଆପଣ ଆ:ସ କହୁଛନ୍ତି- ନମାଜ ହେଉଛି ପ୍ରତ୍ୟେକ ମୁସଲ୍‌ମାନଙ୍କ ଉପରେ ଫର୍ଜ୍ (ଧାର୍ଯ୍ୟ) । ହଦିସ୍‌ରେ ଆସୁଛି କି ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ଆସି ଗୋଟିଏ କୌମ୍ ଇସ୍‌ଲାମ୍ ଗ୍ରହଣ କଲା ଓ ଅନୁରୋଧ କଲା କି ହେ ରସୁଲୁଲ୍ଲାଃ ସ:ଆ:ସ ଆମପାଇଁ ନମାଜ ପଢ଼ିବା କ୍ଷମା କରିଦିଆଯାଉ କାରଣ ଆମେ ହେଉଛୁ ବ୍ୟବସାୟୀ ଲୋକେ, ଆମପାଇଁ ପାଂଚବେଳା ନମାଜ ପଢ଼ିବା କଷ୍ଟକର ବ୍ୟାପାର । ଗୃହପାଳିତ ପଶୁ ମଧ୍ୟ ଆମ ସହିତ ରହୁଛନ୍ତି । ବଡବଡ Herd (ଗୋଠ) ରଖି ଚରାଇଥାଆନ୍ତି । ବାହାର କାମ, ବହୁତ ପଣିଶ୍ରମର କାମ ଅଛି । ଆମ ଜାମା ମଧ୍ୟ ଖରାପ ହୋଇଯାଉଛି । ପୁଣି ଏହି କାର୍ଯ୍ୟରେ ବ୍ୟସ୍ତ ରହିବା ଯୋଗୁ ଅବସର ମଧ୍ୟ ମିଳୁନାହିଁ କି ପାଂଚବେଳା ନମାଜ୍ ପଢ଼ିପାରିବୁ । ତେବେ ଆପଣ ସ:ଆ:ସ ତାକୁ ଉତର ଦେଲେ କି ଦେଖନ୍ତୁ ଯଦି ନମାଜ ନାହିଁ ତେବେ କଣ ରହିଲା ? ସେ ଧର୍ମ, ଧର୍ମ ନୁହେଁ ଯେଉଁଥିରେ ନମାଜ ନାହିଁ । କହୁଛନ୍ତି ନମାଜ କଣ ? ଏହା କି ନିଜର ବିବସତା ଓ ଦୁର୍ବଳତାକୁ ଖୁଦାଙ୍କ ସମ୍ମୁଖରେ ଉପସ୍ଥାପନ କରିବା ଓ ତାହାଠାରୁ ହିଁ ନିଜର ଆବଶ୍ୟକତାକୁ ମାଗିବା । କହୁଛନ୍ତି କି ଖୁଦାଙ୍କ ପ୍ରେମ, ତାର ଭୟ, ତାର ସ୍ମରଣରେ ମନଲାଗି ରହିବାର ନାମ ହେଉଛି ନମାଜ୍ ଏବଂ ଏହା ହେଉଛି ଦୀନ୍ । କହୁଛନ୍ତି କି ପୁଣି ଯେଉଁବ୍ୟକ୍ତି ନମାଜ୍‌ରୁ ହିଁ ବିରାମ ହାସଲ କରିବାକୁ ଚାହୁଁଥାଏ ତେବେ ସେ ପଶୁଙ୍କ ଠାରୁ ବଳି ଆଉ କଣ କଲା । ତାର ଅବସ୍ଥା ପୁଣି ପଶୁଙ୍କ ଅବସ୍ଥା ସଦୃଶ ଅଟେ । ସେହି ଖାଇବା ପିଇବା ଓ ପଶୁଙ୍କ ପରି ଶୋଇ ରହିବା, ଏହା ତ କଦାପି ଦୀନ୍ ନୁହେଁ । ଏହା ହେଉଛି କୁଫାର୍ (ଅମାନ୍ୟକାରୀ)ଙ୍କ ଜୀବନ ଚରିତ । (ମଲ୍‌ଫୁଜାତ୍, ଖଣ୍ଡ-୫, ପୃଷ୍ଠା-୨୫୩-୨୫୪, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସ୍ୱଷ୍ଟ ରୂପେ କହିଛନ୍ତି କି ପଶୁ ଓ ମଣିଷ ମଧ୍ୟରେ ପ୍ରଭେଦ କରୁଥିବା ଯେଉଁ ଜିନିଷ ଅଛି ତାହା ହେଉଛି ଅଲ୍ଲାଃତାଲାଙ୍କର ଉପାସନା ଏବଂ ନମାଜ । ଯଦି ଆମଠାରେ ନମାଜ ପଢ଼ିବା ପ୍ରତି ଧ୍ୟାନ ହେଉନାହିଁ ତେବେ ନିଜେ ହିଁ ଆକଳନ କରିପାରିବେ କି କେଉଁ ଗୋଷ୍ଠୀ ଭିତରେ ଆସୁଛେ । ମୁଁ ଏଥିପ୍ରତି ଅନେକଥର ଧ୍ୟାନ ଆକର୍ଷଣ କରାଇସାରିଛି ଓ ଆକର୍ଷଣ କରାଉଛି କି ଯଦି ନମାଜ ସେଂଟର୍ ବା ମସ୍‌ଜିଦ୍ ଦୂର ଅଛି ତେବେ ପାଖାପାଖି ଥିବା କିଛି ଘର ଆପୋଷରେ ମିଶି ଗୋଟିଏ ସ୍ଥାନ ଧାର୍ଯ୍ୟ କରନ୍ତୁ ଯେଉଁଠି ନମାଜ ପଢ଼ାଯାଇପାରିବ । ଏହାଦ୍ୱାରା ଯେଉଁଠି ବାଜମାତ୍ ନମାଜ୍‌ର ପୁଣ୍ୟ ମିଳିବ ସେଠାରେ ନମାଜ ପଢ଼ିବା ପ୍ରତି ଧ୍ୟାନ ମଧ୍ୟ ରହିବ ଓ ଆସନ୍ତା ପିଢ଼ୀକୁ ମଧ୍ୟ ଏ ପ୍ରସଙ୍ଗରେ ଧ୍ୟାନ ଆକର୍ଷଣ ହେବା ଏବଂ ସେମାନଙ୍କର ସୁଧାର ହୋଇପାରିବ । ସେମାନଙ୍କର ମଧ୍ୟ ନମାଜ ପଢ଼ିବା ପ୍ରତି ଧ୍ୟାନ ସୃଷ୍ଟି ହେବ । ଆମେ ମସ୍‌ଜିଦ୍ ନିର୍ମାଣ କରିବା ପ୍ରତି ଧ୍ୟାନ ଆକର୍ଷଣ କରୁଅଛେ, ମସ୍‌ଜିଦ୍ ନିର୍ମାଣ କରୁଅଛେ । ଆସନ୍ତା କାଲି ୱର୍‌ଜିନିଆଠାରେ ଇନ୍‌ଶାଅଲ୍ଲାଃ ମସ୍‌ଜିଦ୍‌ର ଉଦ୍‌ଘାଟନ ହେବ କିନ୍ତୁ ଯଦି ଆମକୁ ଉପାସନା କରିବା ପ୍ରତି ଧ୍ୟାନ ନାହିଁ ତେବେ ଏହି ସବୁ ମସ୍‌ଜିଦ୍ ଗୁଡିକୁ ନିର୍ମାଣ କରିବାରେ କଣ ଲାଭ ? ମୁଁ ବାରମ୍ବାର କହୁଛି ଯେ ଯଦି ୱହ୍‌ଦାଦାର୍, ପ୍ରତ୍ୟେକ ତନ୍‌ଜିମ୍‌ର ୱହ୍‌ଦାଦାର୍ ଓ ଜମାତି ସ୍ତରର ୱହ୍‌ଦାଦାର୍ ନିଜ ନିଜ ସ୍ତରରେ ନମାଜରେ ଉପସ୍ଥାନ ପ୍ରତି ସମ୍ପୂର୍ଣ୍ଣ ରୂପେ ଧ୍ୟାନ ଆକର୍ଷଣ କରାଇବେ ତେବେ ଉପସ୍ଥାନ କେତେଗୁଣା ବଢ଼ିଯାଇପାରିବ ଏବଂ ଏହାଦ୍ୱାରା ଆମର ଆସନ୍ତା ପିଢ଼ୀ ମଧ୍ୟ ତର୍‌ବିୟତ୍ ହୋଇପାରିବ ।

ନମାଜର ଗୁରୁତ୍ୱ ବିଷୟରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଟିଏ ଉପଦେଶ ଏପରି ଅଛି ଯାହା ନିଶ୍ଚିତ ରୂପେ ଆମ ହୃଦୟକୁ ଦୋହଲାଇ ଦେଉଛି । ଆପଣ ସ:ଆ:ସ କହୁଛନ୍ତି କି କୟାମତ୍ ଦିନ ସର୍ବପ୍ରଥମେ ଭକ୍ତଙ୍କଠାରୁ ଯେଉଁ ଜିନିଷର ହିସାବ ନିଆଯିବ ତାହା ହେଉଛି ନମାଜ୍ । ଯଦି ଏହି ହିସାବ୍ ଠିକ୍ ରହିଲା ତେବେ ସେ ସଫଳ ହେଲା ଓ ମୋକ୍ଷ ପାଇଗଲା । ଯଦି ଏ ହିସାବ୍ ଖରାପ ହେଲା ତେବେ ସେ ଅସଫଳ ହେଲା ଓ ଅସୁବିଧାରେ ପଡ଼ିଲା । (ସୁନନେ ନିସାଇ....ହଦିସ୍-୪୬୬)

ସୁତରାଂ ଏହା କୌଣସି ମାମୁଲି କଥା ନୁହେଁ କି ନମାଜ ପ୍ରତି ଧ୍ୟାନ ଦେବାର ଯେଉଁ ହକ୍ ଅଛି ତାହାକୁ ପ୍ରଦାନ କରାନଯାଉ । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦୀଙ୍କୁ ଏହି ହକ୍ ପ୍ରଦାନ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ହକ୍ କେବଳ ଫର୍ଜ୍ ନମାଜ ଦ୍ୱାରା ପ୍ରଦାନ ହେବନାହିଁ ବରଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ତହଜ୍ଜୁଦ୍ ଏବଂ ନଫଲ୍ ପଢ଼ିବା ପ୍ରତି ମଧ୍ୟ ଧ୍ୟାନ ହେବା ଉଚିତ୍ । (ମଲ୍‌ଫୁଜାତ୍, ଖଣ୍ଡ-୩, ପୃଷ୍ଠା-୨୪୫, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କର ଏ ଉପଦେଶ ଅଛି କି ତୁମ ଫର୍ଜ୍ ନମାଜ ଗୁଡିକରେ ବେଳେବେଳେ ଯେଉଁ କମି ରହିଯାଉଛି ଅଲ୍ଲାଃତାଲା ସେଗୁଡିକୁ ନଫଲ୍ ନମାଜ ମାଧ୍ୟମରେ ପୂରଣ କରିଦେଉଛନ୍ତି । (ସୁନନେ ନିସାଇ....ହଦିସ୍-୪୬୬) ଯଦି ନଫିଲ୍ ନମାଜର ଅଭ୍ୟାସ ଥିବ । ସୁତରାଂ ନଫିଲ୍ ଏବଂ ତହଜୁଦ୍ ନମାଜ ପଢ଼ିବା ମଧ୍ୟ ଗୁରୁତ୍ୱପୁର୍ଣ୍ଣ ଅଟେ, ଏଥିପ୍ରତି ଧ୍ୟାନଦେବା ଉଚିତ୍ ।

ପୁଣି ଆଉଗୋଟିଏ ଅତ୍ୟନ୍ତ ଜରୁରୀ କଥା ପ୍ରତି ପ୍ରତ୍ୟେକ ଅହେମଦୀକୁ ଦୃଷ୍ଟିଦେବା ଉଚିତ୍ ତାହା ହେଉଛି ଅଲ୍ଲାଃତାଲାଙ୍କ ଠାରୁ ନିଜ ପାପଗୁଡିକ ପାଇଁ କ୍ଷମା ମାଗିବା ନିମନ୍ତେ ଅହରହ ଧ୍ୟାନ ଦେବା । ମଣିଷ ହେଉଛି ଦୁର୍ବଳ । ବେଳେବେଳେ ଭୁଲ୍ କାର୍ଯ୍ୟକଳାପରୁ ବଂଚିବା

ପାଇଁ ଚେଷ୍ଟା କରିବା ସତ୍ୱେ ମଧ ଭୁଲ୍ ହୋଇଯାଇଥାଏ ଓ ଅଲ୍ଲାଃତାଲା ଏପରି ନୁହଁନ୍ତି କି ନିଜ ଭକ୍ତମାନଙ୍କର ଭୁଲ୍‌ଗୁଡିକୁ କେବଳ ଧରିବସନ୍ତି ଓ ଦଣ୍ଡ ଦିଅନ୍ତି ବା ସେ ତା ଉପରେ ଦୃଷ୍ଟି ରଖିଥାଏ ବରଂ ଅଲ୍ଲାଃତାଲା ସେହି ଭୁଲ୍‌ଗୁଡିକର କ୍ଷମା ଓ ଆସନ୍ତାକୁ ସେଥିରୁ ବଂଚିବା ପାଇଁ ଶୈଳୀ ମଧ ଆମକୁ ବତାଇଛନ୍ତି ଓ ତାହା ହେଉଛି ଇସ୍‌ତେଗ୍‌ଫାର୍ । ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି କି ଅଲ୍ଲାଃତାଲା ଏପରି ନୁହଁନ୍ତି କି ଲୋକମାନଙ୍କୁ ଦଣ୍ଡଦେବେ ଯେବେକି ସେ ଇସ୍‌ତେଗ୍‌ଫାର୍ କରୁଥିବ । (ଅଲ୍ ଅନ୍‌ଫାଲ:୩୪)

ଯଦି କିଛିଲୋକ ମଧ ଇସ୍‌ତେଗ୍‌ଫାର୍ କରୁଥିବେ ଅନେକ ଲୋକଙ୍କର ଦଣ୍ଡ କ୍ଷମା ହୋଇଯାଇଥାଏ ଅର୍ଥାତ୍ ସେମାନଙ୍କ ପାଇଁ ଅନ୍ୟମାନେ ମଧ ବଂଚିଯାଆନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏ ସମ୍ବନ୍ଧରେ କହୁଛନ୍ତି କି କିଛି ଲୋକେ ଏପରି ଅଛନ୍ତି ସେମାନେ ପାପ ବିଷୟରେ ଜାଣିପାରନ୍ତି ଓ ଆଉକିଛି ଲୋକେ ଏପରି ଅଛନ୍ତି ସେମାନେ ପାପ ବିଷୟରେ ମଧ ଜାଣିପାରନ୍ତି ନାହିଁ । ସେଇଥିଯୋଗୁ ଅଲ୍ଲାଃତାଲା ଇସ୍‌ତେଗ୍‌ଫାର୍‌କୁ ସବୁବେଳପାଇଁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପାପ ବିଷୟରେ ଜଣାଥାଉ ବା ନଥାଉ ମନୁଷ୍ୟ ଇସ୍‌ତେଗ୍‌ଫାର୍ କରିଚାଲୁ । ଜଣାନାହିଁ କେତେବେଳେ କଣ ଭୁଲ୍ ହୋଇଯାଉଥିବ । ଅଜାଣତରେ ପାପ ହୋଇଯାଏ । କହୁଛନ୍ତି କି ଇସ୍‌ତେଗ୍‌ଫାର୍‌କୁ ପଢ଼ିବ ପାଇଁ କୁହାଯାଇଛି ଅର୍ଥାତ୍ ମନୁଷ୍ୟ ପ୍ରତ୍ୟେକ ପ୍ରକାରର ପାପା ନିମନ୍ତେ ତାହା ପ୍ରକାଶ୍ୟରେ ହେଉ ବା ଇପ୍ସିତ ହେଉ ଅର୍ଥାତ୍ ସେ ଜାଣିଥାଉ ବା ନଜାଣିଥାଉ ଏବଂ ହାତ, ଗୋଡ, ଜିଭ, ନାକ, କାନ ଏବଂ ଆଖି ସେହିପରି ପ୍ରତ୍ୟେକ ପ୍ରକାରର ପାପରୁ ଇସ୍‌ତେଗ୍‌ଫାର୍ କରିଚାଲୁ । ଅର୍ଥାତ୍ ମନୁଷ୍ୟର ସମସ୍ତ ଅଙ୍ଗ ପାପର ମାଧମ ହୋଇଯାଏ । ତେଣୁ ପ୍ରତ୍ୟେକ ଅଙ୍ଗକୁ ପାପରୁ ବଂଚାଇବା ପାଇଁ ଇସ୍‌ତେଗ୍‌ଫାର୍ କରିଚାଲ । ପାପ କରିବାର ମାଧମ (କିଛି ନା କିଛି) ହୋଇଯାଇଥାଏ । ତେଣୁ ନିର୍ଦ୍ଦେଶ୍ ଦିଆଯାଇଛି କି ଅଲ୍ଲାଃତାଲାଙ୍କ ଶରଣରେ ରହିବା ପାଇଁ ଚେଷ୍ଟା କରିବା ଉଚିତ୍ । ତେଣୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏ ଦୁଆ ଶିଖାଇଛନ୍ତି କି ଏ ଯୁଗରେ ଅର୍ଥାତ୍ ଆଜିକାଲିର ଏହି ଯୁଗରେ ପବିତ୍ର କୋରାନ୍‌ର ଏହି ଦୁଆ ଅନବରତ ପଢ଼ିବା ଉଚିତ୍ ଏବଂ ସେହି ଦୁଆଟି ହେଉଛି ଏପରି - *ରବ୍‌ବନା ଜଲମ୍‌ନା ଅନ୍‌ଫୁସନା ୱ ଇଲ୍ ଲମ୍ ତଗ୍‌ଫିର୍‌ଲନା ୱ ତର୍‌ହମ୍‌ନା ଲନକୁନନ୍ନା ମିନଲ୍ ଖାସିରିନ୍ ।* - (ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା -୨୭୫) ଅର୍ଥାତ୍ ହେ ଅଲ୍ଲାଃ ! ଆମେ ଆମ ଜୀବନ ଉପରେ ଅତ୍ୟାଚାର କରିଅଛୁ ଏବଂ ଯଦି ତୁମେ ଆମମାନଙ୍କୁ କ୍ଷମା ନକରିବ ଓ ଆମମାନଙ୍କ ପ୍ରତି କରୁଣା ନକରିବ ତେବେ ଆମେମାନେ କ୍ଷତିଗ୍ରସ୍ତମାନଙ୍କ ମଧରେ ଅନ୍ତର୍ଭୁକ୍ତ ହେବୁ । *ରବ୍‌ବନା ଜଲମ୍‌ନା ଅନ୍‌ଫୁସନା ୱ ଇଲ୍ ଲମ୍ ତଗ୍‌ଫିର୍‌ଲନା ୱ ତର୍‌ହମ୍‌ନା ଲନକୁନନ୍ନା ମିନଲ୍ ଖାସିରିନ୍ ।* (ଅଲ୍ ଆରାଫ୍ : ୨୪)

ଆପଣ ଆ:ସ କହୁଛନ୍ତି କି ''ଯେତେବେଳେ ଖୁଦାଙ୍କଠାରୁ ଶକ୍ତି ତଲବ କରିବ ଅର୍ଥାତ୍ ଇସ୍‌ତେଗ୍‌ଫାର୍ କରିବ ସେତେବେଳେ ରୁହୁଲ୍ କୁଦୁସ୍ (ପବିତ୍ର ଆତ୍ମା)ର ସାହାଯ୍ୟ ଯୋଗୁ ତାଙ୍କର ଦୁର୍ବଳତା ଦୂର ହୋଇପାରିବ'' । (କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୩୪)

ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଅନୁଯାୟୀମାନଙ୍କ ନିମନ୍ତେ ଆଉଗୋଟିଏ ମୂଳ ସର୍ତ ମଧ ରଖିଛନ୍ତି କି ସେମାନେ ହୁକୁକୁଲ୍ ଇବାଦ୍ (ସୃଷ୍ଟଜଙ୍କ ଅଧିକାର) ପ୍ରଦାନକାରୀ ହୁଅନ୍ତୁ ଏବଂ ଅଲ୍ଲାଃତାଲାଙ୍କ ସୃଷ୍ଟଜ ପ୍ରାଣୀ ଜଗତକୁ କୌଣସି ପ୍ରକାରେ ମଧ ଦୁଃଖ ପହଂଚାଇବାରୁ ନିବୃତ ରୁହନ୍ତୁ । (ଅଜାଲା ଅଉହାମ୍, ଖଣ୍ଡ-୩, ପୃଷ୍ଠା-୫୬୪)

ଆପଣ ଆ:ସ ଆମକୁ ପ୍ରତ୍ୟେକ ସମୟରେ ନିଜର ହୃଦୟକୁ ଅନୁଶୀଳନ କରିବା ପାଇଁ ଧ୍ୟାନ ଆକର୍ଷଣ କରାଇ କହୁଛନ୍ତି- କଣ ତୁମ ଭିତରେ ଇଶ୍ୱରଭୟ ଓ ଏହାଫଳରେ ଇଶ୍ୱରଙ୍କ ସୃଷ୍ଟଜଙ୍କ ପାଇଁ ସହାନୁଭୁତି ରହିଛି କି ? ଗୋଟିଏ ହଦିସ୍‌ରେ ଆସୁଛି ଯେ ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି କି ଆପୋଷରେ ଇର୍ଶା କରନାହିଁ । ଆପୋଷରେ କଳିଝଗଡା କରନାହିଁ । ଆପୋଷରେ ବିଦ୍ୱେଷଭାବ ରଖନାହିଁ । ଜଣେ ଅନ୍ୟଜଣଙ୍କ ସହିତ ଶତୃତା ରଖନାହିଁ ଏବଂ ତୁମମାନଙ୍କ ମଧରୁ ଜଣେ ଅନ୍ୟଜଣଙ୍କ ସଉଦା ଉପରେ ସଉଦା କରନାହିଁ । ଆପୋଷରେ ଭାଇଭାଇ ହୋଇଯାଅ । ମୁସଲ୍‌ମାନ୍ ନିଜ ଭାଇ ଉପରେ ଅତ୍ୟାଚାର କରେନାହିଁ, ତାକୁ ଅପମାନ କରେନାହିଁ ଓ ତାକୁ ନ୍ୟୁନ ମଣେନାହିଁ, କୌଣସି ମନୁଷ୍ୟର ଦୁଷ୍ଟତା ପାଇଁ କେବଳ ଏତିକି ଯଥେଷ୍ଟ ଯେ ସେ ନିଜ ମୁସଲ୍‌ମାନ୍ ଭାଇକୁ ନ୍ୟୁନ୍ ମଣିନେଉ । ଜଣେ ମୁସଲ୍‌ମାନ୍ ପାଇଁ ଅନ୍ୟଜଣେ ମୁସଲ୍‌ମାନ୍‌ର ଜୀବନ ନେବା, ଧନ ଏବଂ ଇଜ୍ଜତ୍ (ହାନି କରିବା) ହରାମ୍ ଅଟେ ।

(ସହି ମୁସ୍‌ଲିମ୍...ହଦିସ୍-୬୫୪୧)

ଏହା ହେଉଛି ଏପରି କଥା ଯାହା ସମସ୍ତଙ୍କଠାରୁ ଅଧିକା ଆମ ଅହେମଦୀଙ୍କ ଠାରୁ ପ୍ରକାଶ ହେବା ଉଚିତ୍ ଓ ଅଲ୍ଲାଃତାଲାଙ୍କ କରୁଣାରୁ ଯଥେଷ୍ଟ ମାତ୍ରାରେ ଏହା ଉପରେ ଅମଳ କରାଯାଉଛି । ଯଦି ସମସ୍ତ ମୁସଲ୍‌ମାନ୍ ଆଜି ଏହି ବାସ୍ତବିକତାକୁ ବୁଝିନିଅନ୍ତେ ଓ ଏହା ଉପରେ ପରିଚାଳିତ ହୁଅନ୍ତେ ଓ ମୁସଲ୍‌ମାନ୍ ଦେଶଗୁଡିକୁ ଏହା ଉପରେ ଅମଳ କରନ୍ତେ ତେବେ ଆଜିକାଲି ମୁସଲ୍‌ମାନ୍, ମୁସଲ୍‌ମାନ୍ ଉପରେ ଯେଉଁ ଅତ୍ୟାଚାର କରି ସେମାନଙ୍କର ଜୀବନ ଧନକୁ ନିଃଶେଷ କରିଦେଉଛନ୍ତି, ହଜାର ହଜାର, ଲକ୍ଷ ଲକ୍ଷ ପିଲାମାନେ ଅନାଥ ହେଉଛନ୍ତି, ଲକ୍ଷ ଲକ୍ଷ ମହିଳା ବିଧବା ହେଉଛନ୍ତି ଓ ବୃଦ୍ଧ ଲୋକମାନେ ମରି ଯାଉଛନ୍ତି, ଏ ସବୁକିଛି ମଧ ହୁଅନ୍ତା ନାହିଁ ।

ପୁଣି ଗର୍ବ ଓ ଅହଂକାର ହେଉଛି ବହୁତ ବଡ ଖରାପ କାର୍ଯ୍ୟ । ସେଥିରୁ ବଂଜିବା ପାଇଁ ଅଲ୍ଲାଃତାଲା ଆମକୁ ପବିତ୍ର କୋରାନ୍‌ରେ ନିର୍ଦ୍ଦେଶ ଦେଇଛନ୍ତି । ଆଁ ହଜ୍‌ରତ୍ ସ:ଆ:ସ ଏ ସମ୍ବନ୍ଧରେ ବହୁତ ଧ୍ୟାନ ଆକର୍ଷଣ କରାଇଛନ୍ତି । ଆପଣ ସ:ଆ:ସ କହୁଛନ୍ତି କି- ଯାହା ହୃଦୟ ଭିତରେ ସୋରିଷ ଦାନା ସଦୃଶ ଗର୍ବ ଥିବ ସେ ବୈକୁଣ୍ଠରେ ପ୍ରବେଶ କରିପାରିବ ନାହିଁ ।

(ସହି ମୁସ୍‌ଲିମ......ହଦିସ୍-୨୬୭)

ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି- ''ମୋ ନିକଟରେ ପବିତ୍ର ହେବାର ଏହା ଏପରି ସୁନ୍ଦର ଶୈଳୀ କି ଏହାଠାରୁ ଆଉ କୌଣସି ଉତମ ଶୈଳୀ ମିଳିବା ସମ୍ଭବ ନୁହେଁ ଅର୍ଥାତ୍ ମନୁଷ୍ୟ କୌଣସି ପ୍ରକାରର ଗର୍ବ ଓ ଅହଂକାର ନକରୁ ନା ଜ୍ଞାନ ନା କୁଟୁମ୍ବ ନା ଧନର (ଗର୍ବ)'' ।

(ମଲ୍‌ଫୁଜାତ୍, ଖଣ୍ଡ-୭, ପୃଷ୍ଠା-୨୭୬, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଂଲଲିସ୍ ସ୍ଥାନ)

ପୁଣି ଆପଣ ଆ:ସ କହୁଛନ୍ତି- ''ମୁଁ ମୋ ଜମାତ୍‌କୁ ଉପଦେଶ ଦେଉଅଛି ଗର୍ବ ଏବଂ ଅହଂକାରରୁ ବଂଚ କାରଣ ଗର୍ବ ଅହଂକାର ହେଉଛି ଆମ ଜ୍ୟୋତିର୍ମୟ ଅଲ୍ଲାଃଙ୍କ ଦୃଷ୍ଟିରେ ଭୀଷଣ ଖରାପ ଜିନିଷ'' (ନୁଜୁଲୁଲ୍ ମସିହ, ରୁହାନି ଖଜାଏନ୍, ଖଣ୍ଡ-୧୮, ପୃଷ୍ଠା-୪୦୨)

ଆଁ ହଜ୍‌ରତ୍ ସ:ଆ:ସ ମଧ ହୁଜ୍ଜତୁଲ୍ ୱିଦାଆ ଅବସରରେ କହିଥିଲେ କି ତୁମେ ସମସ୍ତ ଲୋକେ ସେ ଯେକୌଣସି ଜାତି ଓ ସ୍ତରର ହୁଅନ୍ତୁ ନା କାହିଁକି ମନୁଷ୍ୟ ହେବା ଦୃଷ୍ଟିକୋଣରୁ ଗୋଟିଏ ଦରଜା (ସ୍ତର) ରଖୁଅଛ । (ଅର୍ଥାତ୍) ସମସ୍ତେ ସମାନ । ଏବଂ କଳାଲୋକକୁ ଗୋରା ଲୋକଙ୍କ ଉପରେ ଓ ଗୋରାଲୋକଙ୍କୁ କଳାଲୋକଙ୍କ ଉପରେ ଏବଂ ଆରବୀୟମାନଙ୍କୁହ ଅଣଆରବୀୟ ମାନଙ୍କ ଉପରେ ଓ ଅଣ ଆରବୀୟ ମାନଙ୍କୁ ଆରବୀୟମାନଙ୍କ ଉପରେ କୌଣସି ଅଗ୍ରାଧିକାର ନାହିଁ ।

(ଅଲ୍‌ଜାମେ ଲେ ଶୁଅବିଲ୍ ଇମାନ, ଖଣ୍ଡ-୭, ପୃଷ୍ଠା-୧୩୨, ହଦିସ୍-୪୭୭୪....୨୦୦୩)

ସୁତରାଂ ଆମପାଇଁ ତ ବିନମ୍ରତାର ଏପରି ଶିକ୍ଷା ରହିଛି, ସମାନତାର ଏପରି ଶିକ୍ଷା ଦିଆଯାଇଛି । ଗର୍ବରୁ ବଂଚିବା ପାଇଁ ଏବଂ ଅହଂକାରରୁ ନିବୃତ ରହିବା ପାଇଁ ଏ ଶିକ୍ଷା ଦିଆଯାଇଛି । ଆମ ସମସ୍ତଙ୍କୁ ଏହା ଉପରେ ଅମଳ କରିବା ଉଚିତ୍ । ଅଣ ମୁସ୍‌ଲିମ୍ ଦେଶଗୁଡିକରେ କଳା ଗୋରାର ଫରକ କରାଯାଉଛି ଏବଂ ବର୍ତମାନ କିଛି ଗୋରା ଲିଡର୍‌ମାନେ ଏପରି ଦାବୀ ମଧ କରୁଛନ୍ତି କି ଗୋରାଲୋକମାନଙ୍କ ମସ୍ତିଷ୍କରେ ଯେଉଁ ଶକ୍ତି ଓ ସାମର୍ଥ୍ୟ ରହିଛି ତାହା ଅଣଗୋରା ଲୋକମାନଙ୍କ ଠାରୁ ଅଧିକା । ଦେଖନ୍ତୁ ସେମାନଙ୍କ ଅହଂକାରର କଣ ଅବସ୍ଥା । ପ୍ରତ୍ୟେକ ଅହେମଦୀଙ୍କୁ ଏଥିରୁ ବଂଚିବା ପାଇଁ ଚେଷ୍ଟା କରିବା ଉଚିତ୍ ।

ଭିନ୍ନ ଭିନ୍ନ ଦୁଇଗୋଟି ଅବସରରେ ମୋ ସହିତ ମଜ୍‌ଲିସ୍‌ରେ ଏଠି ଆମେରିକାର ଝିଅମାନଙ୍କ ତରଫରୁ ଏକଥା ପରିପ୍ରକାଶ କରାଗଲା କି ଜମାତ୍‌ରେ କିଛି ମାତ୍ରାରେ ଏକ ପ୍ରକାରର ବର୍ଣ୍ଣ ବୈଷ୍ଣବତା ଦେଖାଯାଉଛି । ଯଦି କୌଣସି କାରଣରୁ ଯୁବପିଢ଼ୀଙ୍କ ମଧରେ ଏପରି ମନୋଭାବ ସୃଷ୍ଟି ହେଉଅଛି ତେବେ ଏହା ଅତ୍ୟନ୍ତ ଖରାପ କଥା । ଲଜ୍‌ନାଙ୍କୁ ମଧ, ଖୁଦାମ୍ ମାନଙ୍କୁ ମଧ, ଅନ୍‌ସାର୍‌ମାନଙ୍କୁ ମଧ ଏବଂ ଜମାତ୍‌ର ତର୍‌ବିୟତି ନିଜାମ୍‌କୁ ମଧ ଏ କଥାର ଜାଏଜା ନେବା ଉଚିତ୍ କି ଏପରି ପ୍ରଶ୍ନ କାହିଁକି ଉଠୁଅଛି । ଏବଂ ଯଦି ଏଥିରେ କୌଣସି ବାସ୍ତବିକତା ଅଛି ତେବେ ବୁଦ୍ଧିମତା ଓ ପ୍ରେମର ସହିତ ଏ ମନୋଭାବକୁ ଦୂର କରିବା ପାଇଁ ଚେଷ୍ଟା କରାଯିବା ଉଚିତ୍ ତର୍‌ବିୟତ୍ ମଧ କରିବା ଉଚିତ୍ । କୌଣସି ତନ୍‌ଜିମ୍ ଏବଂ ୱହ୍‌ଦାଦାର୍‌ମାନଙ୍କୁ ଜଲ୍‌ଦବାଜି (ଅଚାନକ) ଏ ସମ୍ବନ୍ଧରେ ନିଷ୍ପତି ନେବାର କୌଣସି ଆବଶ୍ୟକତା ନାହିଁ ବା ଏକଥାରେ ଲାଗି ପଡନାହିଁ କି ଏକଥା କିଏ କହିଲା ଓ କାହିଁକି କହିଲା ବୋଲି । ବରଂ ଏହା ଦେଖନ୍ତୁ କି ଏକଥାରେ ସତ୍ୟତା ଅଛି କି ନାହିଁ । ତେଣୁ ଦେଖିବା ଉଚିତ୍ କି ପ୍ରକୃତ କଥା କଣ । ଯଦି ଏପରି କିଛି ନାହିଁ ତେବେ କାହିଁକି ଏପରି ପ୍ରଶ୍ନ ଉଠୁଛୁ । କୌଣସି ପ୍ରକାରର ନିଜି ମନମାଳିନ୍ୟତା ତ ନାହିଁ, ସେଥିଯୋଗୁ ଏପରି କଥା ସୃଷ୍ଟି ହେଉଅଛି । ସେ ଯାହାହେଉ ଓ ଯାହାମଧ କାରଣ ଥାଉ, ପ୍ରେମ ଓ ବୁଦ୍ଧିମତାର ସହିତ ଏହି ଖରାପ କଥାକୁ ଆମେମାନେ ନିଜ ଭିତରୁ ବାହାର କରିଦେବା ଉଚିତ୍ । ଏଠି ଯେଉଁ ଝିଅଟି ମୋତେ ଏକଥା କହିଥିଲା ତାକୁ ମଧ ମୁଁ ଏହା କହିଲି କି ମୋ ପାଖକୁ ସମ୍ପୂର୍ଣ୍ଣ ବିବରଣୀ ଲେଖି ପଠାଅ କି କଣ ପାଇଁ ତୁମ ଭିତରେ ଏପରି ଭାବନା ସୃଷ୍ଟି ହେଲା ଅର୍ଥାତ୍ ଜମାତ୍‌ରେ ଜାତିଆଣ ମନୋଭାବ ସୃଷ୍ଟି ହେଉଅଛି ବୋଲି । ଯାହାହେଉ, ଏହା ମଧ ଏକ ପ୍ରକାରର ଗର୍ବ ଓ ଅହଂକାର ଅଟେ । ତେଣୁ ଆମକୁ ପ୍ରତ୍ୟେକ ପ୍ରକାରର ଗର୍ବ ଓ ଅହଂକାରରୁ ବଂଚିବା ଉଚିତ୍ ।

ଆଉଗୋଟିଏ କଥା ଯାହାପ୍ରତି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମର ଧ୍ୟାନ ଆକର୍ଷଣ କରାଇଛନ୍ତି ଓ ଯାହା ସମ୍ବନ୍ଧରେ ଅଲ୍ଲାଃତାଲା ମଧ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଆଁ ହଜ୍‌ରତ୍ ସ:ଆ:ସ ମଧ ଉପଦେଶ ଦେଇଛନ୍ତି ତାହା ହେଉଛି ମାଲି କୁର୍‌ବାନୀ । ଅଲ୍ଲାଃତାଲାଙ୍କ ଦୟାବଳରୁ ପୃଥିବୀରେ ଥିବା ସମସ୍ତ ଜମାତ୍ ଗୁଡିକ ମାଲି କୁର୍‌ବାନୀରେ ବଢ଼ି ଚାଲିଛନ୍ତି । ହଙ୍ଗାମୀ ଏବଂ ୱକ୍ତି (ଜରୁରୀକାଳୀନ ଏବଂ ସାମୟିକ) ମାଲି କୁର୍‌ବାନୀରେ ଆମେରିକାର ଜମାତ୍ ଗୁଡିକ ମଧ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଭର୍‌ପୁର୍ ଭାଗ ନେବାପାଇଁ ଚେଷ୍ଟା କରୁଅଛି କିନ୍ତୁ ଚାନ୍ଦା ଆମଦର ଯେଉଁ ନିୟମ ମାଲି ନିଜାମ୍ ପାଇଁ ରହିଛି ସେଥିରେ ଏଠାରେ ମଧ ଯେଉଁ ସଂଖ୍ୟା ସାମ୍‌ନାକୁ ଆସୁଛି ବା ଆସୁଅଛି ତାହା ଦେଖିବା ଦ୍ୱାରା ଜଣାପଡୁଛି କି, ଏହା ବହୁତ କମ୍ ଅଟେ । ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ଅଛି । ଜଣେ ଗରିବ ବ୍ୟକ୍ତି ନିଜର ବିବଶତା ଏବଂ ମଜ୍‌ବୁରୀ ବତାଇ ଚାନ୍ଦା ପ୍ରଦାନ କରିବାରେ କମ୍ କରିବା ବା ଶରାହ୍ (ମାପ) କମ୍ କରିବା ପାଇଁ କହିପାରେ । ଅନୁମତି ନେଇପାରେ କିନ୍ତୁ ଯେଉଁ ଲୋକମାନଙ୍କର ଭଲ ଆମଦାନୀ ଅଛି ସେମାନେ ନିଜ ନିଜର ଜାଏଜା ନେବା ଉଚିତ୍ କି କଣ ସେମାନେ ନିଜ ଆମଦାନୀ ମୁତାବକ ଚାନ୍ଦା ଦେଉଛନ୍ତି କି ନାଇ । କେବଳ ଏପରି ତ ହେଉନାହିଁ ଯେମିତି ଟାକ୍‌ସ୍ ଦେବାପାଇଁ ବହୁତ ଗୁଡିଏ କଟାକଟି କରାଯାଏ ସେହିପରି ଚାନ୍ଦା ଦେବାରେ ମଧ କରାଯାଉ । ତେଣୁ ନିଜର ଆମଦାନୀକୁ ଦେଖନ୍ତୁ କାରଣ ଏ ଚାନ୍ଦାର ମାମଲା ଖୁଦାତାଲାଙ୍କ ସହିତ ମାମଲା । ସେକ୍ରେଟାରୀ ମାଲ୍‌କୁ ବା ନିଜାମ୍‌କୁ ତ ଏକଥା ଜଣାନାହିଁ କି କାହାର ଆମଦାନୀ କେତେ ଯାହା ମୁତାବକ ସେମାନେ ଚାନ୍ଦା ଦେଉଛନ୍ତି କିନ୍ତୁ ଖୁଦାତାଲାଙ୍କୁ ତ ଜଣାଅଛି । ସେ ତ ହୃଦୟର ଅନ୍ତରର କଥାକୁ ଜାଣିଛି । ଯଦି ସଠିକ୍ ଶରାହ୍‌ରେ ଚାନ୍ଦା ଦେବା ଆରମ୍ଭ କରିଦେବେ ତେବେ ମୁଁ ଭାବୁଛି କି ମସ୍‌ଜିଦ୍‌ର ନିର୍ମାଣ ଓ ଅନ୍ୟାନ୍ୟ ଜମାତି କାର୍ଯ୍ୟ ନିମନ୍ତେ ପୁଣି ବହୁତ କମ୍ ମାତ୍ରାରେ ଅଲଗା ତହ୍‌ରିକ୍ କରିବାକୁ ପଡ଼ିବ । ତେଣୁ ଏ ଦୃଷ୍ଟିକୋଣରୁ ନିଜ ନିଜର ଜାଏଜା ନିଅନ୍ତୁ ଏବଂ ନିଜ ଚାନ୍ଦା ଆମ୍‌ର ବଜେଟ୍‌କୁ ପୁନର୍ବାର ପରଖି ଜାଏଜା ନେଇ ଲେଖାନ୍ତୁ, ଯେଉଁମାନେ କମ୍ ଚାନ୍ଦା ଲେଖାଇଛନ୍ତି ।

ମୁଁ ବିଭିନ୍ନ ଦେଶରେ ଥିବା ନୌମୁବାଇନ୍ (ନୁଆ ଅହେମଦୀ) ମାନଙ୍କର ଘଟଣାବଳୀ ସମ୍ବନ୍ଧରେ ମଧ ବର୍ଣ୍ଣନା କରିଥାଏ କି କିପରି ସେମାନେ ଅହେମଦୀୟତ୍ ଗ୍ରହଣ କରିବା ପରେ ନିଜ ଭିତରେ ପରିବର୍ତନ ସୃଷ୍ଟି କରୁଛନ୍ତି, ଆଧ୍ୟାତ୍ମିକ ପରିବର୍ତନ ମଧ ସୃଷ୍ଟି କରୁଛନ୍ତି ଓ ଉପାସନା

କରିବା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରୁଛନ୍ତି ଓ ମାଲି କୁର୍‌ବାନୀର ଗୁରୁତ୍ୱକୁ ମଧ୍ୟ ବୁଝୁଛନ୍ତି ଓ ପୁଣି ଅଲ୍ଲାଃତାଲା ମଧ୍ୟ ସେମାନଙ୍କୁ, ସେମାନେ ଗରୀବ ହୋଇଥିଲେ ମଧ୍ୟ, ଧନ ଦୌଲତ ପ୍ରଦାନ କରୁଅଛି । ଫଳତଃ ସେମାନେ ନିଜର ଇମାନ୍ ଓ ନିଷ୍ଠାରେ ଆଗକୁ ବଢ଼ିଚାଲିଛନ୍ତି । କୁର୍ବାନୀର ଶବ୍ଦ ହିଁ ସ୍ୱଷ୍ଟ ରୂପେ ଏ ଅର୍ଥକୁ ସୁଚାଉଛି କି ନିଜକୁ କଷ୍ଟରେ ପକାଇ କୌଣସି କାର୍ଯ୍ୟ କରିବା ଓ ଏଠାରେ ଦୁଃଖ କଷ୍ଟ ଉଠାଇ ଅଲ୍ଲାଃତାଲାଙ୍କ ଦୀନ୍‌ର ଆବଶ୍ୟକତା ନିମନ୍ତେ ଧନ ପ୍ରଦାନ କରିବା । ତେଣୁ ଯେଉଁମାନେ କେବଳ ନିଜ ସୁବିଧା ମୁତାବକ ଅଳ୍ପ କିଛି ଦେଇ ଭାବୁଛନ୍ତି କି ଆମେ ବହୁତ ବଡ କୁର୍ବାନୀ କଲୁ ବୋଲି (କିନ୍ତୁ) ତାହା କୁର୍ବାନୀ ନୁହେଁ । ନା ଏପରି ଲୋକମାନଙ୍କର ଅଲ୍ଲାଃତାଲାଙ୍କ ଉପରେ କିଛି ଏହ୍‌ସାନ୍ (ଅନୁଗ୍ରହ) ଅଛି । ଯଦି ସେମାନେ ଚାନ୍ଦା ନଦେବେ ମଧ୍ୟ ଅଲ୍ଲାଃତାଲା ତା ଦୀନ୍‌ର ଆବଶ୍ୟକତାକୁ ପୂରଣ କରିବାର ରାସ୍ତା ବାହାର କରିଦେବ ଏବଂ ବାହାର କରୁଅଛି ଓ କରିଚାଲିବ । ଇନ୍‌ଶାଅଲ୍ଲାଃ । ସୁତରାଂ ଯେଉଁମାନଙ୍କର ଧନ ସମ୍ପତି ଅଛି ଓ ସେମାନେ ନିଜର ଆମଦାନୀ ମୁତାବକ ଚାନ୍ଦା ଦେଉନାହାଁନ୍ତି ମୁଁ ସେମାନଙ୍କୁ ଧ୍ୟାନ ଆକର୍ଷଣ କରାଇବାକୁ ଚାହୁଁଛି ଯଦ୍ୱାରା ସେମାନେ ଅଲ୍ଲାଃତାଲାଙ୍କ କରୁଣାର ଉତରାଧିକାରୀ ହେବେ ।

ଆଜି ଯେଉଁ ଶେଷ କଥା ବିଷୟରେ ମୁଁ ଧ୍ୟାନ ଆକର୍ଷଣ କରାଇବାକୁ ଚାହୁଁଛି ତାହା ହେଉଛି ଇତାଅତ୍ (ଆଜ୍ଞାବହତା ସ୍ୱୀକାର କରିବା) । ପବିତ୍ର କୋରାନ୍‌ରେ ଅନେକ ସ୍ଥାନରେ ଅଲ୍ଲାଃ ଏବଂ ରସୁଲ୍‌ଙ୍କ ଆଜ୍ଞାବହତା ସ୍ୱୀକାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ପୁଣି ଉଲୁଲ୍ ଅମର୍ (ତୁମ ଉପରେ ନିୟୋଜିତ ହୋଇଥିବା ହାକିମ୍)ଙ୍କ ଆଜ୍ଞାବହତା ସ୍ୱୀକାର କରିବା ପାଇଁ ମଧ୍ୟ ହୁକୁମ୍ ଅଛି । ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ବୟତ ସର୍ତାବଳୀରେ ମଧ୍ୟ ଇତାଅତ୍ କରିବା ପାଇଁ ସର୍ତ ରଖିଛନ୍ତି କି ଇତାଅତ୍ ଏବଂ ଉଚିତ୍ ନିର୍ଦ୍ଦେଶ ଉପରେ ପରିଚାଳିତ ହେବାପାଇଁ ମରିବା ପର୍ଯ୍ୟନ୍ତ କାଏମ୍ ରହିବା ।

(ଅଜାଲା ଅଓହାମ୍, ରୁହାନି ଖଜାଏନ୍, ଖଣ୍ଡ-୩, ପୃଷ୍ଠା-୫୬୪)

ଆମର ବିଭିନ୍ନ ତନ୍‌ଜିମ୍ (ସଂଗଠନ)ରେ ଯେଉଁ ଅହଦ୍(ପ୍ରତିଜ୍ଞା) ରହିଛି ସେହି ପ୍ରତିଜ୍ଞା ଗୁଡିକରେ ଏ ଶବ୍ଦ ରହିଛି କି ଖଲିଫାଏ ଓ୍ୱକ୍ତ ଯାହା ମଧ୍ୟ ଉଚିତ୍ ନିଷ୍ପତି କରିବେ ସେହିଗୁଡିକ ଉପରେ ନିଶ୍ଚିତ ରୂପେ ପରିଚାଳିତ ହେବି । କିଛି ତେଢ଼ା ମିଜାଜ୍‌ର ଲୋକେ ବା ମୁନାଫିକ୍ ମନୋଭାବ ରଖୁଥିବା ଲୋକେ ଏକଥା କହୁଛନ୍ତି କି ମାରୁଫ୍ ଫୈସଲା (ଉଚିତ୍ ଓ ସଠିକ୍ ନିଷ୍ପତି) ନିମନ୍ତେ ଏ ଅହଦ୍ ଅଛି । କିଛି ଲୋକେ ଏକଥା କହୁଛନ୍ତି କି ଖଲିଫାଙ୍କର କିଛି ନିଷ୍ପତି ମାରୁଫ ନୁହେଁ ବା ସେମାନଙ୍କ ଦୃଷ୍ଟିରେ କିଛି କଥା ଉଚିତ୍ ନୁହେଁ । (ତେଣୁ) ଏପରି ଅର୍ଥ କରୁଛନ୍ତି । ପୃଥିବୀର ବିଭିନ୍ନ ସ୍ଥାନରେ ଏ ଭାବନା ରହିଛି । ନିଶ୍ଚିତ ରୂପେ ଯଦି ଜଣେ ଦୁଇଜଣ ଥିବେ ବୋଧ ହୁଏ ଲକ୍ଷକେରେ ଜଣେ ଥିବେ କିନ୍ତୁ ଏପରି ଭାବନାର ରଦ୍ଦ କରିବା ଜରୁରୀ ଅଟେ । କାରଣ ଯୁବପିଢ଼ୀଙ୍କୁ ଏପରି ଭାବନା ପ୍ରଦୂଷିତ କରିଥାଏ । ଯଦି ଏପରି କିଏ ନିଜେ ମାରୁଫ୍ ଫୈସ୍‌ଲାର ବ୍ୟାଖ୍ୟା କରିବାକୁ ଲାଗିଯାଏ ତେବେ ଜମାତ୍‌ର ଏକତା ତିଷ୍ଠି ରହିପାରିବ ନାହିଁ । ପୁଣି ଏକଥାରେ ତର୍କ ଆରମ୍ଭ ହୋଇଯିବ କି କେଉଁ କଥା ମାରୁଫ୍ (ଉଚିତ୍) ଏବଂ କଣ ଅନୁଚିତ୍ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ ଏକଥାକୁ ସ୍ୱଷ୍ଟ କରି ଗୋଟିଏ ସ୍ଥାନରେ କହୁଛନ୍ତି କି -

''ଆଉଗୋଟିଏ ଭୁଲ୍ ଅଛି ତାହା ହେଉଛି ଇତାଅତ୍ ଦର୍‌ମାରୁଫ୍‌କୁ ବୁଝିବାରେ'' ଅର୍ଥାତ୍ ଉଚିତ୍ ନିଷ୍ପତିର ଇତାଅତ୍ କରିବା । କହୁଛନ୍ତି ''ଅର୍ଥାତ୍ ଯେଉଁ କାର୍ଯ୍ୟକୁ ଆମେ ଉଚିତ୍ ବୋଲି ମଣୁନାହେଁ ସେ କଥାର ଇତାଅତ୍ ନ କରିବା'' । ଆପଣ ର:ଅ କହୁଛନ୍ତି କି ''ଏ ଶବ୍ଦଟି ନବୀ କରିମ୍ ସ:ଆ:ସଙ୍କ ନିମନ୍ତେ ମଧ୍ୟ ଆସିଅଛି'' ଏବଂ ପବିତ୍ର କୋରାନ୍‌ରେ ନିର୍ଦ୍ଦେଶ ରହିଛି କି ''*ଓ୍ୱ ଲା ୟାସିନକା ଫି ମାରୁଫିନ୍*'' ଅର୍ଥାତ୍ ଉଚିତ୍ କଥାରେ ତୁମର ନାଫରମାନି କରିବୁ ନାହିଁ । ସେ ପୁଣି କହୁଛନ୍ତି କି ''ଏବେ କଣ ସେହି ଲୋକମାନେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କର ଦୋଷ ଦୁର୍ବଳତାର କୌଣସି ସୂଚୀ ତିଆରି କରିଛନ୍ତି'' । (ହକାଏକଲ୍ ଫୁର୍‌କାନ୍, ଖଣ୍ଡ-୪, ପୃଷ୍ଠା-୭୫-୭୬, ଜେରେ ଆୟତ୍, ଅଲ୍‌ମୁମ୍‌ତହ୍‌ନା:୧୩) ଅର୍ଥାତ୍ କେଉଁ କଥା ଆପଣ ସଠିକ୍ କହିବେ ଓ କେଉଁ କଥାକୁ ଭୁଲ୍ କହିବେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅମର୍ ବିଲ୍ ମାରୁଫ୍‌ର ତଫ୍‌ସିର୍‌ରେ କହୁଛନ୍ତି କି ''ଏ ନବୀ ସେହି କଥାଗୁଡିକ ନିମନ୍ତେ ନିର୍ଦ୍ଦେଶ ଦେଉଅଛି, ଯାହା ବୁଦ୍ଧିର ବିପରୀତ ନୁହେଁ'' । (ବରାହିନେ ଅହେମଦୀୟା, ପଂଚମ ଭାଗ, ରୁହାନି ଖଜାଏନ୍, ଖଣ୍ଡ-୨୧, ପୃଷ୍ଠା-୪୨୦)

ଅର୍ଥାତ୍ ମାରୁଫ୍ କଥା ହେଉଛି ତାହା ଯାହା ବୁଦ୍ଧିର ବିପରୀତ ନୁହେଁ ଏବଂ ତାହା ପବିତ୍ର କୋରାନ୍‌ର ନିର୍ଦ୍ଦେଶ ମୁତାବକ ମଧ୍ୟ ଅଟେ । ପୁଣି ଗୋଟିଏ ହଦିସ୍‌ରେ ଗୋଟିଏ ଘଟଣା ବର୍ଣ୍ଣିତ ଅଛି କି ଆଁ ହଜ୍‌ରତ୍ ସ:ଆ:ସ ଏକ ସ୍ଥାନକୁ ଗୋଟିଏ କାଫିଲା ପଠାଇଲେ । ସେଠାରେ ପହଂଚି ଲୋକମାନେ ନିଆଁ ଜଳାଇଲେ । ତାଙ୍କର ଯିଏ ଅମିରେ କାଫିଲା (ଦଳର ମୁଖିଆ) ଥିଲା ସେ ଥଟ୍ଟାରେ ଏକଥା କହିଗଲା କି ଯଦି ମୁଁ ତୁମକୁ ଏହି ନିଆଁରେ ଡେଇଁ ପଡ଼ିବା ପାଇଁ ନିର୍ଦ୍ଦେଶ ଦେବି ତେବେ ତୁମେ କଣ ଡେଇଁପଡ଼ିବ ? କିଛି ଲୋକ କହିଲେ। ଏହା ବିଲ୍‌କୁଲ୍ ଭୁଲ୍ କଥା । ଏହା ତ ଆତ୍ମହତ୍ୟା ସଦୃଶ । ଆଉକିଛି ଲୋକ କହିଲେ ଅମୀର୍‌ଙ୍କ ଆଜ୍ଞାବହତା ସ୍ୱୀକାର କରିବା ଜରୁରୀ ଅଟେ । କିନ୍ତୁ ସେ ଯାହାହେଉ ପରେ ଅମୀର କହିଲେ କି ମୁଁ ତ ଥଟ୍ଟା କରୁଥିଲି ଓ ମାମଲା ଶେଷ ହୋଇଗଲା । ଯେତେବେଳେ ମଦିନାକୁ ଫେରିଆସିଲେ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏ ଘଟଣା ବିଷୟରେ ବତାଗଲା ସେତେବେଳେ ଆପଣ ସ:ଆ:ସ କହିଲେ କି ଅମୀର୍ ମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ତୁମକୁ ଅଲ୍ଲାଃତାଲାଙ୍କର ଅବଜ୍ଞା କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତି ତାଙ୍କର ଇତାଅତ୍ କରନାହିଁ । (ସୁନତେ ଅବୁ ଦାଉଦ୍, କିତାବୁଲ୍ ଜିହାଦ୍...ହଦିସ୍-୨୬୨୫)

ଏହା ହେଉଛି ମାରୁଫ୍ ଶବ୍ଦର ବ୍ୟାଖ୍ୟା କି ଯାହା ଅଲ୍ଲାଃତାଲାଙ୍କର ହୁକୁମ୍ ଅଛି ତା ବିରୋଧରେ ଯଦି କିଏ ହୁକୁମ୍ କରେ ତେବେ ତାହା ମାରୁଫ୍ ନୁହେଁ । କିନ୍ତୁ ଅଲ୍ଲାଃ ଏବଂ ତା ରସୁଲ୍‌ଙ୍କର ଯେଉଁ ନିର୍ଦ୍ଦେଶାବଳୀ ଅଛି ତା ମୁତାବକ ଯଦି ହୁକୁମ୍ କରାଯାଏ ତେବେ ତାହା ମାରୁଫ୍ ଅଟେ । ସୁତରାଂ ଏହା ସ୍ୱଷ୍ଟ ହୋଇଗଲା କି ତାଅତ୍ ଦର୍‌ମାରୁଫ୍ ବା ମାରୁଫ୍ ଫୈସଲା (ଉଚିତ୍ ନିଷ୍ପତି)ଯାହାକୁ ମାନିବା ଜରୁରୀ ଅଟେ ତାହା ହେଉଛି ଅଲ୍ଲାଃତାଲାଙ୍କର ହୁକୁମ୍ ଓ ପୁଣି ତାଙ୍କ ରସୁଲ୍‌ଙ୍କର ନିର୍ଦ୍ଦେଶ । ତେଣୁ ଯେପର୍ଯ୍ୟନ୍ତ ଆଁ ହଜ୍‌ରତ୍ ସ:ଆ:ସଙ୍କ ପେଶ୍‌ଗୋଇ ମୁତାବକ ପ୍ରକୃତ ଖିଲାଫତ୍ କାଏମ୍ ରହିଛି ଏବଂ ଏହା ଇନ୍‌ଶାଅଲ୍ଲାଃ କାଏମ୍ ରହିବ, ତେବେ ଏପରି ଖିଲାଫତ୍ କଦାପି ଅଲ୍ଲାଃତାଲା ଏବଂ ତା ରସୁଲ୍‌ଙ୍କ ହୁକୁମ୍ ବିରୋଧି ନିଷ୍ପତି କରିବ ନାହିଁ । କୋରାନ୍ ଓ ସୁନ୍ନତ୍‌ରେ ଯାହା ଅଛି ସେ ତା ମୁତାବକ ହିଁ ଚାଲିବ ।

ଏ ଶବ୍ଦଟି ଅର୍ଥାତ୍ ତାଅତ୍ ଦର୍‌ମାରୁଫ୍ ବା ମାରୁଫ୍ ଫୈସ୍‌ଲାର ଇତାଅତ୍ କରିବା ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମନ୍ତେ ମଧ୍ୟ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ବ୍ୟବହାର କରିଛନ୍ତି ଯେପରିକି ବର୍ଣ୍ଣନା କରାଗଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମଧ୍ୟ ନିଜ ବୟତ୍‌ର ସର୍ତାବଳୀରେ ଏହାକୁ ରଖିଛନ୍ତି ଓ ଖିଲାଫତେ ଅହେମଦୀୟାରେ ମଧ୍ୟ ପ୍ରତ୍ୟେକ ଅହଦ୍‌ରେ ଏହାକୁ ସାମିଲ୍ କରାଯାଇଛି । ଏହାର ଅର୍ଥ ସ୍ୱଷ୍ଟ ହେଲା କି ଅଲ୍ଲାଃତାଲାଙ୍କ ହୁକୁମ୍‌କୁ ଜାରି କରିବା ଓ ଜମାତ୍‌କୁ ଏ ବିଷୟରେ ଉପଦେଶ ଦେବା ଏବଂ ଯିଏ ନିଜକୁ ଜମାତ୍‌ର ଅଭିନ୍ନ ଅଙ୍ଗ ବୋଲି ବିବେଚନା କରୁଛି ତାର ଏ କର୍ତବ୍ୟ କି ଉକ୍ତ ଅହଦ୍ (ପ୍ରତିଜ୍ଞା)କୁ ପାଳନ କରି ଖଲିଫାଏ ଓ୍ୱକ୍ତଙ୍କ ଜମାତ୍ ସମ୍ବନ୍ଧିତ ଯେଉଁ ଉପଦେଶ ରହିଛି ତା ଉପରେ ଅମଳ କରୁ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ମଧ୍ୟ ଏହି କଥା କହିଛନ୍ତି କି ଏପରି କଦାପି ହୋଇପାରେନା, ଯଦି କେବେ କୌଣସି ଭୁଲ୍ ହିଦାୟତ୍ ହୋଇଯିବ ମଧ୍ୟ ତେବେ ଯେହେତୁ ଅଲ୍ଲାଃତାଲା ଖିଲାଫତ୍‌ର ସୁରକ୍ଷା କରୁଛନ୍ତି ସେଇଥିପାଇଁ ତାର ଫଳ ଅଲ୍ଲାଃତାଲା କଦାପି ଖରାପ ହେବାକୁ ଦେବେନାହିଁ ଓ ଏପରି ପରିସ୍ଥିତି ସୃଷ୍ଟି କରିଦେବେ କି ତାର ଉତମ ଫଳ ବାହାରିବ । (ତଫସିର୍ କବିର୍, ଖଣ୍ଡ-୬, ପୃଷ୍ଠା-୩୭୬-୩୭୭, ନୁର୍:୫୬)

ସେଇଥିପାଇଁ ମାରୁଫ୍ ଫୈସ୍‌ଲାକୁ ବ୍ୟାଖ୍ୟା କରିବା କୌଣସି ବ୍ୟକ୍ତିର କାର୍ଯ୍ୟ ନୁହେଁ । ମାରୁଫ୍ ଫୈସ୍‌ଲା ହେଉଛି ତାହା ଯାହା କୋରାନ୍ ମୁତାବକ, ସୁନ୍ନତ ମୁତାବକ, ହଦିସ୍ ମୁତାବକ ଏବଂ ଏ ଯୁଗର ହକମ୍ ଅଦଲ୍ (ନିର୍ଦ୍ଦେଶକ ଓ ବିଚାରକ)ଙ୍କ ନିର୍ଦ୍ଦେଶାବଳୀ ମୁତାବକ ଅଟେ । ଏବଂ ଏହା ହେଉଛି ସେହି ମାଧ୍ୟମ ଯାହାଦ୍ୱାରା ଜମାତ୍‌ର ଏକତା କାଏମ୍ ରହିପାରିବ ଏବଂ ଏହା ହେଉଛି ସେହି ଉଦ୍ଦେଶ୍ୟ ଯାହାପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆବିର୍ଭାବ ହୋଇଥିଲେ ଅର୍ଥାତ୍ ଏକତା ସୃଷ୍ଟି କରାଯାଉ ଓ ନିଷ୍ଠାବାନ୍ ଏବଂ ଆଜ୍ଞାବହତା ସ୍ୱୀକାର କରିଥିବା ଲୋକମାନଙ୍କର ଗୋଟିଏ ଜମାତ୍ ସୃଷ୍ଟି ହେଉ ନଚେତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସ୍ୱଷ୍ଟ ରୂପେ ଏହା କହିଛନ୍ତି କି ମୋତେ ସଂଖ୍ୟା ବଢ଼ାଇବାରେ କୌଣସି ଗରଜ ନାହିଁ କି ଏପରି ଲୋକମାନଙ୍କର ସଂଖ୍ୟା ବଢ଼ିଚାଲିବ ଯେଉଁମାନେ ମୋ ସହିତ ସାମିଲ୍ ହେଉଥିବେ କିନ୍ତୁ ଇତାୟତ୍ କରିବା ଜାଣୁନଥିବେ । ଆପଣ ଆ:ସ ପୁଣି କହୁଛନ୍ତି କି ଯଦି ମୋ ସହିତ ସମ୍ବନ୍ଧିତ ହେଉଥିବା ଲୋକମାନଙ୍କର ଏବଂ ମୋ ବୟତରେ ଆସିଥିବା ଲୋକମାନଙ୍କର ଇସ୍‌ଲାହା (ସୁଧାର) ହେଉନାହିଁ ଏବଂ ସେମାନେ ଅଲ୍ଲାଃ ଏବଂ ତାହା ରସୁଲ୍‌ଙ୍କ ଶିକ୍ଷା ମୁତାବକ ନିଜ ଜୀବନକୁ ବିତାଉନାହାଁନ୍ତି ତେବେ ଏପରି ବୟତ କରିବା ଲାଭହୀନ । (ମଓ୍ୱାହିବୁର୍ ରହ୍‌ମାନ୍, ରୁହାନି ଖଜାଏନ, ଖଣ୍ଡ-୧୯, ପୃଷ୍ଠା-୨୭୬) (ଉଦ୍ଧୃତ ମଲ୍‌ଫୁଜାତ୍, ଖଣ୍ଡ-୬, ପୃଷ୍ଠା-୧୪୨, ମଲ୍‌ଫୁଜାତ୍, ଖଣ୍ଡ-୧୦, ପୃଷ୍ଠା-୩୩୪)

ସୁତରାଂ ଅହେମଦୀ ହେବାର ଲାଭ ଆମକୁ ସେତେବେଳେ ହେବ ଯେତେବେଳେ ଆମେ ଏହି ବାସ୍ତବିକ ସତ୍ୟକୁ ବୁଝି ଏହା ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରିବା ଏବଂ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରି ଚେଷ୍ଟା କରିବା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି-

''ଇତାଅତ୍ (ଆଜ୍ଞାବହତା ସ୍ୱୀକାର କରିବା) କୌଣସି ଛୋଟ କଥା ନୁହେଁ ଏବଂ ସହଜ କଥା ନୁହେଁ'' ଏହା କୌଣସି ସହଜ କାର୍ଯ୍ୟ ନୁହେଁ । ''ଏହା ମଧ୍ୟ ଗୋଟିଏ ମୃତ୍ୟୁ ଅଟେ ।'' (ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୭୪, ହାଶ୍‌ୟା, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) । ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ଇତାଅତ୍ କରୁନାହିଁ ସେ ଏହି ସିଲ୍‌ସିଲାକୁ ବଦ୍‌ନାମ୍ କରୁଛି'' (ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୭୪, ହାଶ୍‌ୟା, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ।

ଆପଣ ଆ:ସ କହୁଛନ୍ତି କି ''ମୁଁ ବାରମ୍ବାର ନିଜ ଜମାତ୍‌କୁ କହିଛି ଯେ ତୁମେମାନେ କେବଳ ଏହି ବୟତ ଉପରେ ହିଁ ଭରଷା କରନାହିଁ । ଏହାର ବାସ୍ତବିକତା ପର୍ଯ୍ୟନ୍ତ ଯେପର୍ଯ୍ୟନ୍ତ ନପହଂଚିଛ'' ଅର୍ଥାତ୍ ବୟତ୍‌ର ସତ୍ୟାସତ୍ୟ ପର୍ଯ୍ୟନ୍ତ । ''ସେପର୍ଯ୍ୟନ୍ତ ନେଜାତ୍ (ମୋକ୍ଷ) ନାହିଁ । (ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୨୩୨-୨୩୩, ହାଶ୍‌ୟା, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ।

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ବୁଝି ତା ଉପରେ ଅମଳ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତରେ ଆସିବାର ହକ୍‌କୁ ପ୍ରଦାନ କରିବା ପାଇଁ ସର୍ବଦା ଖିଲାଫତ୍ ସହିତ ସମ୍ପୂର୍ଣ୍ଣ ରୂପେ ଇତାଅତ୍ କରି ସଂଶ୍ଳିଷ୍ଟ ରହିବା ପାଇଁ ଏବଂ ଖଲିଫାଏ ଓ୍ୱକ୍ତଙ୍କ ସମସ୍ତ ମାରୁଫ୍ ଫୈସ୍‌ଲା ଉପରେ ସହୃଦୟତାର ସହିତ ଏବଂ ପୁର୍ଣ୍ଣ ଆଜ୍ଞାବହତା ସହିତ ପରିଚାଳିତ ହେବାପାଇଁ ଅଲ୍ଲାଃତାଲା ଆମକୁ ଶକ୍ତି ପ୍ରଦାନ କରନ୍ତୁ ।

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ଜମାତ୍ ଭିତରେ ଏପରି ବସ୍ତୁ ଅଛି ଯଦ୍ୱାରା ଏହା ସମସ୍ତ ମୁସଲ୍‌ମାନ୍ ମାନଙ୍କୁ ଗୋଟିଏ ଧୋଜାତଳେ ଏକାଠି କରିପାରିବ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଜମାତ୍ ଅହେମଦୀୟା ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଗୋଟିଏ ଧାର୍ମିକ ଜମାତ୍ ଅଟେ ଓ ଧାର୍ମିକ ଜମାତ୍ ଗୁଡିକ ଧିରେ ଧିରେ ବଢ଼ିଥାନ୍ତି ଓ ଉନ୍ନତି କରିଥାନ୍ତି । ଅଲ୍ଲାଃତାଲାଙ୍କ ଦୟାବଳରୁ ଜମାତ୍ ଅହେମଦୀୟା ଉନ୍ନତି କରିଚାଲିଛି । ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଲୋକେ ଏ ଜମାତ୍‌ରେ ସାମିଲ୍ ହେଉଛନ୍ତି । ଏବର୍ଷ ମଧ୍ୟ ଛଅ ଲକ୍ଷରୁ ଅଧିକା ଲୋକ ଏ ଜମାତ୍‌ରେ ସାମିଲ୍ ହୋଇଛନ୍ତି । ଆମର ଏ ଆଶା ଅଛି କି ଇନ୍‌ଶାଅଲ୍ଲାଃ ଗୋଟିଏ ଦିନ ଆସିବ କି ଏ ପୃଥିବୀର ଅଧିକାଂଶ ଜମାତ୍‌ର ବା ଇସ୍‌ଲାମ୍‌ର ପ୍ରକୃତ ବାର୍ତାକୁ ବୁଝିବେ ଏବଂ ଏଥିରେ ସାମିଲ୍ ହୋଇଯିବେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି କି ମୁଁ ମସିହ୍ ମୁହମ୍ମଦି (ଅର୍ଥାତ୍ ମୁହମ୍ମଦ୍‌ଙ୍କ ମସିହ୍) ଅଟେ ଏବଂ ମସିହ୍ ମୁସୁୱି (ମୁସାଙ୍କ ମସିହ୍)ଙ୍କ ପଦାଙ୍କ ଅନୁସରଣରେ ଆସିଅଛି । ଇସାଇୟତ୍‌ର ଯେଉଁ ଉନ୍ନତି ହୋଇଥିଲା ଓ ଯେତେବେଳେ ପୃଥିବୀରେ ତାକୁ ପରିଚୟ ମିଳିଲା ଓ ତାଙ୍କର ବିରୋଧ କମ୍ ହେଲା ସେତେବେଳେ ତାକୁ ତିନିଶହ ବର୍ଷରୁ ଅଧିକା ସମୟ ଲାଗିଯାଇଥିଲା । ଆପଣ ଆ:ସ କହୁଛନ୍ତି କି ଇନ୍‌ଶାଅଲ୍ଲାଃ ତିନିଶହ ବର୍ଷ ବିତିନଥିବ କି ଜମାତ୍ ପୃଥିବୀର ଅଧିକାଂଶ ଭାଗ ଉପରେ ଗାଲିବ୍ ହୋଇଯିବ ବା ପ୍ରକୃତ ଇସ୍‌ଲାମ୍‌କୁ ମାନିବାବାଲା ଲୋକେ ହୋଇଯିବେ । ସେଥିପାଇଁ ଆମକୁ କୌଣସି ନିରାଶା ନାହିଁ । ଏଥି ନିମନ୍ତେ ପିଢ଼ୀଙ୍କୁ ବଳିଦାନ ଦେବାକୁ ପଡ଼ିଥାଏ ।

Koceva Gonca ଯିଏ ହେଉଛନ୍ତି ପେଶାରେ ଜଣେ ସାମ୍ବାଦିକ ସେ ନିଜର ମନୋଭାବକୁ ପ୍ରକାଶ କରି ଲେଖୁଛନ୍ତି କି ମୁଁ ପେଶାରେ ଜଣେ ସାମ୍ବାଦିକ । ବହୁତ କନ୍‌ଫରେନ୍‌ସ ଦେଖିଛି ଓ ଅନେକ ଲୋକଙ୍କ ଇଂଟରଭ୍ୟୁ ନେଇଛି । ମୁଁ ଚେଷ୍ଟା କରିବି ଯେ ମୋର ଜଲ୍‌ସା ନିମନ୍ତେ ଥିବା ଡକ୍ୟୁମେଂଟାରୀଟି ସବୁଠାରୁ ଭଲ କାର୍ଯ୍ୟ ରୂପେ ପ୍ରମାଣିତ ହେଉ ଓ ଇଂଟରନେଟ୍‌ରେ ସମଗ୍ର ପୃଥିବୀ ତାକୁ ଦେଖୁ । ମୁଁ ଚାହୁଁଛି ଯେ ଆସନ୍ତାକୁ ମଧ୍ୟ ଆପଣଙ୍କ ସହିତ ମିଶି କାମ କରିବି ଏବଂ ଯେଉଁ ଲୋକମାନେ ମୋ ପ୍ରୋଗ୍ରାମ୍ ଦେଖିବେ ସେମାନେ ବୁଝିଯିବେ କି ପ୍ରେମ କିପରି ପ୍ରସାର କରାଯାଏ । ଅହେମଦୀୟତ୍ ସମ୍ବନ୍ଧରେ ସଂସାରବାସୀକୁ ପ୍ରକୃତ ସତ୍ୟ ବିଷୟରେ ବତାଇବି ଅର୍ଥାତ୍ ଜୀବନ କିପରି ବିତାଇବା ଉଚିତ୍ । ମୁଁ ମୋ ଜୀବନରେ ଏହା ପୂର୍ବରୁ ଏତେମାତ୍ରାରେ ଭଲ ଲୋକଙ୍କୁ ଦେଖିନାହିଁ ଯେଉଁମାନେ ଏତେମାତ୍ରାରେ ଯୁକ୍ତାତ୍ମକ ଭାବନାକୁ ପ୍ରଚାର ଓ ପ୍ରସାର କରୁଛନ୍ତି ।

ଓ୍ୱଫଦ୍‌ରେ ସାମିଲ୍ ହୋଇଥିବା ଆଉଜଣେ ଅତିଥି Kostovski Stojanco ଲେଖୁଛନ୍ତି - ମୁଁ ସର୍ବପ୍ରଥମେ ଜଲ୍‌ସାସାଲାନାରେ ୨୦୧୨ ମସିହାରେ ସାମିଲ୍ ହୋଇଥିଲି ଓ ଏହା ହେଉଛି ମୋର ଦ୍ୱିତୀୟ ଜଲ୍‌ସା । ଏଥରକ ମୋତେ ପୁନର୍ବାର ସେହି ସବୁ କଥାଗୁଡିକର ଅନୁଭୁତି ହେଲା ଯାହା ସବୁ ଏହା ପୂର୍ବରୁ ହୋଇସାରିଥିଲା । ମୁଁ ଆପଣଙ୍କଠାରୁ ନିଜ ପାଇଁ ଓ ଅନ୍ୟାନ୍ୟ ସାମିଲ୍ ହୋଇଥିବା ଲୋକମାନଙ୍କ ପାଇଁ ପ୍ରକୃତ ପ୍ରେମକୁ ଦେଖିଲି । ଆମର ବହୁତ ଭଲ ଆତିଥ୍ୟତା କରାଗଲା । ମୁଁ ଆପଣମାନଙ୍କ କୃତଜ୍ଞତା ଜ୍ଞାପନ କରୁଛି । ଆପଣଙ୍କର ସେହିସବୁ ଭାଷଣ, ଯେଉଁଥିରେ ଆପଣ ଇସ୍‌ଲାମ୍ ବିଷୟରେ ବତାଇଛନ୍ତି, ଆପଣଙ୍କର ସେହି ଭାଷଣ ଗୁଡିକରୁ ମୋର ଅନେକ ପ୍ରଶ୍ନର ଉତର ମିଳିଗଲା । ଏହା ପୂର୍ବରୁ ମୁଁ ତାର ଉତର ଜାଣିନଥିଲି । ଆପଣଙ୍କର ଏକଥା ମୋତେ ବହୁତ ଭଲ ଲାଗିଲା କି ଦାନ କରୁଥିବା ହାତ ଗ୍ରହଣ କରୁଥିବା ହାତଠାରୁ ଉତମ ଅଟେ । ଏ ଜଲ୍‌ସା ପ୍ରତି କ୍ଷେତ୍ରରୁ ସ୍ୱୟଂ ସମ୍ପୂର୍ଣ୍ଣ ଥିଲା ।

Uzunova Dejana ବର୍ଣ୍ଣନା କରୁଛନ୍ତି- ଏ ଜଲ୍‌ସା ପ୍ରତିକ୍ଷେତ୍ରରୁ ସମ୍ପୂର୍ଣ୍ଣ ଥିଲା । ବିଶେଷ ରୂପେ ସମସ୍ତ ପ୍ରୋଗ୍ରାମ୍ ଗୁଡିକ ସମୟରେ ଆରମ୍ଭ ହେଉଥିଲା । ଏହା ହେଉଛି ମୋର ପ୍ରଥମ ଜଲ୍‌ସା ଓ ମୁଁ ଚାହୁଁଛି କି ପୁନର୍ବାର ଏଥିରେ ସାମିଲ୍ ହେବି । ମୁଁ ଗୋଟିଏ ମତ ଦେବାକୁ ଚାହୁଁଛି କି ଜଲ୍‌ସାରେ ଆମପରି ଯେଉଁ ଲୋକମାନେ ମୁସଲ୍‌ମାନ୍ ନୁହଁନ୍ତି, କଣ ସେମାନଙ୍କ ପାଇଁ ଏହା ଜରୁରୀ ଅଟେ କି ସମସ୍ତ ପ୍ରୋଗ୍ରାମ୍ ଚାଲିଥିବା ସମୟରେ ହଲ୍ ଭିତରେ ରହିବେ । ସେମାନଙ୍କ ପାଇଁ ପ୍ରୋଗ୍ରାମ୍‌ରେ ଗୋଟିଏ ଏପରି ଅଂଶ ମଧ୍ୟ ରହିବା ଉଚିତ୍ ଯେଉଁଥିରେ ସେମାନଙ୍କୁ ଅଲଗା ଜଲ୍‌ସା ବିଷୟରେ ଏବଂ ଜମାତ୍ ବିଷୟରେ ପରିଚୟ ପ୍ରଦାନ କରାଯାଉ ।

Findanka Ristova ସାହିବା ଲେଖୁଛନ୍ତି କି ପଛବର୍ଷ ଜଲ୍‌ସା ମୋ ଉପରେ ଯେଉଁ ଭଲ ପ୍ରଭାବ ପକାଇଥିଲା ତାହା ମୋତେ ବିବସ କରିଦେଲା କି ଏ ବର୍ଷ ପୁନର୍ବାର ଏଠାକୁ ଆସିଲି । ଏ ଜଲ୍‌ସା ମୋ ଉପରେ ବହୁତ ଭଲ ପ୍ରଭାବ ପକାଇଛି । ବିଶେଷ ରୂପେ ସମସ୍ତ କାର୍‌କୁନ୍ (କର୍ମୀ) ଯେଉଁମାନେ ବିନା କୌଣସି ତ୍ରୁଟିରେ ନିଜ ନିଜର କର୍ତବ୍ୟ ସମ୍ପାଦନ କରୁଥିଲେ । ଆମକୁ ଏ ଅନୁଭବ ହେଉଥିଲା କି ଯେପରି ଆମେ ନିଜ ଘରେ ଅଛୁ । ଏବର୍ଷ ଖଲିଫା ସାହେବ୍‌ଙ୍କ ଭାଷଣ ମୋ ମନ ଉପରେ ଗଭୀର ପ୍ରଭାବ ପକାଇଛି । ସେଥିଯୋଗୁ ବହୁତ ବହୁତ ଧନ୍ୟବାଦ ।

Zorinski Zorancho ସାହେବ୍ ଲେଖୁଛନ୍ତି କି:- ମୁଁ ଜଲ୍‌ସାକୁ ପ୍ରଥମଥର ଜଣେ ଅତିଥି ରୂପେ ଓ ଜଣେ ସାମ୍ବାଦିକ ରୂପେ ଯୋଗ ଦେଇଛି । ମୁଁ ସେହି ନିମନ୍ତ୍ରଣ ପାଇଁ ଧନ୍ୟବାଦ ପ୍ରଦାନ କରୁଛି ଯାହା ଓ୍ୱସିମ୍ ସାହେବ୍ ମୋତେ ଦେଇଛନ୍ତି । ମୁଁ ଲୋକମାନଙ୍କୁ ଏକଥା ବତାଇବାକୁ ଚାହୁଁଛି ଯେଉଁମାନଙ୍କୁ ଏପର୍ଯ୍ୟନ୍ତ ଜଣାନାହିଁ କି ଏତେବଡ ସଂଖ୍ୟକ ଲୋକେ ପ୍ରେମ, ସ୍ନେହ ଓ ଭାଇଚରାର ସହିତ ଏଠାରେ ସମୟ ବିତାଉଛନ୍ତି । ମୁଁ ଏକଥାକୁ ପରିପ୍ରକାଶ କରିବାକୁ ଚାହୁଁଛି ଯେ ଆରମ୍ଭରେ ମୋର ଭାବନା ଏହା ଥିଲା କି ଏତେ ସଂଖ୍ୟକ ଲୋକମାନଙ୍କ ସମୂହ ଦ୍ୱାରା ସମସ୍ୟା ଉପୁଜିବ କିନ୍ତୁ ପ୍ରଥମ ଦିନ ହିଁ ମୁଁ ଏକଥା ଅନୁଭବ କରିନେଲି କି ଏଠାରେ ଏପରି ସେମିତି କିଛି ନାହିଁ ଯଦ୍ୱାରା ଆପତି ଅଭିଯୋଗ ସୃଷ୍ଟି ହୋଇପାରେ । ପୁଣି ସେ କହୁଛନ୍ତି କି ଆପଣମାନଙ୍କର ମୋଟୋ ‘‘ମହବତ୍ ସବ୍ କେଲିଏ, ନଫ୍‌ରତ୍ କିସି ସେ ନେହିଁ’’ ଏପରି ଏକ ଏକମାତ୍ର ବାର୍ତା ଅଟେ ଯାହା ବହୁତ ପବିତ୍ର ବାର୍ତା ଯେପରି ସ୍ୱର୍ଗୀୟ ବାର୍ତା ଅଟେ । ଏହି ମୋଟୋ ସମସ୍ତ ମାନବଜାତି ପାଇଁ ଏକ ଉତମ ମାର୍ଗଦର୍ଶନର ମୂଳମନ୍ତ୍ର । ମୁଁ ହଜୁର୍‌ଙ୍କ ତାଙ୍କ ଅଭିଭାଷଣ ନିମନ୍ତେ ଧନ୍ୟବାଦ ପ୍ରଦାନ କରିବାକୁ ଚାହୁଁଛି ଏବଂ ଏକଥା ଆଶା କରୁଛି କି ଅଧିକରୁ ଅଧିକ ଲୋକେ ଆପଣଙ୍କ କଥା ଶୁଣନ୍ତୁ । ମୁଁ ଜଣେ ସାମ୍ବାଦିକ ହିସାବରେ ଏ ଚେଷ୍ଟା କରିବି କି ନିଜର ଦର୍ଶକ ମାନଙ୍କୁ ଏହି ବାର୍ତାର ଗୋଟିଏ ଅଂଶ ଦେଖାଇବି ଯାହାକୁ ମୁଁ ରେକର୍ଡିଂ କରିଛି । ହଜୁର୍‌ଙ୍କ ସହିତ ସାକ୍ଷାତ୍‌କାର୍ କରିବା ଦ୍ୱାରା ମୋ ଉପରେ ଏକ ଅଜବ ପ୍ରଭାବ ପଡ଼ିଛି । ଯେତେବେଳେ ମୁଁ ଆପଣଙ୍କ ହାତକୁ ଛୁଇଁଲି ସେତେବେଳେ ମୋ ଶରୀରରେ ବିଜୁଳିର ଢ଼େଉ ଦଉଡିଗଲା । ଆପଣଙ୍କ ନିକଟରେ ଏକ ଆଧ୍ୟାତ୍ମିକ ଶକ୍ତି ଅଛି । ବର୍ତମାନ ଯେତେବେଳେ ମୁଁ ଏକଥା କହୁଅଛି ପୁନର୍ବାର ମୋ ଶରୀର ଭିତରେ ସେହିପରି ଅବସ୍ଥା ଉପୁଜୁଛି । ମୁଁ ଜାଣିନଥିଲି କି ହଜୁର୍‌ଙ୍କ ହାତକୁ ଚୁମ୍ବନ ଦିଆଯାଇପାରିବ ବୋଲି । ଯେତେବେଳେ ଅନ୍ୟଲୋକମାନଙ୍କୁ ଚୁମ୍ବନ ଦେବାର ଦେଖିଲି ମୁଁ ମଧ୍ୟ ବର୍ତମାନ ଏହା କରିବା ପାଇଁ ଚାହିଁବି ।

ସେ ସାକ୍ଷାତ୍‌କାର୍ ସମୟରେ ପ୍ରଶ୍ନ ପଚାରି କହିଲେ:- ଅହେମଦୀ ମୁସଲ୍‌ମାନ୍ ଓ ଅନ୍ୟ ମୁସଲ୍‌ମାନଙ୍କ ମଧ୍ୟରେ କଣ ପ୍ରଭେଦ ଅଛି ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ବର୍ତମାନ ପ୍ରକାଶ୍ୟରେ ଯେଉଁ ଫରକ ଆପଣ ଦେଖୁଛନ୍ତି ଏବଂ ଆପଣ ଏଠାକୁ ଆସି ମଧ୍ୟ ଦେଖିସାରିଛନ୍ତି କି, ତାହା ହେଉଛି ବର୍ତମାନ ଅହେମଦୀୟା ମୁସ୍‌ଲିମ୍ ଜମାତ୍, ଯାହା ପୃଥିବୀର ପ୍ରତ୍ୟେକ ସ୍ଥାନରେ ରହିଛି ସେ ସବୁ ଖିଲାଫତ୍‌ର ଛତ୍ରଛାୟା ତଳେ ଗୋଟିଏ ଶବ୍ଦରେ ଉଠୁଛନ୍ତି ଓ ବସୁଛନ୍ତି ଓ ଗୋଟିଏ ପ୍ରକାର ଚିନ୍ତାଧାରା ରଖିଛନ୍ତି ଓ ଗୋଟିଏ ଶିକ୍ଷା ଉପରେ ପରିଚାଳିତ ହେଉଛନ୍ତି । ଯେବେକି ଅନ୍ୟ ମୁସଲ୍‌ମାନ୍ ମାନଙ୍କ ନିକଟରେ ଏପରି କୌଣସି ଲିଡର୍ ନାହାଁନ୍ତି । ପ୍ରତ୍ୟେକ ଫିର୍‌କା ନିଜ ନିଜର ରାଗ ଆଳାପ କରୁଛି । ବର୍ତମାନ ଦୃଷ୍ଟିକୋଣରୁ ଏହା ହେଉଛି ପ୍ରଭେଦ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ତେଣୁ ପୃଥିବୀରେ ଆପଣ କେଉଁଠାକୁ ଯାଇ ଦେଖିନିଅନ୍ତୁ ସେ ପଶ୍ଚିମ ଆଫ୍ରିକା ହେଉ ବା ପୂର୍ବ ଆଫ୍ରିକା ବା ଇଣ୍ଡୋନେସିଆ ବା ଉପଦୀପ ଗୁଡିକରେ ରହୁଥିବା ଲୋକେ ହୁଅନ୍ତୁ ବା ଦକ୍ଷିଣ ଆମେରିକା ବା ଉତର ଆମେରିକା ବା ୟୁରୋପ୍ ବା ଏସିଆରେ ରହୁଥିବା ଲୋକମାନେ ହୁଅନ୍ତୁ, ସମସ୍ତଙ୍କର ଚିନ୍ତାଧାରା ଗୋଟିଏ ପ୍ରକାରର ହିଁ ହେବ । ଏବଂ ଏକଥା ଆପଣଙ୍କୁ ଆଉକେଉଁଠାରେ ଦୃଷ୍ଟିଗୋଚର ହେବନାହିଁ । କି ପୃଥିବୀର ବିଭିନ୍ନ ଦେଶରେ ରହିଥିବା ଭିନ୍ନ ଭିନ୍ନ ଜାତିର ଲୋକେ ଗୋଟିଏ ଚିନ୍ତାଧାରା ରଖୁଥିବେ, ତାହା ହେଉଛି ଅଲ୍ଲାଃତାଲାଙ୍କର ବାର୍ତାକୁ ପ୍ରଚାର ପ୍ରସାର କରିବା ଏବଂ ଅନ୍ୟମାନଙ୍କର ଅଧିକାରକୁ ପ୍ରଦାନ କରିବାର ଚିନ୍ତାଧାରା । ତେଣୁ ଏହି ଗୋଟିଏ ଚିନ୍ତାଧାରାର କାରଣ ହେଉଛି ଏହା କି ଆଁ ଜହ୍‌ରତ୍ ସ:ଆ:ସ ୧୪୦୦ ବର୍ଷ ପୂର୍ବେ ଏ ଭବିଷ୍ୟବାଣୀ କରିଥିଲେ କି ୧୪ ଶଦିରେ ଯେଉଁ ମସିହ୍ ମଉଦ୍ ଏବଂ ମେହ୍‌ଦୀ ମାହୁଦ୍ ଇମାମ୍ ହୋଇ ଆସିବେ ତାଙ୍କୁ ମାନିବ । ଏହାପରେ ଖିଲାଫତ୍‌ର ସିଲ୍‌ସିଲା ଆରମ୍ଭ ହେବ ଏବଂ (ଯଦି) ମୁସଲ୍‌ମାନ୍ ଉମତ୍ ତାଙ୍କୁ ମାନିବେ ତ ଗୋଟିଏ ଉମତ୍ ହୋଇଯିବେ । ତେଣୁ ବିରୋଧ ହେଉଥିବା ସତ୍ୱେ ମଧ୍ୟ ମୁସଲ୍‌ମାନ୍ ମାନଙ୍କ ମଧ୍ୟରୁ ହିଁ ଲକ୍ଷଲକ୍ଷ ସଂଖ୍ୟାରେ ଲୋକମାନେ ଆସି ଆମ ଜମାତ୍‌ରେ ସାମିଲ୍ ହେଉଛନ୍ତି ଏବଂ ଏହି ଚିନ୍ତାଧାରା ଦ୍ୱାରା ସାମିଲ୍ ହେଉଛନ୍ତି କି ଶାନ୍ତି, ପ୍ରେମ ଏବଂ ଭାଇଚରାର ପରିବେଶକୁ ସ୍ଥାପନ କରିବା ଏବ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ଗୁଡିକୁ ମାନି ଚଳିବା । ତେଣୁ ଆମେ ଆଶା ରଖିଛୁ କି ଏପରି ଏକ ସମୟ ଆସିବ ଯେତେବେଳେ ସବୁ ମୁସଲ୍‌ମାନ୍ ମାନଙ୍କର ଚିନ୍ତାଧାରା ଏକ ହୋଇଯିବ ଏବଂ ଯେତେବେଳେ ସେମାନେ ଜମାତ୍‌ର ବାର୍ତାକୁ ବୁଝିବା ଆରମ୍ଭ କରିଦେବେ ।

Maria Tncevska ଲେଖୁଛନ୍ତି କି ମୋତେ ଏକଥାରେ ବହୁତ ଖୁସି ଲାଗିଲା ଯେ ମୁଁ ଏ ଜଲ୍‌ସାରେ ଦ୍ୱିତୀୟ ଥର ପାଇଁ ସାମିଲ୍ ହେଉଅଛି । ଏହା ଗୋଟିଏ ବହୁତ ବଡ ଇଜ୍‌ତିମା । ଏଥିରେ ମୋ ପାଇଁ ବହୁତ ବଡ ଆଧ୍ୟାତ୍ମିକ ଅନୁଭବ ଥିଲା । ଜଲ୍‌ସା ଚାଲିଥିବା ସମୟରେ ଗୋଟିଏ କ୍ଷଣ ଏପରି ମଧ୍ୟ ଆସିଛି ଯେବେ ମୋତେ ଏପରି ଅନୁଭବ ହେଲା କି ଚାରିଆଡୁ ଆଧ୍ୟମିକ ଢ଼େଉ ବହି ଆସୁଛି । ଗୋଯିଏ କ୍ଷଣ ଏପରି ମଧ୍ୟ ଆସିଛି ଯେବେ ସମସ୍ତ ଲୋକେ ଏକାଠି ହୋଇ ଉପାସନା କରୁଥିଲେ । ଆପୋଷରେ ପ୍ରେମ ଓ ସ୍ନେହର ପରିପ୍ରକାଶ କରୁଥିଲେ । ଇସ୍‌ଲାମ୍ ସମ୍ବନ୍ଧିତ ଏହି ସମସ୍ତ ଜିନିଷ ଗୁଡିକ ମୋର ଭାବନାକୁ ପରିବର୍ତନ କରାଉଥିଲା । ଏହା ସବୁକିଛି ବହୁତ ଆଶ୍ଚର୍ଯ୍ୟଜନକ ଥିଲା କି ସବୁ ଲୋକମାନେ ଆପୋଷରେ ଯୋଡି ହୋଇ ରହିଥିଲେ । ମୋତେ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ କରିଥିବାରୁ ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ ।

Daniel Cuklev ସାହେବ୍ ଲେଖୁଛନ୍ତି କି ମୁଁ ଏ ଜଲ୍‌ସାରେ ଦ୍ୱିତୀୟଥର ପାଇଁ ସାମିଲ୍ ହୋଇଛି । ଏ ଥରକ ମୁଁ ଅଧିକ ଲୋକଙ୍କୁ ଦେଖିଲି । ମୋ ମତରେ ଅନ୍ୟ ଦେଶଗୁଡିରୁ ଅଧିକ ଲୋକେ ଆସି ଏଠାରେ ଯୋଗ ଦେଇଛନ୍ତି । ଖାଦ୍ୟ ବହୁତ ସୁସ୍ୱାଦୁ ଥିଲା ଓ ବହୁତ ଭଲ ଥିଲା । ସେହିଭଳି ଏକଥା ମୋତେ ବହୁତ ପ୍ରଭାବିତ କରିଛି କି ନମାଜ ପଢିବା ସମୟରେ ୪୦୦୦୦ ଲୋକ ଥିଲେ । କିନ୍ତୁ ଏପରି ନୀରବତା ରହିଥିଲା କି ଯେପରି ଏଠାରେ କେହି ଉପସ୍ଥିତ ନାହାଁନ୍ତି ଏବଂ ଏକଥା ପ୍ରକାଶ କରୁଥିଲା କି ସମସ୍ତ ଲୋକେ ନିଜ ଧର୍ମ ଓ ନିଜ ଖଲିଫାକୁ ବହୁମାତ୍ରାରେ ସମ୍ମାନ କରୁଛନ୍ତି ।

Natalja Krsteska ଲେଖୁଛନ୍ତି କି ଏଜଲ୍‌ସାରେ ସାମିଲ୍ ହୋଇ ମୋତେ ପ୍ରେମ ଏବଂ ମାନବଜାତି ସହିତ ସହାନୁଭୁତିର ଏପରି ଆଲୋକ ମିଳିଲା ଯାହା ମୋତେ ମାର୍ଗଦର୍ଶନ କରାଇବ । ଆମେ ସମସ୍ତେ ଖୁଦାଙ୍କୁ ନିଜ କାର୍ଯ୍ୟ ଜରିଆରେ ପାଇପାରିବା । କିନ୍ତୁ ଆମପାଇଁ ଏହା ଉଚିତ୍ ହେବ କି ସହୃଦୟତାର ସହିତ ଖୁଦାଙ୍କର ଆଜ୍ଞାବହତା ସ୍ୱୀକାର କରିବା । ଫଳତଃ ଏ ସଂସାର ଉତମ ସ୍ଥାନ ହୋଇପାରିବ । ମୁଁ ଦ୍ୱିତୀୟଥର ଏ ଜଲ୍‌ସାରେ ସାମିଲ୍ ହୋଇଥିବାରୁ ନିଜକୁ ସୌଭାଗ୍ୟବତୀ ରୂପେ ବିବେଚନା କରୁଅଛି ।

Adem Vejselov ଲେଖୁଛନ୍ତି କି ଆମେ ମକ୍‌ଦୁନିଆଠାରୁ ଜଲ୍‌ସା ନିମନ୍ତେ ବସ୍ ମାଧ୍ୟମରେ ଯାତ୍ରା କଲୁ । ଏ ଯାତ୍ରା ମଧ୍ୟ ରହି ରହିକା ଭଲ ଲାଗୁଥିଲା । ମୋତେ ଜଲ୍‌ସାର ଉଦ୍‌ଘାଟନୀ ସମୟରେ ଧୋଜା ଉତୋଳନ କରିବାର ଉତ୍ସବଟି ବହୁତ ଭଲ ଲାଗିଲା । ହଜୁର୍ ଅନୁଓ୍ୱର୍‌ଙ୍କର ଭାଷଣ ଗୁଡିକ ଯେଉଁଥିରେ ହଜୁର୍ ଅହେମଦୀ ମାନଙ୍କୁ ସେମାନଙ୍କର ଦାୟିତ୍ୱ ପ୍ର ତି ଧ୍ୟାନ ଆକର୍ଷଣ କରାଛନ୍ତି ଓ ଜମାତ୍‌ର ଉଦ୍ଦେଶ୍ୟ ଗୁଡିକୁ ବର୍ଣ୍ଣନା କରିଛନ୍ତି । ଇସ୍‌ଲାମୀୟ ଶିକ୍ଷାକୁ ବହୁତ ସୁନ୍ଦର ଶୈଳୀରେ ବର୍ଣ୍ଣନା କଲେ । ଏହି ତିନିଦିନ ଯାକ ଭାଷଣ ଗୁଡିକ ଶୁଣିଛି । ମୋତେ ବର୍ତମାନ ଏ ଅନୁଭବ ହେଉଅଛି କି, ମୋତେ ଏବେ ଯାଇ ଜାଣିବାକୁ

ମିଳିଲା କି ପ୍ରକୃତ ମୁସଲମାନ୍ କିପରି ହେବା ଉଚିତ୍ । ଜଣେ ମୁସଲମାନ୍‌କୁ ଆଉଜଣେ ଅଣ ମୁସଲମାନ୍‌ଙ୍କ ସହିତ କିପରି ସମ୍ପର୍କ ରଖିବା ଉଚିତ୍ । ଏ ଜଲ୍‌ସା ମୋ ପାଇଁ ଶିକ୍ଷା ହାସଲ କରିବାର ବହୁତ ସୁନ୍ଦର ଅବସର ଥିଲା ।

ଆଉଜଣେ ମହିଳା ଅତିଥି ପଚାରିଲେ କି ଆପଣ ଜଣେ ଖଲିଫା ହୋଇଥିବାରୁ ଆପଣଙ୍କର ଦାୟିତ୍ୱରେ ବହୁତ କାର୍ଯ୍ୟ ରହିଛି ଏବଂ ବହୁତ କଠିନ କାର୍ଯ୍ୟ ମଧ ରହିଛି । ଆପଣ କିପରି ଏ ସବୁ କରିପାରୁଛନ୍ତି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏ ସବୁ ଅଲ୍ଲାଃତାଲା କରାଇଦେଉଛନ୍ତି । ଏ ସବୁ କାର୍ଯ୍ୟ ମଣିଷର ଚେଷ୍ଟା ଦ୍ୱାରା ହୋଇପାରିବ ନାହିଁ । ଏହା ଅଲ୍ଲାଃଙ୍କର କାର୍ଯ୍ୟ ଅଟେ, ତେଣୁ ଅଲ୍ଲାଃତାଲା କରାଇଦେଉଛନ୍ତି । ବାକି ଏ ଲୋକମାନେ ପାଂଚଦିନ କାମ କରି ଦୁଇଦିନର ୱିକେଣ୍ଡ ନେଇଯାଉଛନ୍ତି ବା ଛଅଦିନ କାମ କରି ଗୋଟିଏ ଦିନ ୱିକେଣ୍ଡ ନେଉଛନ୍ତି କିନ୍ତୁ ମୋ ପାଇଁ କୌଣସି ୱିକେଣ୍ଡ ନାହିଁ ।

ଆଉଜଣେ ଅତିଥି ପଚାରିଲେ କି ବର୍ତ୍ତମାନ ପାକିସ୍ତାନ୍‌ରେ ଇମ୍ରାନ୍‌ର ଖାନ୍‌ର ଯେଉଁ ସରକାର ଆସିଛି, କଣ ତା ଦ୍ୱାରା ଅହେମଦୀ ମାନଙ୍କର ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇପାରିବ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେପର୍ଯ୍ୟନ୍ତ ଅହେମଦୀ ମାନଙ୍କ ନିମନ୍ତେ ଜାତୀୟ ସମ୍ବିଧାନରେ ୧୯୭୪ ମସିହାରେ ଯେଉଁ କାନୁନ୍ ପାସ୍ ହୋଇଥିଲା ଅର୍ଥାତ୍ ଅହେମଦୀମାନେ ମୁସଲମାନ୍ ନୁହଁନ୍ତି ବୋଲି ଓ ତାକୁ ପରେ ଜିଆଉଲ୍ ହକ୍ ଆସି ଆହୁରି ଅଧିକ କରି ଏପରି ବନାଇଦେଲେ କି ଅହେମଦୀମାନଙ୍କର କୌଣସି ଆଓ୍ୱାଜ୍ ହୋଇପାରିବ ନାହିଁ, ଅହେମଦୀ ନିଜକୁ ମୁସଲମାନ୍ ବୋଲାଇ ପାରିବେ ନାହିଁ, ଅହେମଦୀ ଜଣେ ଅନ୍ୟଜଣକୁ ସଲାମ୍ କରିପାରିବ ନାହିଁ, ଅହେମଦୀ ବିସ୍‌ମିଲ୍ଲାଃ ପଢ଼ିପାରିବେ ନାହିଁ ଓ ଏହିପରି ଅଜବ ଓ ବେହୁଦା ପ୍ରକାରର କାନୁନ୍ ରଖାଯାଇଛି, ଯେପର୍ଯ୍ୟନ୍ତ ସେହି ସବୁ କାନୁନ୍ ରହିଥିବ କୌଣସି ସରକାର ଆସିଗଲେ ମଧ ସେ କିଛି କରିପାରିବ ନାହିଁ । କାରଣ ସେହି କାନୁନ୍ ଯୋଗୁ ଆଜିକାଲି ମୁଲ୍ଲାମାନେ ବହୁତ ଜୋସ୍‌ରେ ଅଛନ୍ତି । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେଉଁଠି ଇମ୍ରାନ୍ ଖାନ୍‌ର କଥା ଉଠୁଛି ତାକୁ ମଧ ଏହି କାନୁନ୍ ଅନ୍ତର୍ଗତ ସରକାର ଚଳାଇବାକୁ ହେବ ଏବଂ ସେଠାରେ ମୌଲବୀ ମାନଙ୍କର ଜୋର୍ ରହିଛି । ଏପରିକି ବିଗତ ଦିନ ଇମ୍ରାନ୍ ଖାନ୍ ଗୋଟିଏ ଆଡ୍‌ଭାଇଜରି କାଉନ୍‌ସିଲ୍ ଆର୍ଥିକ ଉନ୍ନତି ନିମନ୍ତେ ଗଠନ କରିଥିଲେ । ସେଥିରେ ଜଣେ ବହୁତ ଭଲ ଅହେମଦୀ ଇକୋନୋମିଷ୍ଟ, ଯାହାର ପୃଥିବୀରେ ନାମ ଅଛି ଏବଂ ସେ ଆମେରିକାର ଗୋଟିଏ ୟୁନିଭର୍‌ସିଟିରେ ପଢ଼ାଉଛନ୍ତି, ତାଙ୍କୁ ସେଥିରେ ସାମିଲ୍ କରିଥିଲେ । ତାଙ୍କ ନାମ ସାମିଲ୍ କରିବା ଯୋଗୁ ମୁଲ୍ଲାଃମାନେ ଏତେ ମାତ୍ରାରେ କୋଳାହଳ କଲେ କି ତୁମେ ଏହି କାଦିଆନୀକୁ ସାମିଲ୍ କାହିଁକି କଲ । ତେଣୁ ଆମେ ଏହାକୁ ବର୍ଦାସ୍ତ କରିପାରିବୁ ନାହିଁ । ଯଦିଚ ପ୍ରଥମେ ଇମ୍ରାନ୍ ଖାନ୍‌ଙ୍କ ସରକାରରେ ଥିବା ମିନିଷ୍ଟର୍‌ମାନେ ଏକଥାକୁ ପ୍ରତ୍ୟାଖ୍ୟାନ କରି କହିଲେ କି ଆମେ ତାକୁ କୌଣସି ଇସ୍‌ଲାମୀୟ ସଂଗଠନରେ ସାମିଲ୍ କରିନାହୁଁ । ଆମେ ତ ତାକୁ ଆର୍ଥିକ ଉନ୍ନତି ନିମନ୍ତେ ଗୋଟିଏ କାଉନ୍‌ସିଲରେ ସାମିଲ୍ କରିଛୁ ଓ ସେହି କମିଟିର ଜଣେ ସଦସ୍ୟ ରୂପେ ତାକୁ ବନାଇଛୁ । କିନ୍ତୁ ମୁଲ୍ଲାଃମାନେ ମାନିଲେ ନାହିଁ ଓ ଶେଷରେ ଇମ୍ରାନ୍ ଖାନ୍‌ଙ୍କ ସରକାରକୁ ମୁଲ୍ଲାଃମାନଙ୍କ ନିକଟରେ ଆଣ୍ଠେଇବାକୁ ପଡ଼ିଲା ଓ ପୁଣି ସେ ଉକ୍ତ ଇକୋନୋମିଷ୍ଟ୍‌ଙ୍କୁ ମଜବୁର୍ କରିଦେଲେ କି ଏବେ ରିଜାଇନ୍ କରିଦିଅ ନହେଲେ ଆମେ ତୁମକୁ ବାହାର କରିଦେବୁ । ତେବେ ଦେଖନ୍ତୁ ପାକିସ୍ତାନ୍‌ରେ ଇମ୍ରାନ୍ ଖାନ୍ ସରକାରଙ୍କର ନ୍ୟାୟ କରିବାର ଏହା ହେଉଛି ତାଜା ଉଦାହରଣ । ମେସିଡୋନିଆ ୱଫଦ୍‌ର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଏହି ସାକ୍ଷାତ୍‌କାର୍ ୭:୪୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ୱଫଦ୍‌ର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଆଲ୍‌ବାନିଆରୁ ଆସିଥିବା ୱଫଦ୍‌ର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ପ୍ରୋଗ୍ରାମ୍ ମୁତାବକ ଆଲ୍‌ବାନିଆ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଲ୍‌ବାନିଆରୁ ଏବର୍ଷ ୪୩ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଜଲ୍‌ସାସାଲାନା ଜର୍ମାନୀରେ ସାମିଲ୍ ହୋଇଥିଲା ।

ଜଣେ ଅତିଥି କହିଲେ କି ଏ ଜଲ୍‌ସାକୁ ଆସିବାର ମୋ ନିକଟରେ ଦୁଇଟି ଉଦ୍ଦେଶ୍ୟ ଥିଲା । ପ୍ରଥମଟି ହେଉଛି ମୋର ଦୁଇଜଣ ପୁଅ ବୟତ୍ କରିଛନ୍ତି । ମୁଁ ଦେଖିବାକୁ ଚାହୁଁଥିଲି କି ସେମାନେ କେଉଁ ସ୍ଥାନକୁ ଯାଇଛନ୍ତି ଏବଂ ଜଲ୍‌ସାକୁ ଦେଖିବି । ଦ୍ୱିତୀୟଟି ହେଉଛି ଜର୍ମାନୀ ହେଉଛି ଏକ ଉନ୍ନତଶୀଳ ରାଷ୍ଟ୍ର । ତେଣୁ ସେ ଦେଶକୁ ମଧ ଦେଖିବି । ବର୍ତ୍ତମାନ ଏଠାକୁ ଆସି ମୁଁ ଦେଖିଲି କି ଏବେ ମୋତେ ନିଜ ପୁଅମାନଙ୍କ ବିଷୟରେ କୌଣସି ଚିନ୍ତା ନାହିଁ । ସେ ଦୁଇଜଣଯାକ ସଠିକ୍ ସ୍ଥାନକୁ ଆସିଛନ୍ତି ଏବଂ ଆପଣଙ୍କର ଜମାତ୍‌ର ସଦସ୍ୟ ହୋଇଛନ୍ତି । ଏବେ ମୁଁ ମଧ ବହୁତ ଶିଘ୍ର ଆପଣଙ୍କ ଜମାତ୍‌ର ସଦସ୍ୟ ହେବାକୁ ଯାଉଛି । ସେ ପୁଣି କହିଲେ କି ଆମେ ଏପରି ସ୍ଥାନରୁ ଆସିଛୁ ଯେଉଁଠି ୬୦ବର୍ଷ ପର୍ଯ୍ୟନ୍ତ ଧର୍ମ ଉପରେ ପ୍ରତିବନ୍ଧକ ଲାଗିଥିଲା । ଏବେ ନୂଆ ଜେନେରେସନ୍ ଗ୍ରହଣ କରୁଛନ୍ତି । ପୁରୁଣା ଜେନେରେସନ୍‌ର ସମୟ କିଛି ଅଲଗା ଥିଲା । କମ୍ୟୁନିଜିମ୍ ଯୋଗୁଁ ଧର୍ମ ଉପରେ ପ୍ରତିବନ୍ଧକ ରହିଥିଲା । ସେଇଥିପାଇଁ ବାପା ଏପର୍ଯ୍ୟନ୍ତ ଅହେମଦୀୟତ୍ ଗ୍ରହଣ କରିପାରିନାହାଁନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଅଲ୍ଲାଃତାଲା ଫଜଲ୍ କରନ୍ତୁ ।

ଆଲ୍‌ବାନିଆରୁ ଆସିଥିବା ଜଣେ ଓକିଲ କହିଲେ କି- ଆଲ୍‌ବାନିଆ ଜମାତ୍ ଆଲ୍‌ବାନିଆର କନ୍‌ଷ୍ଟିଚ୍ୟୁସନ୍ ମୁତାବକ କାମ କରିଛି । ତେଣୁ ଏବେ ମୁଁ ଜଲ୍‌ସା ଦେଖିବା ପାଇଁ ଆସିପାରିଛି । ଜଲ୍‌ସାର ବ୍ୟବସ୍ଥା ବହୁତ ସୁନ୍ଦର ଥିଲା । ଏତେ ସଂଖ୍ୟକ ଲୋକ ଏଠି ଏକତ୍ରିତ ହୋଇଥିଲେ । କିନ୍ତୁ କୌଣସି ପ୍ରକାରର ତ୍ରୁଟି ନଥିଲା । ଏପରି ଲାଗୁଥିଲା ଯେପରି ମହୁମାଛିର ଫେଣା ଏବଂ ପ୍ରତ୍ୟେକ ଜିନିଷକୁ ସଠିକ୍ ସ୍ଥାନରେ ରଖାଯାଇଥିଲା । ଏକଥା ମୋତେ ବହୁତ ପ୍ରଭାବିତ କରିଛି । ପୁଣି ମୁଁ ଏଥିରେ ମଧ ବହୁତ ପ୍ରଭାବିତ ହୋଇଛି କି କିପରି ସବୁ ଲୋକମାନେ ଖଲିଫତୁଲ୍ ମସିହଙ୍କ ନେତୃତ୍ୱରେ ନମାଜ ପଢୁଥିଲେ ଏବଂ ସଙ୍ଗେସଙ୍ଗେ କାନ୍ଦୁଥିଲେ । ମୁଁ ଆଶା କରୁଛି କି ଖୁଦାତାଲାଙ୍କ ସାହାଯ୍ୟ ଯୋଗୁ ମୁଁ ମଧ ବହୁତ ଶିଘ୍ର ଏ ଜମାତ୍‌ର ଅଂଶବିଶେଷ ହୋଇଯିବି ।

ଆଉଜଣେ ଅହେମଦୀ ଯୁବକ କହିଲେ କି ମୁଁ ଏ ଜଲ୍‌ସାରେ ଦ୍ୱିତୀୟ ଥର ଆସିଛି । ପଚ୍ଛବର୍ଷ ଯେତେବେଳେ ଆସିଥିଲି ସେତେବେଳେ ମୁଁ ଅହେମଦୀ ନଥିଲି । ବର୍ତ୍ତମାନ ମୁଁ ଅହେମଦୀ ହୋଇସାରିଛି ଓ ଜଣେ ଅହେମଦୀ ହୋଇ ଏଠାକୁ ଆସିଛି । ବର୍ତ୍ତମାନ ମୁଁ ଇଞ୍ଜିନିୟରିଂ ଶିକ୍ଷା ଗ୍ରହଣ କରୁଅଛି ଏବଂ ପାର୍ଟ୍ ଟାଇମ୍ ଫଟୋଗ୍ରାଫିର କାମ କରୁଛି ।

ଆଉଜଣେ ବ୍ୟକ୍ତି ନିଜପାଇଁ ପ୍ରାର୍ଥନା କରିବାକୁ ନିବେଦନ କରି କହିଲେ କି ମୋ ପାଇଁ ଦୁଆ କରନ୍ତୁ ଯେ ମୁଁ ଜଣେ ଭଲ ମୋମିନ୍ ହେବି ଓ ଆଧାତ୍ମିକ ଦୃଷ୍ଟିକୋଣରୁ ଓ କାର୍ଯ୍ୟ ଦୃଷ୍ଟିକୋଣରୁ ଖୁଦାଙ୍କ ନିକଟତର ହୋଇପାରିବି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଖୁଦା ଆପଣଙ୍କ ପ୍ରାର୍ଥନା ଓ ଆପଣଙ୍କ ଅଭିଳାସକୁ ଗ୍ରହଣ କରନ୍ତୁ ।

ଆଲ୍‌ବାନିଆରୁ ଆସିଥିବା ଜଣେ ଅହେମଦୀ ବନ୍ଧୁ Bekimbica ସାହେବ୍ କହିଲେ- ମୁଁ ୨୦୦୪ ମସିହାରେ ବୟତ୍ କରି ଅହେମଦୀୟତ୍‌ରେ ସାମିଲ୍ ହୋଇଥିଲି । ମୁଁ ହେଉଛି ଜଣେ ଜର୍ନାଲିଷ୍ଟ । ଜଲ୍‌ସାସାଲାନା ମୋ ଜୀବନର ବହୁତ ବଡ ଗୁରୁତ୍ୱପୂର୍ଣ୍ଣ ଇଭେଂଟ୍ ହୋଇଥାଏ । ଏହା ମୋ ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ କି ଏଥର ମୁଁ ଅଗଷ୍ଟ ମାସ ପର୍ଯ୍ୟନ୍ତ ଗୋଟିଏ ଖବରକାଗଜରେ କାମ କରୁଥିଲି ଏବଂ ସେହି କାମକୁ ମୁଁ ଛାଡିଦେଲି । ଏବଂ ତା ପରେ କାମ ଖୋଜିବାରେ ତିନି ଚାରିଗୋଟି ଅଫର୍ ମୋତେ ମିଳିଲା ଓ ମୁଁ ସମସ୍ତଙ୍କୁ ଏହା କହିଦେଲି କି ଯଦି ମୋତେ କାମ ଦେବାକୁ ଚାହୁଁଛ ତେବେ ୧୫ ସେପ୍ଟେମ୍ବର୍ ପର୍ଯ୍ୟନ୍ତ ମୋତେ ଅପେକ୍ଷା କରିବାକୁ ପଡ଼ିବ । କାରଣ ମୋର ଗୋଟିଏ ଦାୟିତ୍ୱ ଅଛି, ଯାହା ଉପରେ ମୁଁ ଏ କାମକୁ ଅଗ୍ରାଧିକାର ଦେଇପାରିବି ନାହିଁ ଓ ସେ କର୍ତବ୍ୟଟି ଏହା ଥିଲା କି ମୁଁ ଜଲ୍‌ସାସାଲାନାରେ ସାମିଲ୍ ହେବି । ସୁତରାଂ ମୁଁ ଜଲ୍‌ସାସାଲାନାରେ ପହଂଚିଛି ଏବଂ ମୁଁ ଆଶା ରଖିଛି କି ଏଠାରୁ ଫେରିଯିବା ପରେ ମୋତେ କିଛି ନା କିଛି କାମ ମିଳିଯିବ । ଏହା ମୋର ଦୃଢ଼ ବିଶ୍ୱାସ କି ଯଦି ମନୁଷ୍ୟ ପରିଶ୍ରମ କରେ ତେବେ ତାକୁ ଅଲ୍ଲାଃତାଲାଙ୍କ କରୁଣାରୁ ନିଷ୍ଚିତ ରୂପେ ରୋଜଗାର ମିଳିଯାଏ । ସେ ଯାହା ହେଉ ମୁଁ ଏଠାରେ ସାମିଲ୍ ହୋଇପାରିଛି ଏବଂ ଜଲ୍‌ସାସାଲାନା ମୋ ପାଇଁ ଏକ ମହାନ୍ ପ୍ରୋଗ୍ରାମ୍ । ଏହି ତିନିଦିନ ମୋ ଉପରେ ବହୁତ ପ୍ରଭାବ ପକାଇଥିଲା । ପୁଣି ସେ କହୁଛନ୍ତି ମୋ ଦୃଷ୍ଟିରେ ଜଲ୍‌ସାସାଲାନା ହେଉଛି ଗୋଟିଏ ଆଧାତ୍ମିକ ଖାଦ୍ୟ । ସେଥିପାଇଁ ମୋତେ ପ୍ରତ୍ୟେକ ବର୍ଷ ଏଠାକୁ ଆସିବା ଉଚିତ୍ । ସେଥିପାଇଁ ଯେତେ ଚେଷ୍ଟା କରିବାକୁ ପଡ଼ିଲେ ମଧ କରିବା ଉଚିତ୍ । ଜଲ୍‌ସା ବ୍ୟତୀତ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଚତୁର୍ଥ ଦିନ ଯେଉଁ ସାକ୍ଷାତ୍‌କାର ହୋଇଥାଏ ତାର ମଧ ଗୋଟିଏ ଗୁରୁତ୍ୱ ରହିଛି । ଯଦିଚ ତାହା କିଛି ମିନିଟ୍‌ର ହୋଇଥାଏ । ସାକ୍ଷାତ୍‌କାର୍ କରିବା ସମୟରେ ଆମେ ଆମ ପ୍ରିୟ ଆକାଙ୍କ ସହିତ ବସି ବରକତ୍ ହାସଲ୍ କରୁଛୁ । ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରୁଛି କି ଆସନ୍ତା ବର୍ଷ ମୋତେ ଜଲ୍‌ସାସାଲାନା ୟୁ.କେ ରେ ଯୋଗଦେବାପାଇଁ ସୌଭାଗ୍ୟ ମିଳୁ । ମୁଁ ଏହା ମଧ କହିବାକୁ ଚାହିଁବି କି ଏ ଜଲ୍‌ସା ପ୍ରତ୍ୟେକ ବର୍ଷ ଉନ୍ନତିର ପଥରେ ଅଗ୍ରସର ହେଉଅଛି ।

ଆଲ୍‌ବାନିଆରୁ ଆସିଥିବା ୱଫଦ୍‌ର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଏହି ସାକ୍ଷାତ୍‌କାର୍ ୮ଟା ପର୍ଯ୍ୟନ୍ତ ଜାରି ରହିଲା । ପରେ ୱଫଦ୍‌ର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ହଙ୍ଗେରୀ ଏବଂ କ୍ରୋରୋସିଆ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ହଙ୍ଗେରୀ ଓ କ୍ରୋରୋସିଆ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ହଙ୍ଗେରୀରୁ ଇମିଗ୍ରେସନ୍ ଡିପାର୍ଟମେଂଟ୍‌ରେ କାର୍ଯ୍ୟରତ ଜଣେ ବନ୍ଧୁ ଆସିଥିଲେ । ସେ କହିଲେ କି ମୁଁ ଏଠାରୁ ବହୁତ ଭଲ ସ୍ମୃତିନେଇ ଯାଉଅଛି । ଆପଣଙ୍କର ଜଲ୍‌ସା ବହତୁ ସୁସଂଗଠିତ ଥିଲା । ଖୁଦାତାଲା ଆପଣଙ୍କୁ ବହୁତ ଉନ୍ନତି ପ୍ରଦାନ କରନ୍ତୁ ।

ଆଉଜଣେ ମହିଳା କହିଲେ କି ଏହା ହେଉଛି ମୋ ପାଇଁ ଜର୍ମାନୀର ପ୍ରଥମ ଜଲ୍‌ସାସାଲାନା । ଏହାପୂର୍ବରୁ ମୁଁ ତିନିଥର ୟୁ.କେ ର ଜଲ୍‌ସାସାଲାନାରେ ସାମିଲ୍ ହୋଇସାରିଛି ଓ ଥରେ କାଦିଆନ୍ ଜଲ୍‌ସାରେ ମଧ ସାମିଲ୍ ହୋଇଥିଲି । ଏଠିକାର ଏହି ଜଲ୍‌ସାରେ ପ୍ରତ୍ୟେକ ବ୍ୟବସ୍ଥା ବହୁତ ସୁନ୍ଦର ଥିଲା । ରହିବା, ଖାଇବା ପିଇବା, ସ୍ୱଚ୍ଛତା, ଭାଷଣ ଏବଂ ପ୍ରତ୍ୟେକ ପ୍ରୋଗ୍ରାମ୍ ବହୁତ ସୁସଂଗଠିତ ଥିଲା । ଆମକୁ ଇଶ୍ୱରଙ୍କ ପର୍ଯ୍ୟନ୍ତ ପହଂଚିବାକୁ ହେଲେ ଗୋଟିଏ ''ହବଲୁଲ୍ଲାଃ'' ଅର୍ଥାତ୍ ଅଲ୍ଲାଃଙ୍କ ରସିର ଆବଶ୍ୟକ । ଆଜି ଅହେମଦୀୟତ୍ ହିଁ ଏପରି ଏକ କମ୍ୟୁନିଟି ଯିଏ ଆମକୁ ଏହି ହବଲୁଲ୍ଲାଃ ପ୍ରଦାନ କରୁଅଛି । ହଜୁର୍ ଅନୁଓ୍ୱର୍‌ଙ୍କ ଉପରେ ବହୁତ ଦାୟିତ୍ୱ । ଇଶ୍ୱର ଆପଣଙ୍କୁ ନିର୍ବାଚିତ କରିଛନ୍ତି । ଆପଣ କାର୍ଯ୍ୟର ଏହି ବୋଝକୁ ବର୍ଦାସ୍ତ କରୁଛନ୍ତି । ଆମେ ହଜୁର୍‌ଙ୍କ ପାଇଁ ଦୁଆ କରୁଛୁ ଅଲ୍ଲାଃତାଲା ହଜୁର୍‌ଙ୍କ ସହିତ ସଦାସର୍ବଦା ରୁହନ୍ତୁ । ମୁଁ ପ୍ରତ୍ୟେକ ସ୍ଥାନରେ ଏ ଜଲ୍‌ସାରେ ବିଭିନ୍ନ କୌମ୍‌ର ଲୋକମାନଙ୍କ ସହିତ ସାକ୍ଷାତ୍ କରିଛି, ଭିନ୍ନ ଭିନ୍ନ ଭାଷାଭାଷିର ଲୋକେ ଏଠାରେ ଉପସ୍ଥିତ ଥିଲେ । ସବୁ ଯାଗାରେ ବହୁତ ଭଲ ଅନୁଭବ ମିଳିଲା । ୟୁ.କେ ରେ ତ ଖୋଲା ସ୍ଥାନରେ ଜଲ୍‌ସା ହୋଇଥାଏ ଓ ଏକ ଅସ୍ଥାୟୀ ସହର ତିଆରି ହୋଇଯାଏ ।

ହଙ୍ଗେରୀରୁ ଜଣେ ପ୍ରୋଟେଷ୍ଟାଂଟ୍ ଚର୍ଚ୍ଚର ପାଦ୍ରୀ Gabor Tamas ସାହେବ୍ ମଧ ଏ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ଧର୍ମ କାର୍ଯ୍ୟ ବ୍ୟତୀତ ଉନ୍ନତି ମୂଳକ କାର୍ଯ୍ୟରେ ବହୁତ ଆକ୍ଟିଭ୍ ଅଛନ୍ତି । ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି - ମୁଁ ହେଉଛି ଜଣେ ଇସାଇ । କିନ୍ତୁ ଆପଣଙ୍କ ଜଲ୍‌ସାରେ ଯୋଗଦେଇ ମୋ ଇମାନ୍‌କୁ ସତେଜତା ମିଳୁଛି ଓ ମୁଁ ଏଠାରୁ ସତେଜ୍ ହୋଇ ଫେରୁଛି । ଏହି ଚାର୍ଜିଂ ବର୍ଷ ତମାମ ମୋ କାର୍ଯ୍ୟରେ ସାହାଯ୍ୟକାରୀ ପ୍ରମାଣିତ ହେଉଛି । ସେହି ପାଦ୍ରୀଙ୍କ ଯୋଗୁ ନା କେବଳ ତାଙ୍କ ଗ୍ରାମ ବରଂ ତାଙ୍କର ସମସ୍ତ ସାଙ୍ଗସାଥି ମାନଙ୍କ ସହିତ ପରିଚୟ ହୋଇଛି ଓ ଜମାତ୍‌ର ବାର୍ତାକୁ ପହଂଚାଇବା ପାଇଁ ରାସ୍ତା ଉନ୍ମୁକ୍ତ ହୋଇଛି ।

ମୁବଲିଗ୍ ସିଲ୍‌ସିଲା ହଙ୍ଗେରୀ ଲେଖୁଛନ୍ତି କି କିଛିମାସ ପୂର୍ବେ ଯେତେବେଳେ ଏହି ପାଦ୍ରୀ ସାହେବ୍‌ଙ୍କର ମା'ଙ୍କର ଦେହାନ୍ତ ହେଲା କିଛି ଖୁଦାମ୍ ମାନଙ୍କ ସହିତ ମୁଁ ଯନାଜାରେ ଯୋଗ ଦେବାପାଇଁ ତାଙ୍କ ଗାଁରେ ପହଂଚିଲି । ଭୀଷଣ ଥଣ୍ଡା ଏବଂ ଭୀଷଣ କୁହୁଡି ଯୋଗୁ ଯାତ୍ରା ବହୁତ କଷ୍ଟକର ଥିଲା । ଆମକୁ ଦେଖି ସେ ବହୁତ

ଖୁସି ହେଲେ ଓ ବହୁତ ଆଶ୍ଚର୍ଯ୍ୟ ମଧ୍ୟ ହେଲେ । ତଦ୍‌ଫିନ୍ (କ୍ରିୟାକର୍ମ) ପରେ ପ୍ରଥା ମୁତାବକ ଗାଁର କମ୍ୟୁନିଟି ହଲ୍‌ରେ ଶୋକସଭା ଅନୁଷ୍ଠିତ ହେଲା ଯେଉଁଠି ଗାଁର ବହୁତ ଲୋକେ ଓ ଅନ୍ୟ ଇଲାକାରୁ ଆସିଥିବା କିଛି ସମ୍ମାନୀୟ ଲୋକେ ମଧ୍ୟ ସାମିଲ୍ ହୋଇଥିଲେ । ସେ ଏହି ସଭାରେ ଧନ୍ୟବାଦ ଅର୍ପଣ କରି ସମସ୍ତ ଗ୍ରାମବାସୀଙ୍କ ସମ୍ମୁଖରେ କହିଲେ କି ଅହେମଦୀୟା ମୁବଲିଗ୍ ଏବଂ ଅହେମଦୀୟା କମ୍ୟୁନିଟି ହିଁ ମୋର ବନ୍ଧୁ ଅଟନ୍ତି ଓ ମୋର ହିତାକାଂକ୍ଷୀ ଅଟନ୍ତି । ଯେତେବେଳେ ମୁଁ ବେମାର ପଡ଼ିଥିଲି, ଯେତେବେଳେ ମୋର ଆକ୍‌ସିଡେଂଟ୍ ହୋଇଥିଲା ଓ ମୁଁ ହସ୍‌ପିଟାଲ୍‌ରେ ଥିଲି ସେତେବେଳେ ଏହି ଜମାତ୍ ହିଁ କେବଳ ମୋର ଅବସ୍ଥା ବିଷୟରେ ପଚାରିବାକୁ ଆସିଥିଲା । ବର୍ତମାନ ମୋ ମାଆଙ୍କର ଦେହାନ୍ତ ହୋଇଛି । ତେବେ ଦେଖନ୍ତୁ ପୁଣି ମଧ୍ୟ ଏହି ଜମାତ୍ ମୋତେ ଶାନ୍ତ୍ୱନା ଦେବାକୁ ଏଠାକୁ ଆସିଛି । ଏ ଲୋକମାନେ ହିଁ ମୋର ପ୍ରକୃତ ବନ୍ଧୁ ଓ ପ୍ରକୃତ ହିତାକାଂକ୍ଷୀ । ଏପରି ଅବସରରେ ମୁଁ କେବେ ନିଜର ଲିଗ୍ ଏବଂ ବିଜ୍‌ନେସ୍ ବନ୍ଧୁମାନଙ୍କୁ ଦେଖିନାହିଁ । ଏହିଭଳି ଗାଁର ପଚାଶ ଜଣ ଲୋକଙ୍କର ଧ୍ୟାନ ଆମପ୍ରତି ଆକର୍ଷଣ ହେଲା ଓ ରିଫ୍ରେସ୍‌ମେଂଟ୍ ହେବା ସମୟରେ ସବୁତକ ସମୟ ଜମାତ୍‌ର ପରିଚୟ କରିବା ପାଇଁ ମୌକା ମିଳିଲା ।

ହଙ୍ଗେରୀରୁ Varga Andars ସାହେବ୍ ମଧ୍ୟ ଏ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ରିଫ୍ୟୁଜି କ୍ୟାମ୍ପ୍‌ର ଦଫ୍‌ତର୍‌ରେ କାମ କରୁଛନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତି କରି କହୁଛନ୍ତି ଏ ଜଲ୍‌ସା ହେଉଛି ଏପରି ଏକ ଅବସର ଯେପରି ଜଣେ ମନୁଷ୍ୟ ଗୋଟିଏ ମହାନ୍ ବସ୍ତୁକୁ ଦେଖି ଆଶ୍ୱର୍ଯ୍ୟ ହୋଇ ତା ଭିତରେ ଏକ ସିହରଣ ଖେଳିଯାଏ । ବିଲ୍‌କୁଲ୍ ସେହିପରି ଯେତେବେଳେ ଆପଣମାନେ ସ୍ଲୋଗାନ୍ ଲଗାଉଛନ୍ତି ଏପରି ଲାଗୁଛି କି ବର୍ତମାନ ଇମାମ୍ ହୁକୁମ୍ ଦେବେ ଓ ଆପଣମାନେ ଲବ୍‌ବେକ୍ କହି କିଛି ନା କିଛି କରିଦେବେ । ଯେପରି ଗୋଟିଏ ନିର୍ଦ୍ଦେଶର ଅପେକ୍ଷାରେ ଆପଣମାନେ ବସିଛନ୍ତି । ପ୍ରାରମ୍ଭରେ ତ ବହୁତ ଡର ଲାଗୁଥିଲା । କାରଣ ହଙ୍ଗେରୀରେ ଏପରି ଲୋକସମୂହ ଏକ୍ରତିତ ହେବା ତ ଦୂରର କଥା ଯଦି ଶହେଜଣ ଏକାଠି ହୋଇଯିବେ ତେବେ ଗୋଟିଏ ଘଂଟା ଭିତରେ କିଛି ନା କିଛି ଲଢ଼େଇ ଝଗଡା ହୋଇଯିବ । କିନ୍ତୁ ଏଠାର ହଜାର ହଜାର ଲୋକଙ୍କୁ ଶାନ୍ତିର ସହିତ ଏକତ୍ରିକ ହେବାର ଆଜିଠାରୁ ପୂର୍ବେ ମୁଁ କେବେ ଦେଖିନାହିଁ ।

ହଙ୍ଗେରୀରୁ ଆସିଥିବା ଜଣେ ସୋସିଆଲ୍ ୱାର୍କ୍‌ର Csicsek Agota ସାହିବା ମଧ୍ୟ ଏ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ହଙ୍ଗେରୀରୁ ପ୍ରଥମ କରି ଆସୁଥିବା ଲୋକମାନଙ୍କର ପ୍ରାରମ୍ଭିକ ପ୍ରସ୍ତୁତି କାର୍ଯ୍ୟରେ ସାହାଯ୍ୟ କରିଥାନ୍ତି । ବହୁତ ଦିନ ହେବ ତାଙ୍କୁ ନିମନ୍ତ୍ରଣ ଦିଆଯାଉଥିଲା । ଏ ବର୍ଷ ସେ ଜଲ୍‌ସାରେ ସାମିଲ୍ ହୋଇଛନ୍ତି । ଏ ଜଲ୍‌ସାର ଉତମ ବ୍ୟବସ୍ଥା, ଉତମ ଆତିଥ୍ୟ ପରାୟଣତାରେ ଆନନ୍ଦିତ ହୋଇ ସେ ହଜୁର୍ ଅନୁଓ୍ୱର୍ ଓ ଜମାତ୍‌କୁ ଧନ୍ୟବାଦ ଅର୍ପଣ କରିଛନ୍ତି ଓ ବାରମ୍ବାର ଏକଥା ପ୍ରକାଶ କରୁଛନ୍ତି କି ଏତେ ସୁସଂଗଠିତ ଓ ସଭ୍ୟ ମୁସଲ୍‌ମାନ୍ ମାନଙ୍କ ଇଜ୍‌ତେମାରେ ଯୋଗ ଦେବା ଏହା ମୋ ପାଇଁ ପ୍ରଥମ ଅବସର । ସେ ନିଜର କାର୍ଯ୍ୟ ଯୋଗୁ ସହରର ସବୁ ବ୍ୟକ୍ତିଙ୍କ ନିକଟରେ ପରିଚିତ । ଇଶ୍ୱର କରନ୍ତୁ କି ତାଙ୍କ ମାଧ୍ୟମରେ ଆହୁରି ଅଧିକା ଯୋଗାଯୋଗ କରିବାର ରାସ୍ତା ଉନ୍ମୁକ୍ତ ହୋଇଯାଉ ।

ହଙ୍ଗେରୀରୀ ଆସିଥିବା ଜଣେ ମହିଳା Veszpremi Illona ସାହିବା, ଯିଏ ଗୋଟିଏ ରିଫ୍ୟୁଜି କ୍ୟାମ୍ପ୍‌ରେ ଆର୍ଥିକ ସୁପର୍ ଭାଇଜର୍ ଅଛନ୍ତି ସେ ଜଲ୍‌ସାର ବ୍ୟବସ୍ଥା ଇତ୍ୟାଦିକୁ ଦେଖିବା ପରେ ପଚାରିଲେ କି ଜଲ୍‌ସାରେ ଏତେ ମାତ୍ରାରେ ଯେଉଁ ଖର୍ଚ୍ଚ ହେଉଛି ତାହା କିପରି କରାଯାଉଛି । ଏଥିରେ ତାଙ୍କୁ ଜମାତ୍‌ର ସେବା ଓ ଚାନ୍ଦା ବ୍ୟବସ୍ଥା ବିଷୟରେ ସୂଚନା ଦିଆଗଲା । ଏଥିରେ ସେ ବହୁତ ଆଶ୍ଚର୍ଯ୍ୟ ହେଲେ । ଜଲ୍‌ସା ସମ୍ବନ୍ଧରେ ସେ ନିଜର ମନୋଭାବକୁ ପ୍ରକାଶ କରି କହୁଛନ୍ତି– ଜଲ୍‌ସା ହେଉଛି ଏପରି ଏକ ଉତ୍ସବ ଯାହା ମନୁଷ୍ୟକୁ ଭିତରୁ ଧୋଇ ସଫାକରି ହାଲ୍‌କା ବନାଇଦିଏ ଯେପରି ପ୍ରାରମ୍ଭରେ ପିଲାକୁ ଗାଧୋଇବା ପାଇଁ ଭୟ ଲାଗିଥାଏ କିନ୍ତୁ ଗାଧୋଇବା ତା ପାଇଁ ଅତ୍ୟନ୍ତ ଜରୁରୀ ହୋଇଥାଏ । ସେହିପରି ଅବସ୍ଥା ମନୁଷ୍ୟର ଜଲ୍‌ସାକୁ ଦେଖିବା ପରେ ହୋଇଥାଏ ।

ହଙ୍ଗେରୀର ୱଫଦ୍‌ରେ ୟମନ୍ ସହିତ ସମ୍ପର୍କ ରଖିଥିବା ଜଣେ ମେଡିକାଲ୍ ଡାକ୍ତର୍ ୱଫା ହୁସନ୍ ଅହେମଦ୍ ସାହିବା ମଧ୍ୟ ସାମିଲ୍ ହୋଇଥିଲେ । ଏ ଜଲ୍‌ସାରେ ସାମିଲ୍ ହୋଇ ସେ ବହୁତ ଆନନ୍ଦିତ । ଜଲ୍‌ସାର ଦ୍ୱିତୀୟ ଦିନ ଲଜ୍‌ନା ମାନଙ୍କ ନିମନ୍ତେ ହଜୁର୍ ଅନୁଓ୍ୱର୍‌ଙ୍କ ଯେଉଁ ଭାଷଣ ଥିଲା ସେ ତାହା ମହିଳାମାନଙ୍କର ଟେଂଟ୍‌ରେ ରହି ଶୁଣିଛନ୍ତି । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସମସ୍ତ ଅତିଥିମାନଙ୍କ ନିମନ୍ତେ ଭାଷଣ ଦେବାପାଇଁ ଗଲେ । ତେଣୁ ତାଙ୍କୁ ପୁରୁଷମାନଙ୍କ ହଲ୍ ଭିତରକୁ ପଠାଗଲା । ଏଥିରେ ସେ କହୁଛନ୍ତି କି ମୁଁ ଲଜ୍‌ନା ମାନଙ୍କ ନିମନ୍ତେ ଥିବା ଟେଂଟ୍ ଭିତରେ ବହୁତ ଖୁସିରେ ଥିଲି । ମୋତେ ପୁଣି ଲଜ୍‌ନାଙ୍କ ଟେଂଟ୍ ଭିତରେ ଛାଡିବା ପାଇଁ ବ୍ୟବସ୍ଥା କରିଦିଅ । ଜାମିଆ ଭିଜିଟ୍ କରିବା ସମୟରେ ସେ ବହୁତ ଆଗ୍ରହର ସହିତ ଲାଇବ୍ରେରିକୁ ଦେଖିଲେ ଓ ଇସ୍‌ଲାମ୍‌ର ମୂଳ ପୁସ୍ତକ ଗୁଡିକ ଦେଖିଲେ ଓ ବାହାରେ ଆସି କହିଲେ କି ପ୍ରତ୍ୟେକ ଆୟତ ଉପଯୁକ୍ତ ସ୍ଥାନରେ ସଠିକ୍ ଅବସ୍ଥାରେ ରହିଛନ୍ତି । ତତ୍‌ସହିତ ଜାମିଆର ଅଟ୍ଟାଳିକା ଉପରେ ଲେଖାଯାଇଥିବା ଆୟତ ଗୁଡିକ ପ୍ରତି ଇସାରା କଲେ । ଲେଖାଥିଲା *ୱ ଅଶ୍‌ରକତିଲ୍ ଅରଜୁ ବିନୁରି ରବ୍‌ବିହା* ଅର୍ଥାତ୍ ଦେଖନ୍ତୁ ଏହି ଆୟତ ଗୁଡିକ କିପରି ବିଲ୍‌କୁଲ୍ ସଠିକ୍ ସ୍ଥାନରେ ଲେଖାହୋଇଛି । ସାକ୍ଷାତ୍‌କାର୍ କରିବା ପରେ କହିଲେ ଏବେ ଆହୁରି ତୃଷ୍ଣା ବାକି ରହିଛି ମୁଁ ଆହୁରି ମଧ୍ୟ ବହୁତ କିଛି କହିବାକୁ ଚାହୁଁଥିଲି ।

ମୁବଲିଗ୍ ସିଲ୍‌ସିଲା ଲେଖୁଛନ୍ତି କି ରାସ୍ତାତମାମ୍ ତାଙ୍କ ସ୍ତ୍ରୀଙ୍କ ଠାରୁ ସେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ କିପରି ସାକ୍ଷାତ୍ କରିବାର କାଇଦା ଶିଖୁଥିଲେ ଓ ଚିନ୍ତା କରୁଥିଲେ କି ଜଲ୍‌ସା ବିଷୟରେ କଣ କଥା କହିବେ । ଏବେଠାରୁ ଆସନ୍ତା ବର୍ଷ ପାଇଁ ପ୍ରୋଗ୍ରାମ୍ ପ୍ରସ୍ତୁତ କରୁଥିଲେ କି ନିଜ ଭଉଣୀ ଏବଂ ପୁଅକୁ ମଧ୍ୟ ନେଇକରି ଆସିବେ ।

କ୍ରୋରୋସିଆରୁ ଆସିଥିବା ଆଉଜଣେ ଅତିଥି ଆଦମ୍ ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି ବର୍ଣ୍ଣନା କରୁଛନ୍ତି କି ଏ ଦୁଇଟି ଜଲ୍‌ସା ଅର୍ଥାତ୍ ୟୁ.କେ ଏବଂ ଜର୍ମାନୀ ଜଲ୍‌ସା ଏହା ଦୁଇଗୋଟି ଭିନ୍ନ ଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି ଓ ଭିନ୍ନ ଭିନ୍ନ ବ୍ୟବସ୍ଥାକୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି କି କେଡେ ସୁନ୍ଦର ଶୈଳୀରେ କର୍ମୀମାନେ ଏହି ଜଲ୍‌ସାସାଲାନାକୁ ଅନୁଷ୍ଠିତ କରୁଛନ୍ତି । ଏମାନଙ୍କ ବ୍ୟବସ୍ଥାକୁ ଦେଖି ମୋ ଭିତରେ ଏ ଉତ୍ସାହ ସୃଷ୍ଟି ହୋଇଛି କି ମୁଁ ମଧ୍ୟ ଜମାତ୍‌ର କାମ ଗୁଡିକରେ ବଢ଼ିଚଢ଼ି କରି ଭାଗ ନେବି । ବିଶେଷ ରୂପେ ଛୋଟ ଛୋଟ ପିଲାମାନେ ପାଣି ବାଂଟିବାର ଯେଉଁ ଡ୍ୟୁଟି କରୁଛନ୍ତି ତାହା ଦେଖି ସେ ବହୁତ ଆନନ୍ଦିତ ହେଲେ କି ଏହି ଛୋଟ ପିଲାମାନେ ଏତେ କମ୍ ବୟସରେ କେଡେ ନିଷ୍ଠାର ସହିତ କାର୍ଯ୍ୟ କରୁଛନ୍ତି ।

ଆଦମ୍ ସାହେବ୍‌ଙ୍କ ସ୍ତ୍ରୀ ନାସେହା ସାହିବା ମଧ୍ୟ ଏ ଜଲ୍‌ସାରେ ଯୋଗ ଦେଇଥିଲେ । ସେ କହୁଛନ୍ତି – ଏହା ମୋର ଷଷ୍ଠତମ ଜଲ୍‌ସା ଥିଲା । ସାରା ପୃଥିବୀରୁ ଆସିଥିବା ଅହେମଦୀ ମାନଙ୍କ ସହିତ ମିଶି ବହୁତ କିଛି ଶିଖିବାର ଅବସର ମିଳିଥାଏ । ଏ ଜଲ୍‌ସା ନିଶ୍ଚିତ ରୂପେ ଇସ୍‌ଲାମୀୟ ଶିକ୍ଷାକୁ ସୁନ୍ଦର ରୂପେ ଉପସ୍ଥାପନ କରିଥାଏ ଓ ଇସ୍‌ଲାମ୍‌ର ଏପରି ରୂପକୁ ଦର୍ଶାଉଛି ଯେ ଯଦି ଇସ୍‌ଲାମୀୟ ଶିକ୍ଷା ଉପରେ ଅମଳ କରାଯାଏ ତେବେ କି ପ୍ରକାରର ମନୋଭାବ ସୃଷ୍ଟି ହୋଇଥାଏ ଓ କିପରି ଅବସ୍ଥା ସୃଷ୍ଟି ହୋଇଥାଏ ।

କ୍ରୋରୋସିଆରୁ ମଶଲ୍ ସାହେବ୍ ମଧ୍ୟ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ହେଉଛନ୍ତି ଜଣେ ଗଏର୍ ଅହେମଦୀ ବନ୍ଧୁ ଓ ଜଲ୍‌ସାରେ ଜଣେ ଅନୁବାଦକ ରୂପେ ଡ୍ୟୁଟି ଦେଉଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଛନ୍ତି ଜଲ୍‌ସାର ବ୍ୟବସ୍ଥାକୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି କି କେଡେ ସୁନ୍ଦର ଶୈଳୀରେ ଅହେମଦୀ କାର୍‌କୁନ୍‌ମାନେ ଜଲ୍‌ସାସାଲାନାର କାର୍ଯ୍ୟଗୁଡିକୁ ସମ୍ପାଦନ କରୁଛନ୍ତି । ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଦେଖି ସେ ବହୁତ ଖୁସି ମଧ୍ୟ ହେଲେ ।

ହଙ୍ଗେରୀ ଏବଂ କ୍ରୋରୋସିଆର ୱଫଦ୍‌ର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଏହି ସାକ୍ଷାତ୍‌କାର ୮:୨୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଦୁଇ ଦେଶର ୱଫଦ୍‌ମାନେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଫ୍ୟାମିଲି ସାକ୍ଷାତ୍‌କାର୍**

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫତର୍‌ରେ ପହଂଚିଲେ ଯେଉଁଠି ତିନୋଟି ଫ୍ୟାମିଲି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ ।

ସାକ୍ଷାତ୍‌କାର୍ କରିବାକୁ ଆସିଥିବା ମଧ୍ୟରେ ଅଜର୍ ବାଇଜାନ୍ ଦେଶରୁ ଜଣେ ନୌମୁବାଏ ଅଏତାଜ୍ ଆଜାମାଦୁଆ ସାହିବା ମଧ୍ୟ ସାମିଲ୍ ଥିଲେ । ସେ ପଛବର୍ଷ ଡିସେମ୍ବର୍ ୨୦୧୭ରେ ବୟତ୍ କରିଛନ୍ତି । ସେ ବର୍ଣ୍ଣନା କରୁଛନ୍ତି କି ମୁଁ ଯେତେବେଳେ ହଜୁର୍ ଅନୁଓ୍ୱର୍‌ଙ୍କର ପ୍ରଥମ ଦିନର ଖୁତ୍‌ବାଜୁମ୍ମା ଶୁଣିଲି ଯେଉଁଥିରେ ହଜୁର୍ ଅନୁଓ୍ୱର୍ କିଛି କମି (ଦୋଷତୃଟି) ବିଷୟରେ ଚର୍ଚ୍ଚା କରି ତର୍‌ବିୟତ୍ ପ୍ରସଙ୍ଗରେ କିଛି ଉପଦେଶ ଦେଇଥିଲେ ସେତେବେଳେ ମୋତେ ଲାଗିଲା କି ବୋଧ ହୁଏ ତର୍‌ବିୟତ୍ ସମ୍ବନ୍ଧିତ ଏପରି କିଛି ଭଲ କଥା ଦେଖିବାକୁ ମିଳିବ ନାହିଁ । କିନ୍ତୁ ଏକଥା ମୋ ମନ ଭିତରେ ହିଁ ରହିଗଲା । କାରଣ ଜଲ୍‌ସାର ଶେଷ ପର୍ଯ୍ୟନ୍ତ ମୋତେ ଏପରି ଅନୁଭବ ହେଉଥିଲା କି ପ୍ରତ୍ୟେକ ବ୍ୟକ୍ତି ହଜୁର୍‌ଙ୍କ ଉପଦେଶ ଉପରେ ସତ ପ୍ରତିଶତ ପରିଚାଳିତ ହେଉଥିଲେ । ଏତେ ସଂଖ୍ୟାରେ ଲୋକମାନେ ଖାଦ୍ୟ ଖାଇବା ଏବଂ ପୁଣି ସଠିକ୍ ସମୟରେ ଖାଦ୍ୟ ମିଳିବା, ଏଥିରେ କୌଣସି ପ୍ରକାର ଧକାପେଲା ନଥିଲା କିଛି ଅଣଜମାତୀୟ ଲୋକ ମଧ୍ୟ ଏପରି ଶୃଙ୍ଖଳା ବ୍ୟବସ୍ଥା ଦ୍ୱାରା ବହୁତ ପ୍ରଭାବିତ ଥିଲେ । ପ୍ରିୟ ହଜୁର୍‌ଙ୍କ ଭାଷଣ ଗୁଡିକ ମୋ ପାଇଁ ମାର୍ଗଦର୍ଶକ ଥିଲା । ମୁଁ ଦୃଢ଼ ବିଶ୍ୱାସର ସହିତ କହିପାରେ କି ଯେ କେହି ବୁଦ୍ଧିମାନ୍ ବ୍ୟକ୍ତି ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣକୁ ଶୁଣିବ ସେ ନିଶ୍ଚିତ ରୂପେ ଇସ୍‌ଲାମ୍‌ର ସୁଗୁଣକୁ ସ୍ୱୀକାର କରିନେବ । ଆଧ୍ୟାତ୍ମିକ ଅନୁଭୁତି କରୁଥିବା ଲୋକମାନେ ଓ ସେଥିରେ ଉନ୍ନତି କରିବା ପାଇଁ ଚାହୁଁଥିବା ଲୋକମାନଙ୍କ ନିମନ୍ତେ ଜଲ୍‌ସାସାଲାନା ହେଉଛି ଗୋଟିଏ ଆଦର୍ଶ ଇଭେଂଟ୍ । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ଚେହେରାରେ ଓ ଚେହେରାର ଚତୁଃପାର୍ଶ୍ୱରେ ନୁର୍ ହିଁ ନୁର୍ (ଜ୍ୟୋତି) ଦେଖିବାକୁ ପାଇଲି ।

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ରେ ଥିବା ପୁରୁଷ ମାନଙ୍କ ହଲ୍‌ରେ ପଦାର୍ପଣ କଲେ, ଯେଉଁଠି ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା ।

**ତକ୍‌ରିବେ ଆମିନ୍**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିମ୍ନଲିଖିତ ୩୩ଜଣ ଛୋଟ ଛୋଟ ପୁଅଝିଅଙ୍କ ଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜମ୍ ରାଣା ଜାହିଜ୍ ଅହେମଦ୍, ମୁବଶିର୍ ଅହେମଦ୍ ଶାବିଲ୍, ଫର୍‌ହାନ୍ ଅହେମଦ୍ କମର୍, ଅସ୍‌ମିର୍ ଅହେମଦ୍ ଖାନ୍, ଅହେମଦ୍ ସଫ୍‌ୱାନ୍, ଇବ୍ରାହିମ୍ ସରୋୟା, ମଶ୍‌ହୁଦ୍ ଫାରାନ୍ ଶାହିଦ୍, ଖାଲିକ୍ ଅହେମଦ୍, ଅବ୍‌ଦୁଲ୍ ଅହଦ୍, ସାହିଲ୍ ଇକ୍‌ବାଲ୍, ମୋହିଦ୍ ଅହେମଦ୍, ଜିବ୍‌ରିଲ୍ ୱହିଦ୍ ରାଣା, ଆମିର୍ ଅହେମଦ୍, ଦାନିଆଲ୍ ସବ୍‌ତିନ୍ ଅହେମଦ୍, ଶାୟାନ୍ ଅହେମଦ୍, ମସ୍‌ରୁର୍ କାଶିଫ୍, ନାଇଲ୍ ରେହ୍‌ମାନ୍ ପାଶା, ମିର୍ଜା ମାମୁନ୍ ଅହେମଦ୍, ଜିଶାନ୍ ଅଲି ସଧନ୍, ତୌହିଦ୍ ଅହେମଦ୍ ।

ଅଜିଜା ଅଲିଶା ମୁନଓ୍ୱର୍ ସରୋୟା, ଆମିରା ମଲକ୍, ଫରିହା ମନଓ୍ୱର୍, ଅବିରା ସିଦ୍ଦିକ୍ ତେହ୍‌ରିନ୍ ତାହିର୍ ଅରୁସା ନଇମ୍ ଜୁରୈଶ୍, ସୁମ୍ବୁଲ୍ ଅହେମଦ୍, ତାଶ୍‌ଫା ମହକ୍ ରିଜୁଆନ୍, ଅନାବିୟା ଅହେମଦ୍, ଲିନ୍‌ତା ଅହେମଦ୍, ଅର୍‌ମାନ୍ ଖାନ୍, ମନାହିଲ୍ ଅହେମଦ୍ ।

ତକ୍‌ରିବେ ଆମିନ୍ ପରେ ହଜୁର୍ ଅନୁଓ୍ୱର୍ ନମାଜ ମଗ୍‌ରିବ୍ ଏବଂ ଇସା ଜମାକରି ପଢ଼ାଇଲେ । ଏହାପରେ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ । (ବହଓ୍ୱାଲା ଅଖ୍‌ବାର୍ ବଦର୍ ୧ ନଭେମ୍ବର୍ ୨୦୧୮)

------------------------

**୧୧ ନଭେମ୍ବର୍ ୨୦୧୮ (ମଙ୍ଗଳବାର)**

ତେଣୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୫:୫୦ରେ ମସ୍‌ଜିଦ୍‌ରେ ପହଂଚି ଫଜର୍ ନମାଜ୍ ପଢ଼ାଇଲେ । ନମାଜ ପରେ ହଜୁର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳବେଳା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବିଭିନ୍ନ ଦେଶରୁ ପହଂଚୁଥିବା ଚିଠିପତ୍ର ରିପୋର୍ଟ୍‌ସ୍ ଇତ୍ୟାଦିକୁ ତଦାରଖ କଲେ ଏବଂ ସେଥିରେ ରିମାର୍କ୍‌ସ୍ ଦେଲେ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଟ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।**

## ଫ୍ୟାମିଲି ସାକ୍ଷାତ୍କାର୍

ପ୍ରୋଗ୍ରାମ୍ ମୁତାବକ ଠିକ୍ ୧୦:୩୦ ସମୟରେ ହଜୁର୍ ଅନ୍ୱୁର୍ ଅ:ବ:ଅ ଦଫ୍ତରରେ ପହଂଚିଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତ୍କାର୍ ଆରମ୍ଭ ହେଲା । ଆଜି ସକାଳର ଏହି ପ୍ରୋଗ୍ରାମ୍ର ୪୧ଟି ଫ୍ୟାମିଲିର ୧୩୩ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଜର୍ମାନୀର ୧୫ଟି ଜମାତ୍ରୁ ଏହି ଫ୍ୟାମିଲି ଗୁଡିକ ଓ ଲୋକମାନେ ସାକ୍ଷାତ୍ କରିବା ପାଇଁ ଏଠାରେ ପହଂଚିଥିଲେ । ଏହି ୪୧ଟି ଫ୍ୟାମିଲି ମଧ୍ୟରୁ ୨୩ଟି ଫ୍ୟାମିଲି ଏପରି ଥିଲେ ଯେଉଁମାନେ ନିମ୍ନଲିଖିତ ୧୩ଟି ଦେଶରୁ ଜଲ୍ସାସାଲାନା ଜର୍ମାନୀରେ ଯୋଗଦେବା ପାଇଁ ଆସି ଏଠାରେ ପହଂଚିଥିଲେ ଓ ଆଜି ସେମାନେ ସାକ୍ଷାତ୍ କରିବାର ସୌଭାଗ୍ୟ ପାଉଛନ୍ତି । ଅବୁଧାବି, ପାକିସ୍ତାନ୍, ନାଇଜେରିଆ, ବୁଲ୍ଗେରିଆ, ଲାଇବେରିଆ, ନାଇଜର୍, ଗାମ୍ବିଆ, ବୁର୍କିନାଫାସୋ, ୟୁ.ଏ.ଇ, ଟୋଗୋ, ତାନ୍ଜାନିଆ, କଙ୍ଗୋ କନ୍ସାସା ଏବଂ ତଜାକିସ୍ତାନ୍ ।

ଆଜି ସକାଳବେଳାର ଏହି ଶେସନ୍ରେ ନିମ୍ନଲିଖିତ ୧୦ଟି ଦେଶରୁ ଆସିଥିବା ୩୫ଜଣ ମୁବଲିଗ୍ ସାହାବାନ୍ ମଧ୍ୟ ନିଜ ପ୍ରିୟ ଆକାଙ୍କ ସହିତ ଜଣ ଜଣ କରି ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । କଙ୍ଗୋ ବ୍ରାଜାଭିଲ୍, ପାକିସ୍ତାନ୍, ନାଇଜେରିଆ, ଟୋଗୋ, ୟୁଗାଣ୍ଡା, ନାଇଜର୍, ୟୁକ୍ରେନ୍, କାନାଡା, ବେନିନ୍, କଜାକିସ୍ତାନ୍, ବୁଲଗେରିଆ, ରୁଷିଆ, ସିରିଆଲିଓନ୍, ମାଲି, ପର୍ତ୍ତୁଗାଲ୍, ତାନ୍ଜାନିଆ, ବୁର୍କିନାଫାସୋ, କର୍ଗେଜ୍ସ୍ଥାନ୍, ଘାନା ଏବଂ ମରସସ୍ ।

ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ୧୯ଜଣ ଲୋକ ମଧ୍ୟ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ଲୋକମାନଙ୍କର ତାଲୁକ୍ ବୁଲ୍ଗେରିଆ, ପାକିସ୍ତାନ୍, ସିନିଗାଲ୍, ସ୍ୱିଡେନ୍, ୟୁକ୍ରେନ୍, ମାଲି ଏବଂ ଫ୍ରାନ୍ସ ଦେଶ ସହିତ ଥିଲା । ଏହିପରି ମୋଟ ୧୮୭ଜଣ ବ୍ୟକ୍ତି ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସମସ୍ତ ଲୋକେ ଓ ଫ୍ୟାମିଲି ଗୁଡିକ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର୍ ଅନ୍ୱୁର୍ ବହୁତ ସ୍ନେହର ସହିତ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ଦେଲେ ଓ ଛୋଟ ବୟସର ପୁଅଝିଅଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍କାରର ଏହି ପ୍ରୋଗ୍ରାମ୍ ଦିନ ୧:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନ୍ୱୁର୍ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

## ତକ୍ରିବେ ଆମିନ୍

୨:୧୦ରେ ହଜୁର୍ ଅନ୍ୱୁର୍ ଅ:ବ:ଅ ମସ୍ଜିଦ୍ରେ ଥିବା ପୁରୁଷମାନଙ୍କ ହଲ୍ରେ ପଦାର୍ପଣ କଲେ ଏବଂ ପ୍ରୋଗ୍ରାମ୍ ମୁତାବକ ଆମିନ୍ର ତକ୍ରିବ୍ ଆରମ୍ଭ ହେଲା । ହଜୁର୍ ଅନ୍ୱୁର୍ ଅ:ବ:ଅ ନିମ୍ନଲିଖିତ ୩୦ଜଣ ପୁଅଝିଅଙ୍କଠାରୁ ପବିତ୍ର କୋରାନ୍ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜମ୍ ଅଦିଲ୍ ଅହେମଦ୍ ବଟ, ରସବ୍ ଅହେମଦ୍ ସିଆଲ୍, ଉମର୍ ଅହେମଦ୍ ନୁର୍, ମାହାଦୀ ରୁଶୁଦ୍, ଅତାଉଶ୍ ଶାଫି ରାଣା, ମଇଦ୍ ଅହେମଦ୍, ଦାନିଶ୍ ଅହେମଦ୍, ଅୟାନ୍ ଅହେମଦ୍ ଶାହ, ମଶହୁଦ୍ ଅହେମଦ୍, ନୋମାନ୍ ଉମର, ଇକାନ୍ ଅହେମଦ୍ ନୁର୍ ଖାଲିଦ୍, ଆୟାନ୍ ଅହେମଦ୍ ମଳୁକେ, ଲବ୍‌ବିକ୍ ଉମ୍ରାନ୍ କାହ୍ଲୁଁ, ସର୍ମଦ୍ ଅହସମ୍, ଶଇର୍ ଇର୍ଶାଦ୍, ଚୌଧୁରୀ ସବିହି ଅହେମଦ୍, ଶଜିଲ ଅହେମଦ୍, ଇକାନ୍ ଅହେମଦ୍ ଆଦିଲ୍, ଅଜିଜା ମନାଲ୍ ଅହେମଦ୍, ତମ୍ସିଲା ନଫିଇସ୍, ନୁରୁଲ୍ ଅଏନ୍ ରାଣା, ଫରିହା ଅଲି ପଗ୍ରାଥ୍, ମଲିହା ଏହ୍ଶାନ୍ ସୁଫିୟା ନଦୀମ୍, ଖୁରଦୁ ଜାନ୍, ହାନିଆ ସତ୍ୱତ୍ ରାଞ୍ଝା, ଜାଜ୍‌ବା ବଟ, ସମ୍ରିନ୍ ଅହେମଦ୍, ଇନାୟା ଅଲିଜା ନୱାଜ୍ ଏବଂ ସୌବିୟା ଅହେମଦ୍ ।

ଏହାପରେ ହଜୁର୍ ଅନ୍ୱୁର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

## ଫାଇନାନ୍ସ କମିଟି ଜର୍ମାନୀର ହଜୁର୍ ଅନ୍ୱୁର୍‌ଙ୍କ ସହିତ ମିଟିଂ

ପ୍ରୋଗ୍ରାମ୍ ମୁତାବକ ଠିକ୍ ୫:୩୦ରେ ହଜୁର୍ ଅନ୍ୱୁର୍ ଅ:ବ:ଅ ଦଫ୍ତରରେ ପହଂଚିଲେ । ଫାଇନାନ୍ସ କମିଟି ଜର୍ମାନୀର ହଜୁର୍ ଅନ୍ୱୁର୍ ଅ:ବ:ଅଙ୍କ ସହିତ ମିଟିଂ ଆରମ୍ଭ ହେଲା । ହଜୁର୍ ଅନ୍ୱୁର୍ ଅ:ବ:ଅ ସମସ୍ତ ଚାନ୍ଦାଗୁଡିକର ଆମଦାନୀ, ଖର୍ଚ୍ଚ, ରିଜର୍ଭ ଫଣ୍ଡ ଏବଂ ବିଭିନ୍ନ ଆର୍ଥିକ ବ୍ୟବସ୍ଥା ଓ ସେ ସମ୍ପର୍କୀୟ ମାମଲା ଏବଂ ମସ୍ଜିଦ୍ ନିର୍ମାଣ ପ୍ରସଙ୍ଗରେ ଖର୍ଚ୍ଚର ବିବରଣୀକୁ ନିରୀକ୍ଷଣ କଲେ ଓ କମିଟିର ସଦସ୍ୟମାନଙ୍କୁ ଭିନ୍ନଭିନ୍ନ ଇନ୍ତେଜାମି ହିଦାୟତ୍ ପ୍ରଦାନ କଲେ । ଏହି ମିଟିଂ ପାଖାପାଖି ଦେଢ଼ଘଂଟା ପର୍ଯ୍ୟନ୍ତ ଜାରି ରହିଲା ।

## ସାଉଟୋମେ ଦେଶର ପ୍ରଧାନମନ୍ତ୍ରୀଙ୍କ ଆଡ୍‌ଭାଇଜରଙ୍କର ହଜୁର୍ ଅନ୍ୱୁର୍‌ଙ୍କ ସହିତ ସାକ୍ଷାତ୍କାର୍

ଏହାପରେ ସାଉଟୋମେ ଦେଶରୁ ଆସିଥିବା ଅତିଥି Villuildiley Barocca ସାହେବ୍ ହଜୁର୍ ଅନ୍ୱୁର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେ ଦେଶର ପ୍ରଧାନମନ୍ତ୍ରୀଙ୍କ ପାର୍ଲିଆମେଂଟାରୀ ଆଫେୟାର୍ସ୍‌ର ଆଡ୍‌ଭାଇଜର୍ ଅଛନ୍ତି । ଅଲ୍ଲାଃଙ୍କ ଫଜଲ୍ରୁ ସେ ହେଉଛନ୍ତି ଜଣେ ଅହେମଦୀ । ସେ ହଜୁର୍‌ଙ୍କ ଗୋଚରରେ କହିଲେ କି ଜଣେ ଅହେମଦୀ ହୋଇଥିବାରୁ ମୁଁ କିପରି ନିଜ ଦେଶର ସେବା କରିବି ।

ଏଥିରେ ହଜୁର୍ ଅନ୍ୱୁର୍ ଅ:ବ:ଅ କହିଲେ- ଆଁ ହଜ୍ରତ୍ ସ:ଆ:ସଙ୍କର ନିର୍ଦ୍ଦେଶ ଅଛି । *ସୟଦୁଲ୍ କୌମେ ଖାଦେମୁହୁମ୍* ଏହାକୁ ସର୍ବଦା ନିଜ ମନରେ ରଖ ଓ ସେବା କର ଓ ଜମାତ୍ ଅହେମଦୀୟା ସହିତ ସମ୍ବନ୍ଧିତ ହେବାଯୋଗୁ ଆହୁରି ଭଲ ଲିଡର୍ ହୁଅ ଓ ନିଜ ଜାତିର ସେବା କର ।

ସେ ହଜୁର୍ ଅନ୍ୱୁର୍‌ଙ୍କ ପବିତ୍ର ହସ୍ତରେ ବୟତ୍ କରିବାର ସୌଭାଗ୍ୟ ମଧ୍ୟ ପାଇଛନ୍ତି । ସେ ଏକଥା ପ୍ରକାଶ କରି କହିଲେ କି ଆଜିମୋତେ ଏ ସୌଭାଗ୍ୟ ମିଳିଛି କି ବୟତ୍ କରିବା ସମୟରେ ହଜୁର୍ ଅନ୍ୱୁର୍‌ଙ୍କ ପବିତ୍ର ହାତତଳେ ମୋର ହାତ ଥିଲା । ଏହା ମୋ ପାଇଁ ବହୁତ ଭାବ ବିହ୍ୱଳର ଅବସର ଥିଲା । ଗୋଟିଏ ପଟେ ହଜୁର୍ ଅନ୍ୱୁର୍‌ଙ୍କ ହାତୁ ଛୁଇଁବାରେ ବହୁତ ସୌଭାଗ୍ୟ ମିଳୁଥିଲା ଓ ଅନ୍ୟପଟେ ମୁଁ ଅଲ୍ଲାଃତାଲାଙ୍କ ସହିତ ଗୋଟିଏ ପ୍ରତିଶ୍ରୁତି ବାନ୍ଧୁଥିଲି । ମୋତେ ଏପରି ଅନୁଭବ ହେଉଥିଲା କି ମୋ ଭିତରେ କିଛିଟା ମରିଯାଉଛି ଏବଂ ମୋର ଗୋଟିଏ ଛୋଟିଆ ମୃତ୍ୟୁ ହୋଇଛି । ଏହା କହି ସେ କାନ୍ଦି ପକାଇଲେ ।

ହଜୁର୍ ଅନ୍ୱୁର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାପରେ ସେ ନିଜର ଭାବନାକୁ ପରିପ୍ରକାଶ କରି କହୁଛନ୍ତି କି ମୋର କେଡେ ସୌଭାଗ୍ୟ ଯେ ହଜୁର୍ ମୋତେ ସମୟ ଦେଲେ ଓ ହଜୁର୍‌ଙ୍କ ନିକଟରେ ମୁଁ ସମୟ ବିତାଇଲି । ଯେବେ କି ମିଲିୟନ୍ ମିଲିୟନ୍ ସଂଖ୍ୟାରେ ଲୋକେ ଏପରି ଅଛନ୍ତି ଯେଉଁମାନେ ହଜୁର୍ ଅନ୍ୱୁର୍‌ଙ୍କର ଗୋଟିଏ ଝଲକ ଦେଖିବା ପାଇଁ ତରସୁଛନ୍ତି । ଏପରି ତ ମୁଁ ହଜୁର୍‌ଙ୍କ ସହିତ ପ୍ରଥମଥର ପାଇଁ ମିଶୁଥିଲି କିନ୍ତୁ ହଜୁରଙ୍କ ସ୍ନେହ ଯୋଗୁ ଏପରି ଅନୁଭବ ହେଉଥିଲା କି ଯେପରି ମୁଁ କୌଣସି ଅପରିଚିତ ବ୍ୟକ୍ତି ନୁହେଁ, ତାଙ୍କ ନିଜର ଅଟେ ଯିଏ ବହୁତ ଦିନ ପରେ ମୋ ସହିତ ମିଳୁଛନ୍ତି ଏବଂ ହଜୁର୍ ଏତେ ସ୍ନେହ ଓ ଏତେ ବିନମ୍ରତାର ସହିତ ମିଳୁଛନ୍ତି କି ଅନ୍ୟଲୋକଙ୍କ ପାଖରେ ଆପଣଙ୍କ ସହିତ ପ୍ରେମ ନକରିବାର କୌଣସି ଉପାୟ ନାହିଁ ।

ହଜୁର୍ ଅନ୍ୱୁର୍‌ଙ୍କ ପ୍ରତ୍ୟେକ ଶବ୍ଦରେ ଏତେ ଶିକ୍ଷଣୀୟ କଥା ଥିଲା କି ମଣିଷର ମନ ଚାହୁଁଛି ଯେ ସେ ନିଜେ କିଛି ନକହୁ କେବଳ ହଜୁର୍ ଅନ୍ୱୁର୍‌ଙ୍କ କଥା ଶୁଣିଚାଲୁ । ହଜୁର୍ ଅନ୍ୱୁର୍ ସର୍ବପ୍ରଥମେ ମୋତେ ପଚାରିଲେ କି କଣ ଆପଣ ସାଉଟୋମେ ଦେଶର ପ୍ରଧାନମନ୍ତ୍ରୀ ଅଛ କି? ଏଥିରେ ମୁଁ କହିଲି ନୁହେଁ, ମୁଁ ହେଉଛି ପ୍ରାଇମ୍‌ମିନିଷ୍ଟରଙ୍କ ଆଡ୍‌ଭାଇଜର୍ । ଏଥିରେ ହଜୁର୍ ବହୁତ ସ୍ନେହର ସହିତ କହିଲେ- ପୁଣି ଭବିଷ୍ୟତର ପ୍ରଧାନମନ୍ତ୍ରୀ ହେବ । ମୁଁ ଏହି ପୋଜିସନ୍ ବିଷୟରେ ଏହା ପୂର୍ବରୁ କେବେ ଭାବିନଥିଲି । ଏଥିରୁ ପ୍ରକାଶ ହେଉଛି କି ମୋ ନିକଟରୁ ହଜୁର୍‌ଙ୍କର ବହୁତ କିଛି ଆଶା ଅଛି ଯାହା ଉପରେ ସଠିକ୍ ରୂପେ ଅମଳ କରିବା ନିମନ୍ତେ ମୋତେ ବହୁତ କିଛି ପରିଶ୍ରମ କରିବାକୁ ହେବ ।

ହଜୁର୍ ଅନ୍ୱୁର୍ ଯେଉଁ କଥାଟି ମୋତେ କହିଛନ୍ତି କି ଆଁ ହଜ୍ରତ୍ ସ:ଆ:ସଙ୍କ ନିର୍ଦ୍ଦେଶ ଅଛି *ସୟଦୁଲ୍ କୌମେ ଖାଦିମୁହୁମ୍*, ଏହାକୁ କଦାପି ଭୁଲନାହିଁ ଓ ଏ କଥାକୁ ସଦାବେଳେ ଧରିରଖ । ମୋ ସାରା ଜୀବନର ଶିକ୍ଷା ଗୋଟିଏ ପଟେ ଓ ହଜୁର୍ ଅନ୍ୱୁର୍‌ଙ୍କର ଏହି ଉପଦେଶଟି ଗୋଟିଏପଟେ ଯାହା ସମସ୍ତ ଶିକ୍ଷା ଉପରେ ଭାରି ଅଟେ । ଅଲ୍ଲାଃତାଲା ମୋତେ ହଜୁର୍ ଅନ୍ୱୁର୍‌ଙ୍କ ନିର୍ଦ୍ଦେଶ ଉପରେ ପରିଚାଳିତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ ।

## ଫ୍ୟାମିଲି ସାକ୍ଷାତ୍କାର୍

ଏହାପରେ ପ୍ରୋଗ୍ରାମ ମୁତାବକ ଫ୍ୟାମିଲି ସାକ୍ଷାତ୍କାର୍ ଆରମ୍ଭ ହେଲା । ଆଜି ସନ୍ଧ୍ୟାର ଏହି ଶେସନ୍ରେ ଜର୍ମାନୀର ଭିନ୍ନ ଭିନ୍ନ ୨୭ଟି ଜମାତ୍ରୁ ୪୭ଟି ଫ୍ୟାମିଲିର ୧୬୩ ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ଏତଦ୍‌ଭିନ୍ନ ନିମ୍ନଲିଖିତ ୧୧ଟି ଦେଶରୁ ଆସିଥିବା ୧୪ଜଣ ଲୋକେ ମଧ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଲାଟ୍ଭିଆ, କତର, ପାକିସ୍ତାନ୍, ନର୍‌ୱେ, ଗାମ୍ବିଆ, ଇଣ୍ଡିଆ, ମାଲି, ଘାନା, କ୍ୟାମେରୁନ୍, ଦୁବାଇ ଏବଂ ଇଣ୍ଡୋନିଆ ।

ଜାମିଆ ଅହେମଦୀୟା ଜର୍ମାନୀର ଛାତ୍ରମାନେ ବର୍ଷ ଭିତରେ ବିଭିନ୍ନ ଛୁଟି ଦିନ ଗୁଡିକରେ ଲଣ୍ଡନ ଆସି ହଜୁର୍ ଅନ୍ୱୁର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଉଛନ୍ତି । କିନ୍ତୁ ଜାମିଆର ୨୫ଜଣ ଛାତ୍ର ଏପରି ଥିଲେ ଯେଉଁମାନେ ନିଜର ଇମିଗ୍ରେସନ୍ ଷ୍ଟାଟସ୍ ଯୋଗୁ ଲଣ୍ଡନ୍ ଯାତ୍ରା କରିପାରୁନଥିଲେ । ଆଜି ସେହିପରି ଏହି ୨୫ଣ ଛାତ୍ର ମଧ୍ୟ ପ୍ରିୟ ଆକାଙ୍କୁ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ ।

ଆଜି ସାକ୍ଷାତ୍ କରିଥିବା ସମସ୍ତ ସଦସ୍ୟ ଓ ଫ୍ୟାମିଲି ଗୁଡିକ ହଜୁର୍ ଅନ୍ୱୁର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ବହୁତ ସ୍ନେହର ସହିତ ହଜୁର୍ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ଦେଲେ ଓ ଛୋଟଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍କାରର ଏହି ପ୍ରୋଗ୍ରାମ୍ ୮:୫୦ରେ ଶେଷ ହେଲା ।

## ନମାଜ୍ ଯନାଜାଃ ହାଜିର୍

ଏହାପରେ ହଜୁର୍ ଅନ୍ୱୁର୍ ଅ:ବ:ଅ ମୋକରମ୍ ମୁନୀର୍ ଅହେମଦ୍ ବଟ୍ ସାହେବ୍ ମର୍‌ହୁମ୍‌ଙ୍କ ନମାଜ ଯନାଜାଃ ହାଜିର୍ ପଢ଼ାଇଲେ । ମର୍‌ହୁମ୍‌ଙ୍କର ଦେହାନ୍ତ ୧୦ ସେପ୍ଟେମ୍ବର୍ ୨୦୧୮ରେ ଆଫନ୍ ବାଖ ଜର୍ମାନୀଠାରେ ହେଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।* ସେ ମୁସି ଥିଲେ ଓ ଅମୀର୍ ଏବଂ ମୁବଲିଗ୍ ଇନ୍‌ଚାର୍ଯ୍ ନାଇଜେରିଆ ଜନାବ୍ ଶାକିର୍ ମୁସ୍‌ଲିମ୍ ସାହେବ୍‌ଙ୍କର ବାପା ଥିଲେ । ମୃତ୍ୟୁ ସମୟରେ ତାଙ୍କର ବୟସ ୭୫ଥିଲା । ସେ ଅତ୍ୟନ୍ତ ନିଷ୍ଠାବାନ୍ ଓ ଉତ୍ସର୍ଗୀୟ ଅହେମଦୀ ଥିଲେ । ତାଙ୍କ ପରେ ସେ ତାଙ୍କ ସ୍ତ୍ରୀଙ୍କ ବ୍ୟତୀତ ଛଅଜଣ ସନ୍ତାନ ସ୍ମୃତି ସ୍ୱରୂପ ଛାଡିଯାଇଛନ୍ତି ।

## ଏଲାନେ ନିକାହ୍ (ନିକାହ୍‌ର ଘୋଷଣା)

ନମାଜ୍ ଯନାଜାଃ ପରେ ହଜୁର୍ ଅନ୍ୱୁର୍ ଅ:ବ:ଅ ମସ୍ଜିଦ୍ରେ ଥିବା ପୁରୁଷଙ୍କ ହଲ୍ ଭିତରେ ପହଂଚି ମଗ୍ରିବ୍ ଓ ଇସା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ମୋକରମ୍ ସଦାକତ୍ ଅହେମଦ୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଯ୍ ଜର୍ମାନୀ ହଜୁର୍ ଅନ୍ୱୁର୍‌ଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପାଂଚଟି ନିକାହ୍‌ର ଘୋଷଣା କଲେ । ହଜୁର୍ ଅନ୍ୱୁର୍ ଅ:ବ:ଅ ବହୁତ ସ୍ନେହର ସହିତ ସେ ସମୟରେ ସେଠାରେ ବସି ରହିଲେ ।

(୧)ଅଜିଜା ଅନିଲା ସଦଫ ଚୌଧୁରୀ ସୁପୁତ୍ରି ମୋକରମ୍ ଜମିଲ୍ ଅହେମଦ୍ ଚୌଧୁରୀ ସାହେବ୍ (ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଅତାଉଲ୍ ମୁନ୍‌ଅମ୍ ଚୌଧୁରୀ ସୁପୁତ୍ର ମୋକରମ୍ ଇଫ୍‌ତେଖାର୍ ଅହେମଦ୍ ଚୌଧୁରୀ (ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା । (୨)ଅଜିଜା ସମା ଅକମଲ୍ ସୁପୁତ୍ରି ମୋକରମ୍ ମୁହମ୍ମଦ୍ ଅକମଲ୍ ଖାନ୍ ସାହେବ୍ (ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଆସିଫ୍ ଅନ୍ୱୁର୍ ସୁପୁତ୍ର ମୋକରମ୍ ଅବ୍‌ବାସ୍ ଅନ୍ୱୁର୍ ସାହେବ୍ ଜର୍ମାନୀଙ୍କ ସହିତ ନିର୍ଦ୍ଧାରଣ କରାଗଲା । (୩)ଅଜିଜା କାଏନାତ୍ ମେହ୍‌ମୁଦ୍ ଅଏୱାନ୍ ସୁପୁତ୍ରି ମୋକରମ୍ ଖାଲିଦ୍ ମେହ୍‌ମୁଦ୍ ଅଏୱାନ୍ ଜର୍ମାନୀଙ୍କ ନିକାହ୍ ଅଜିଜମ୍ କାମ୍ରାନ୍ ନାସିର୍ ଅଶ୍‌ରଫ୍ ସୁପୁତ୍ର ମୋକରମ୍ ମୁହମ୍ମଦ୍ ଅଶରଫ୍ ଜର୍ମାନୀଙ୍କ ସହିତ ଧାର୍ଯ୍ୟ ହେଲା । (୪)ଅଜିଜା ମାହିମ୍ ଏହ୍‌ଜାଜ୍ ସୁପୁତ୍ରି ମୋକରମ୍ ମୁହମ୍ମଦ୍ ଏଜାଜ୍ ସାହେବ୍ ଜର୍ମାନୀଙ୍କର ନିକାହ୍ ଅଜିଜମ୍ ମୁବାରକ୍ ଡୋଗର୍ ସୁପୁତ୍ର ମୋକରମ୍ ମଜିଦ୍ ଅହେମଦ୍ ଡୋଗର୍ ସାହେବ୍ ଜର୍ମାନୀଙ୍କ ସହିତ ଧାର୍ଯ୍ୟ ହେଲା । (୫)ଅଜିଜା ସବାଉଲ୍ଲାଃ ସୁପୁତ୍ରି ମୋକରମ୍ ଅମାନୁଲ୍ଲାଃ ସାହେବ୍ ଜର୍ମାନୀଙ୍କର ନିକାହ୍ ଅଜିଜମ୍ Jonas Glanz ସୁପୁତ୍ର ମୋକରମ୍ Anderas Glanz ସାହେବ୍‌ଙ୍କ ସହିତ ଧାର୍ଯ୍ୟ ହେଲା । ନିକାହ୍ ଘୋଷଣା ପରେ ହଜୁର୍ ଅନ୍ୱୁର୍ ଦୁଆ କରାଇଲେ । ଏହାପରେ ହଜୁର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

(କ୍ରମଶଃ)

(ବହଓ୍ୱାଲା ଅଖବାର୍ ବଦର୍ ୮ ନଭେମ୍ବର୍ ୨୦୧୮)

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

*The Weekly Qadian* **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2017-2019 Vol.3 Thursday 29 November 2018 Issue No.48**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ସେପ୍ଟେମ୍ବର ୨୦୧୮)

**୧୦ ସେପ୍ଟେମ୍ବର ୨୦୧୮ (ସୋମବାର)**
**(ରିପୋର୍ଟ୍‌ର ବଳକା ଅଂଶ)**

**ଗାମ୍ବିୟାରୁ ଆସିଥିବା ୱଫଦ୍‌ର ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍ ।**

ଏହାପରେ ଗାମ୍ବିୟା ଦେଶରୁ ଆସିଥିବା ୱଫଦ୍ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଗାମ୍ବିୟାରୁ ଏ ବର୍ଷ ୪୦ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଜର୍ମାନୀ ଜଲ୍‌ସାରେ ସାମିଲ୍ ହୋଇଥିଲା ।

ସର୍ବପ୍ରଥମେ ୱଫଦ୍‌ର ସଦସ୍ୟମାନେ ଜଣ ଜଣ କରି ନିଜର ପରିଚୟ ପ୍ରଦାନ କଲେ । ହଜୁର୍ ଅନୁୱର୍‌ଙ୍କ ପଚାରିବାରେ ୱଫଦ୍‌ର ସଦସ୍ୟମାନେ ବତାଇଲେ କି ଜଲ୍‌ସା ସାଲାନା ଜର୍ମାନୀ ବହୁତ ଭଲ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ବ୍ୟବସ୍ଥା ଅତି ଉତମ ଓ ସୁସଂଗଠିତ ଥିଲା ।

ଅଫିସର୍ ସାହେବ୍ ଜଲ୍‌ସାସାଲାନା ଗାମ୍ବିୟା ମଧ୍ୟ ୱଫଦ୍‌ରେ ସାମିଲ୍ ଥିଲେ । ସେ କହିଲେ କି ଜଲ୍‌ସାର ଇନ୍ତେଜାମ୍ ପ୍ରସଙ୍ଗରେ ମୁଁ ଏଠାରୁ ବହୁତ କିଛି ଶିଖିବାକୁ ପାଇଲି । ଏହା ପୂର୍ବରୁ ମୁଁ ଦୁଇଥର ୟୁ.କେ ଜଲ୍‌ସାରେ ସାମିଲ୍ ହୋଇଛି ।

ୱଫଦ୍‌ର ମେମ୍ବର୍‌ମାନେ କହିଲେ କି ଆମେ ଏ ଚେଷ୍ଟା କରୁଅଛୁ କି ଗାମ୍ବିୟା ପ୍ରଥମ ଅହେମଦୀ ଦେଶ ହୋଇଯାଉ ।

ଗାମ୍ବିୟାରୁ ଶିକ୍ଷାର୍ଥୀମାନେ ଜାମିଆତୁଲ୍ ମୁବଶିରିନ୍‌ରେ ପଢ଼ିବା ପାଇଁ ଘାନା ଯାଉଛନ୍ତି । ନାଏବ୍ ଅମୀର୍ ସାହେବ୍ ଗାମ୍ବିୟା କହିଲେ କି ଆମ ଛାତ୍ରମାନଙ୍କୁ ମଧ୍ୟ ''ଶାହିଦ୍'' କରିବା ଉଚିତ୍ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ସେଥିପାଇଁ ଇଂଟର୍ ନ୍ୟାସ୍‌ନାଲ୍ ଜାମିଆ ଘାନାରେ ନାମ ଲେଖାନ୍ତୁ । ଜାମିଆତୁଲ୍ ମୁବଶିରିନ୍‌ରେ ତିନିବର୍ଷ ପଢ଼ିବା ପରେ ଯେଉଁ ବୁଦ୍ଧିମାନ୍ ଛାତ୍ରମାନେ ଅଛନ୍ତି ଏବଂ ସେମାନେ ପାଠପଢ଼ାରେ ମଧ୍ୟ ଉତମ ଅଛନ୍ତି, ସେମାନେ ଇଂଟର୍ ନ୍ୟାସ୍‌ନାଲ୍ ଜାମିୟାରେ ପଢ଼ିପାରିବେ ।

ଗାମ୍ବିୟାର ଏହି ପ୍ରତିନିଧି ମଣ୍ଡଳଙ୍କ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ହୋଇଥିବା ସାକ୍ଷାତ୍‌କାର୍ ୭ଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ୱଫଦ୍‌ର ମେମ୍ବର୍‌ମାନେ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ମାସିଡୋନିଆ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳର ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ପ୍ରୋଗ୍ରାମ୍ ମୁତାବକ ମାସିଡୋନିଆରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ମାସିଡୋନିଆରୁ ଏବର୍ଷ ୮୩ଜଣ ଜଲ୍‌ସାରେ ସାମିଲ୍ ହୋଇଥିଲେ । ୫୦ଜଣ ଲୋକ ଗୋଟିଏ ବସ୍ ଜରିଆରେ ୨୦୦୦କି.ମିର ଯାତ୍ରାକୁ ୩୪ଘଂଟାରେ ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ଯେବେକି ବାକି ସଦସ୍ୟମାନେ ଅନ୍ୟାନ୍ୟ ଯାତ୍ରାର ମାଧ୍ୟମକୁ ବ୍ୟବହାର କରି ଏଠାରେ ଆସି ପହଂଚିଥିଲେ । ସେମାନଙ୍କ ମଧ୍ୟରୁ ୨୧ଜଣ ହେଉଛନ୍ତି ଅହେମଦୀ, ୨୯ଜଣ ଅଣ ଅହେମଦୀ ଏବଂ ୧୪ଜଣ ଇସାଇ ଥିଲେ । ସାମିଲ୍ ହୋଇଥିବା ଲୋକମାନଙ୍କ ମଧ୍ୟରେ ଗୋଟିଏ ବଡ ସହରର ମେୟର୍ ଏବଂ ୪ଗୋଟି ଟି.ଭି ଚ୍ୟାନେଲ୍‌ର ୬ଜଣ ସାମ୍ବାଦିକ ଏବଂ ଅନ୍ୟଲୋକ ମଧ୍ୟ ସାମିଲ୍ ଥିଲେ । ଟି.ଭି. ଚ୍ୟାନେଲ୍‌ର ସାମ୍ବାଦିକମାନେ ଜଲ୍‌ସାର ତିନିଦିନଯାକ ଜଲ୍‌ସାର ଦୃଶ୍ୟଗୁଡିକୁ ରେକର୍ଡିଂ କଲେ ତତ୍ ସହିତ ବିଭିନ୍ନ ଅତିଥି ମାନଙ୍କ ଠାରୁ ଇଂଟର୍‌ଭ୍ୟୁ ନେଲେ । ନିଜ ନିଜର ଟେଲିଭିଜନ୍‌ରେ ପ୍ରସାରଣ କରାଇବା ପାଇଁ ସେମାନେ ଡକ୍ୟୁମେଂଟାରୀ ପ୍ରସ୍ତୁତ କରିବେ ।

ଜଣେ ମହିଳା ସାମ୍ବାଦିକା କହିଲେ କି ସେ ଏଠାକୁ ପ୍ରଥମଥର ପାଇଁ ଆସିଛନ୍ତି । ଏ ଜଲ୍‌ସା ବହୁତ ଜବରଦସ୍ତ୍ ଜଲ୍‌ସା ଥିଲା । ଏଥିରେ ପ୍ରେମ, ସ୍ନେହ ଓ ଶାନ୍ତିର ଶିକ୍ଷା ଦିଆଯାଉଥିଲା । ମୁଁ ଏ ଜଲ୍‌ସାରେ କୌଣସି ପ୍ରକାରର ଦୋଷ ବା ତ୍ରୁଟି ଦେଖିବାକୁ ପାଇଲି ନାହିଁ । ପେଶା ଦୃଷ୍ଟିକୋଣରୁ ମୁଁ ହେଉଛି ଜଣେ ସାମ୍ବାଦିକା । ମୁଁ ଜଣେ ସାମ୍ବାଦିକ ହିସାବରେ କାମ କରିଛି । ପୁରୁଷ ଓ ମହିଳାମାନଙ୍କର ଇଂଟର୍‌ଭ୍ୟୁ ନେଇଛି । ବହୁତ ସନ୍ତୁଷ୍ଟ ହୋଇ ମୁଁ ଏଠାରୁ ଫେରିଯାଉଅଛି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆପଣ ତ ବହୁତ ଭଲ ସାମ୍ବାଦିକା ନଚେତ୍ ସାମ୍ବାଦିକ ମାନଙ୍କ ମଧ୍ୟରୁ ବହୁତ କମ୍ ସନ୍ତୁଷ୍ଟ ହୋଇଥାନ୍ତି ।

ଆଉଜଣେ ଅତିଥି ଯିଏ ହେଉଛନ୍ତି ଜଣେ ପ୍ରଫେସର୍ ସେ ମଧ୍ୟ ଏ ୱଫଦ୍‌ରେ ସାମିଲ୍ ଥିଲେ । ସେ କହିଲେ କି ମୁଁ ପ୍ରଥମଥର ଜର୍ମାନୀର ଏହି ଜଲ୍‌ସାରେ ସାମିଲ୍ ହୋଇଛି । ଏତେବଡ ଜଲ୍‌ସାରେ ଗୋଟିଏ ମିଲିମିଟର୍ ମଧ୍ୟ ନ୍ୟାୟ ଓ ସମାନତାରୁ ଦୂରେଇ ରହିବା ଦୃଷ୍ଟିଗୋଚର ହେଲାନାହିଁ । ଏ ଜମାତ୍ ସମ୍ପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ମାର୍ଗରେ ପରିଚାଳିତ । ମୋ ହୃଦୟ ଏହାକୁ ତସ୍‌ଦିକ୍ କରିଛି ଏବଂ ସାକ୍ଷୀ ଦେଉଅଛି କି ଏ ଜମାତ୍ ହେଉଛି ସଚ୍ଚା । ସେ ସମୟ କେବେ ଆସିବ ଯେବେ ଏ ଜମାତ୍ ସାରା ସଂସାରରେ ବ୍ୟାପିଯିବ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଜମାତ୍ ଅହେମଦୀୟା ହେଉଛି ଗୋଟିଏ ଧାର୍ମିକ ଜମାତ୍ ଓ ଧାର୍ମିକ ଜମାତ୍ ଧିରେ ଧିରେ ଉନ୍ନତି କରିଥାଏ । ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକେ ଏ ଜମାତ୍‌ରେ ସାମିଲ୍ ହେଉଛନ୍ତି । ଏବର୍ଷ ଛଅ ଲକ୍ଷରୁ ଅଧିକା ଲୋକେ ଏ ଜମାତ୍‌ରେ ସାମିଲ୍ ହୋଇଛନ୍ତି । ଇନ୍‌ଶାଅଲ୍ଲାଃ ଏପରି ଏକ ସମୟ ଆସିବ ଯେତେବେଳେ ଏ ଜମାତ୍ ସାରା ପୃଥିବୀରେ ବ୍ୟାପିଯିବ ଓ ଜମାତ୍‌ର ଗଲ୍‌ବା ହେବ । ଇସାଇୟତ୍‌କୁ ତିନିଶହ ବର୍ଷ ସମୟ ଲାଗିଥିଲା । ତାପରେ ଯାଇ ଏ ପୃଥିବୀରେ ତାକୁ ଜାଣିପାରିଲେ । ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ କହିଛନ୍ତି କି ତିନିଶହ ବର୍ଷ ବିତି ନଥିବ କି ଏ ଜମାତ୍‌କୁ ମାନିବା ଲୋକେ ବହୁ ମାତ୍ରାରେ ହୋଇଯିବେ ଓ ପୃଥିବୀର ଅଧିକାଂଶ ଭାଗରେ ଅହେମଦୀ ମାନଙ୍କର ବହୁଳତା ହେବ । ଆମକୁ କୌଣସି ପ୍ରକାରର ନିରାଶା ନାହିଁ । ଧାର୍ମିକ ଜମାତ୍ ଗୁଡିକୁ, ପିଢ଼ୀଙ୍କୁ କୁର୍ବାନୀ ଦେବାକୁ ପଡ଼ିଥାଏ ।

ଆଉଜଣେ ଝିଅ କହିଲେ କି ମୋର ବିବାହ ଜଣେ ପାକିସ୍ତାନୀ ଅହେମଦୀଙ୍କ ସହିତ ହୋଇଛି । ମୁଁ ପ୍ରଥମେ ମେଡିକାଲ୍‌ର ଶିକ୍ଷା ହାସଲ କରିଥିଲି । ବର୍ତମାନ ମୋ ପାଇଁ ଅବସର ଅଛି କି ମୁଁ Midwife ର କାର୍ଯ୍ୟ କରିପାରିବି ବା ଆଇଶା ଏକାଡେମୀରେ କାମ କରିବି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି Midwife ର କାମ କରନ୍ତୁ ଏବଂ ତତ୍‌ସହିତ ଦୀନ୍‌ର ଶିକ୍ଷା ମଧ୍ୟ ହାସଲ କରିଚାଲନ୍ତୁ ।

ଆଉଜଣେ ଅତିଥି କହିଲେ କି ମୁଁ ହଜୁର୍ ଅନୁୱର୍‌ଙ୍କ ଗୋଚରେ ସଲାମ୍ ପ୍ରେରଣ କରୁଛି । ଏ ଜଲ୍‌ସାରେ ସାମିଲ୍ ହୋଇ ମୋତେ ବହୁତ ଖୁସି ଲାଗିଲା । ମୁଁ ଏହି କନ୍‌ଫରେନ୍‌ସ୍‌ରେ ସାମିଲ୍ ହେବା ପୂର୍ବରୁ ଅହେମଦୀ ମୁସଲ୍‌ମାନ୍‌ଙ୍କ ବିରୋଧରେ ପଢ଼ିଥିଲି । ଏଠାକୁ ଆସି ମୋତେ ସବୁକିଛି ଜାଣିବାକୁ ମିଳିଲା କି ସେହି ସବୁ କଥା ଭୁଲ୍ ଥିଲା । ଜମାତ୍ ଅହେମଦୀୟା ହିଁ ସଠିକ୍ ଇସ୍‌ଲାମୀୟ ଶିକ୍ଷା ଉପରେ ପରିଚାଳିତ । ମୁଁ ଏଠାରେ ଇସ୍‌ଲାମ୍‌ର ଗୋଟିଏ ପବିତ୍ର ଚେହେରାକୁ ଦେଖିବାକୁ ପାଇଲି । ତିନିଶହ ବର୍ଷ ନୁହେଁ ବରଂ ତା ଠାରୁ ବହୁ ପୂର୍ବେ ଜମାତ୍ ଅହେମଦୀୟା ଏ ପୃଥିବୀରେ ଗଲ୍‌ବା ହାସଲ୍ କରିବ ଏବଂ ଇସ୍‌ଲାମ୍‌ର ନେତୃତ୍ୱ ନେବ ।

ଆଉଜଣେ ଅତିଥି ପଚାରିଲେ ଯେଉଁ ମୁସଲ୍‌ମାନ୍‌ମାନେ ଓ ଇସାଇମାନେ ଆମ ଜମାତ୍ ସହିତ ଭଲ ବ୍ୟବହାର କରୁନାହାଁନ୍ତି । ତେବେ ମରିବା ପରେ ତାଙ୍କ ସହିତ କିପରି ବ୍ୟବହାର କରାଯିବ ? ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଏହା ହେଉଛି ଖୁଦାତାଲାଙ୍କର ମାମଲା କି ସେ ସେମାନଙ୍କ ସହିତ କିପରି ବ୍ୟବହାର କରିବ ।

ଏହି ଜଲ୍‌ସାରେ ତିନିଜଣ ମୁସଲ୍‌ମାନ୍ ପ୍ରଫେସର୍ ମଧ୍ୟ ସାମିଲ୍ ହୋଇଥିଲେ ଯେଉଁମାନେ ଆପୋଷରେ ବନ୍ଧୁ ଅଟନ୍ତି । ସେମାନଙ୍କ ମଧ୍ୟରୁ ଜଣେ ପ୍ରଫେସର୍ ଯିଏ ହେଉଛନ୍ତି ଆଇ.ଟିର ପ୍ରଫେସର୍ ଓ ତାଙ୍କର ନାମ ହେଉଛି Djeladini Etem ସେ ନିଜର ମନୋଭାବକୁ ବର୍ଣ୍ଣନା କରି ଲେଖୁଛନ୍ତି:- ମୁଁ ଜଲ୍‌ସାସାଲାନାର ଇନ୍ତେଜାମିୟା ଏବଂ ମକ୍‌ଦୁନିଆରେ ଥିବା ସ୍ଥାନୀୟ ଅହେମଦୀ ମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ଯାହାଙ୍କ ନିମନ୍ତ୍ରଣରେ ମୁଁ ଏ ଜଲ୍‌ସାରେ ସାମିଲ୍ ହୋଇପାରିଲି । ଏଠାରୁ ସଠିକ୍ ଇସ୍‌ଲାମୀୟ ଶିକ୍ଷାର ପରିପ୍ରକାଶ ହେଉଥିଲା । ଯଦିଚ ଏହା ପୂର୍ବରୁ ମୁଁ ଜମାତ୍ ଅହେମଦୀୟା ଓ ତାଙ୍କ ଖଲିଫାଙ୍କ ସମ୍ବନ୍ଧରେ ପଢ଼ିଥିଲି ଓ ଶୁଣିଥିଲି ଏବଂ ଜମାତ୍ ଅହେମଦୀୟା ବିରୋଧରେ ମଧ୍ୟ ବହୁତ କଥା ଶୁଣିଥିଲି କିନ୍ତୁ ଏଠାକୁ ଆସି ସେ ସମସ୍ତ ଉତର ମିଳିଗଲା । ମୁଁ ଜମାତ୍‌ର ଖଲିଫାଙ୍କୁ ଦେଖିଲି, ତାଙ୍କର କଥା ଶୁଣିଲି ଏବଂ ତାଙ୍କଠାରୁ ବହୁତ ଶିକ୍ଷା ହାସଲ କଲି । ଯେଉଁକଥା ଜମାତ୍‌ର ଖଲିଫା ବର୍ଣ୍ଣନା କରିଛନ୍ତି ସେଥିରୁ ମୁଁ ବହୁତ ପ୍ରଭାବିତ ହୋଇଛି । ପୁଣି ସେ କହୁଛନ୍ତି କି ଜମାତ୍‌ର ଖଲିଫାଙ୍କ କଥା ଶୁଣି ମୋ ଭିତରେ ଏ ଦୃଢ଼ ବିଶ୍ୱାସ ଜନ୍ମିଛି କି ସମଗ୍ର ସଂସାରର ଲୋକେ ଏହି ବାର୍ତା ଓ ଏହି ମାର୍ଗକୁ ଗ୍ରହଣ କରିନେବେ ଯାହା ମହିମାମୟ ଅଲ୍ଲାଃଙ୍କ ତରଫରୁ ଆରମ୍ଭ ହୋଇଅଛି । ମୋ ତରଫରୁ ଆପଣଙ୍କୁ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ପ୍ରାପ୍ତ ହେଉ । ମୁଁ ଆପଣଙ୍କ ପାଇଁ ଉତମ ଓ ଶୁଭକାମନା କରୁଅଛି ।

ପ୍ରଫେସର୍ ଡାଃ Metus Sulejmani ସାହେବ ମକ୍‌ଦୁନିଆଠାରେ ସୋସିଓଲୋଜିର ପ୍ରଫେସର୍ ଅଛନ୍ତି । ସେ ନିଜର ମନୋଭାବକୁ ପରିପ୍ରକାଶ କରି କହୁଛନ୍ତି କି ମୁଁ ଜମାତ୍ ଅହେମଦୀୟାର ସଦସ୍ୟମାନଙ୍କର ଜଲ୍‌ସାସାଲାନାରେ ନିମନ୍ତ୍ରଣ ଓ ଉତମ ଆତିଥ୍ୟତା ପ୍ରଦାନ କରିବା ଯୋଗୁ କୃତଜ୍ଞତା ଜ୍ଞାପନ କରୁଅଛି । ଜମାତ୍ ତରଫରୁ ଜଲ୍‌ସା ସମୟରେ ମୁଁ ଯେଉଁ ଉଚ୍ଚତମ ମାନବିକ ମୁଲ୍ୟବୋଧ ଧର୍ମ ଏବଂ ସମାଜରେ ପରିପ୍ରକାଶ ହେବାର ଦେଖିଅଛି ସେଥିରେ ମୁଁ ବହୁତ ଯୁକ୍ତାତ୍ମକ ଭାବନା ରଖିଛି । ମୁଁ ଜଲ୍‌ସା ସମୟରେ ଆନ୍ତର୍ଜାତିକ ଭାଇଚାରାର ସିଦ୍ଧାନ୍ତକୁ ପରିପ୍ରକାଶ ହେବାର ଦେଖିଛି । ମୁଁ ଜମାତ୍ ଅହେମଦୀୟାକୁ ସମସ୍ତ ଐଶ୍ୱରିକ ମିଶନ୍‌ରେ ସଫଳତା ଓ ଉନ୍ନତି ଲାଭ କରିବା ପାଇଁ ଆଶା କରୁଅଛି ଏବଂ ଆପଣଙ୍କ ନିମନ୍ତେ ଦୁଆ କରୁଅଛି । ବହୁତ ସମ୍ମାନର ସହିତ ଅନୁମତି ।

ପ୍ରଫେସର୍ ଡାଃ Munir Ademi ସାହେବ୍ ମକ୍‌ଦୁନିଆରେ ପ୍ରଫେସର୍ ଅଛନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି କି ଏ ଅଧମ ନିଜ ତରଫରୁ ଓ ନିଜ ଫ୍ୟାମିଲ୍ ତରଫରୁ ଉତମ ଅତିଥି ପରାୟଣତା ଯୋଗୁ ଜମାତ୍ ଅହେମଦୀୟାର କୃତଜ୍ଞତା ଜ୍ଞାପନ କରୁଅଛୁ । ଏ ଜମାତ୍ ନିଜର ଦିନୀ, ଆଧ୍ୟାତ୍ମିକ, ଜାତିୟ ଏବଂ ସାମାଜିକ ମୂଲ୍ୟବୋଧକୁ ବହୁତ ଉତମ ଶୈଳୀରେ ଉପସ୍ଥାପନ କରୁଅଛି । ମୁଁ ଜଲ୍‌ସାସାଲାନା ୨୦୧୮ ଅବସରରେ ବିଶେଷ ରୂପେ ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍‌ଙ୍କୁ ଧନ୍ୟବାଦ ଅର୍ପଣ କରିବାକୁ ଚାହୁଁଅଛି । ତାଙ୍କର ଠୋସ୍ ଏବଂ ଦଲିଲ୍ ଯୁକ୍ତ ଅଭିଭାଷଣ ପାଇଁ ଯେଉଁଥିରେ ସେ ପ୍ରେମ, ଶାନ୍ତି ଏବଂ ଭାଇଚାରାର ଆବଶ୍ୟକତା ଉପରେ ଜୋର୍ ଦେଇଛନ୍ତି । ସେ ସାକ୍ଷାତ୍‌କାର୍ ସମୟରେ ହଜୁର୍ ଅନୁୱର୍ ଅ:ବ:ଅକୁ ପଚାରିଲେ କି ଆପଣଙ୍କ ମତରେ ସେ ସମୟ କେବେ ଆସିବ ଯେବେ ଏ ଜମାତ୍ ସମଗ୍ର ସଂସାରରେ ମୁସଲ୍‌ମାନ୍ ମାନଙ୍କର ନେତୃତ୍ୱ ନେବ ? କାରଣ ମୋତେ ଦେଖାଯାଉଛି କି ଏ

*ଅବଶିଷ୍ଟାଂଶ ପୃଷ୍ଠା-୮ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**